


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-62 ◆TUESDAY ◆26 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୬୨ ◆ମଙ୍ଗଳବାର ◆୨୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲଘୁଚାପ ଆଣୁଛି ବଡ଼ ବର୍ଷା

# ବଢୁଛି ବନ୍ୟା ଭୟ

### ସତର୍କ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ ■ ଆସନ୍ତା ୨-୩ ବେଳକୁ ପୁଣି ଏକ ଲଘୁଚାପ

■ ଭୁବନେଶ୍ୱର, ୨୫।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ଏହି ସମୟରେ ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏହି ଲଘୁଚାପ ଯୋଗୁଁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ▶ପୃଷ୍ଠା-୭

**ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ**



# ନବୀନଙ୍କୁ ଭେଟିଲେ ରାଜ୍ୟପାଳ

■ ଭୁବନେଶ୍ୱର, ୨୫।୮ (ସମିସ): ସୋମବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ସୁସ୍ଥ ଜୀବନ କାମନା କରିଛନ୍ତି। ସାକ୍ଷାତ ସମୟରେ ଉଭୟେ ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ▶ପୃଷ୍ଠା-୭

**ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କଲେ**



# ଓଡ଼ିଶା ହେବ ଦେଶର ଇଲେକ୍ଟ୍ରୋନିକ୍ସ ହବ୍



**ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ଅନୁମୋଦନ**

**ଆଇଟି କ୍ଷେତ୍ରରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

■ ଭୁବନେଶ୍ୱର, ୨୫।୮ (ସମିସ): ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଓଡ଼ିଶାର ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଆଇଟି ନୀତି-୨୦୨୫କୁ ଅନୁମୋଦନ ଦେଇଛନ୍ତି। ସେହିପରି ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ର ଆରମ୍ଭ କରିଛନ୍ତି। ବୈଠକରେ ୩ଟି ବିଭାଗର ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ▶ପୃଷ୍ଠା-୭

# ଖୁଦ ବୋଝେଇ ଟ୍ରକ୍‌ରେ ୧ କୋଟିର ଗଞ୍ଜେଇ



**ବୌଦ୍ଧରୁ ଛତିଶଗଡ଼ ହେଉଥିଲା ଚାଲାଣ**

■ ବଲାଙ୍ଗିର/ତୁଷୁରା, ୨୫।୮ (ସମିସ): ତୁଷୁରା-ଗୁଡଭେଲା ରାସ୍ତା ତେନ୍ତୁଳିଖୁଣ୍ଟି କଲେଜ ନିକଟରୁ ତୁଷୁରା ଥାନା ପୁଲିସ୍ ଆଜି ଏକ ଖୁଦ ବୋଝେଇ ଗାଡ଼ିରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏହି ଗଞ୍ଜେଇ ବୌଦ୍ଧରୁ ଛତିଶଗଡ଼ ଚାଲାଣ ହେଉଥିଲା ବୋଲି ପୁଲିସ୍ କହିଛି। ଉକ୍ତ ଗାଡ଼ିରୁ ଶହେ ବସ୍ତା ଖୁଦ ଚାଉଳ ମଧ୍ୟ ଜବତ ହୋଇଛି।

ସୂଚନାନୁସାରେ, ଏକ ମିନିଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ତୁଷୁରା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ତେଣୁ ଗାଡ଼ିକୁ ଧରିବା ପାଇଁ ପୁଲିସର ଏକ ଟିମ୍ ତୁଷୁରା-ଗୁଡଭେଲା ରାସ୍ତାର ତେନ୍ତୁଳିଖୁଣ୍ଟି କଲେଜ ନିକଟରେ ଛକି ▶ପୃଷ୍ଠା-୭





72198 21111

BAJAJ SECURE • AMC • ROAD SIDE ASSISTANCE | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି କ୍ୟାଶ୍‌ବ୍ୟାକ୍, ନିଲ୍ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ । ଫାଇନାନ୍‌ସର୍ / ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ନିଲ୍ ପିଏଫ୍ ଆଉ ଇନ୍‌ସ୍ୟୋରାନ୍ସ ଭିନ୍ନ ହୋଇପାରେ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଯଥୋଚିତ ମଡେଲଙ୍କ ବେସ୍ ଭାରିଆଣ୍ଟ ସକାଶେ । **ଡାଉନ୍-ପେମେଣ୍ଟ ହେଉଛି ପଲ୍‌ସର୍ 125 Neon ପାଇଁ ମାର୍ଜିନ୍ ମନୀ । ମାର୍ଜିନ୍ ମନୀ ରେ ଡିସିସି ଚାର୍ଜେସ୍, ପ୍ରୋସେସିଙ୍ଗ ଫୀଜ୍, ଅନ୍ୟାନ୍ୟ ଚାର୍ଜ ମିଶିନାହିଁ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ସର୍ତ୍ତ ଓ ନିୟମାବଳୀ ଲାଗିବ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ। ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela RM BAJAJ 9078083803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଜେଡ୍ ସିକ୍ୟୁରିଟି ହଟାଗଲା

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ ସିକ୍ୟୁରିଟି ବ୍ୟବସ୍ଥାକୁ ସୋମବାର ହଟାଇ ଦିଆଯାଇଛି । ୪ ଦିନ ତଳେ ତାଙ୍କ ଉପରେ ଆକ୍ରମଣ ହେବା ପରେ ଏହି ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା । ତେବେ ଏହାକୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି । ଫଳରେ ପୁଣି ଥରେ ତାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସକୁ ଦାୟିତ୍ୱ ଦିଆଯାଇଛି । ସେପଟେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ରବିବାର ଜଣେ ଦ୍ୱିତୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜେଶ ସାକାରିୟାଙ୍କୁ ଗିରଫର କରାଯାଇଥିଲା । ଏବେ ତାର ସହଯୋଗୀ ତହସିନ ସୟଦଙ୍କୁ ଗିରଫ କରାଯାଇଛି । ଅଗଷ୍ଟ ୨୦ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ରେଖାଙ୍କ ଉପରେ ଆକ୍ରମଣ ହୋଇଥିଲା । ନିଜର ଅଭିଯୋଗ ଶୁଣାଇବାକୁ ଆସିବା ବାହାନରେ ରାଜେଶ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତକୁ ଟାଣି ଚାପୁଡା ମାରିଥିଲା । ଏହି ମାମଲାରେ ପୁଲିସ ନଜରରେ ଆହୁରି ୧୦ଜଣ ଲୋକ ରହିଛନ୍ତି । ଆକ୍ରମଣ ଗୋଟିଏ ଦିନ ପୂର୍ବରୁ ରାଜେଶ ରେଖାଙ୍କ ବାସଭବନ ଆଗରେ ରେକି କରିଥିଲା ବୋଲି ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା ।

# ରାଜନୈତିକ ବିଶ୍ଳେଷକଙ୍କ ବିରୋଧରେ ଏତଲା ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନିର୍ବାଚନ ବିଶେଷଜ୍ଞ ଓ ଲୋକନୀତି- ସିଏସ୍‌ଡିଏସ୍‌ର ସହ ନିର୍ଦ୍ଦେଶକ ସଞ୍ଜୟକୁମାରଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି । ୨୦୨୪ ମହାରାଷ୍ଟ୍ର ନିର୍ବାଚନରେ ଭୋଟରଙ୍କୁ ନେଇ ସୃଷ୍ଟି ହୋଇଥିବା ଅସଂଗତି ଉପରେ ଟୁଇଟ୍ କରିଥିଲେ । ଏହି ଟୁଇଟ୍‌ଗୁଡିକୁ ସେ ଡିଲିଟ କରିଛନ୍ତି । ଫଳରେ ବିରୋଧୀ ଦଳଗୁଡିକ ଏହାକୁ ସମାଲୋଚନା କରିଛନ୍ତି ଓ ସେ ବିଜେପି ସହିତ ମିଶିଥିବା ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ସମାଲୋଚନା କରିଛନ୍ତି । ଇତିମଧ୍ୟରେ ଟୁଇଟ୍ ଡିଲିଟ କରିବା ନେଇ ମଧ୍ୟ ସଞ୍ଜୟ ସ୍ପଷ୍ଟିକରଣ ଦେଇଛନ୍ତି । ତଥ୍ୟଗତ ତ୍ରୁଟି ଥିବାରୁ ଏହାକୁ ଉଡାଇବାକୁ ହେଲା ବୋଲି ସେ କହିଛନ୍ତି । ମହାରାଷ୍ଟ୍ର ନିର୍ବାଚନ ନେଇ କରିଥିବା ଟୁଇଟ୍ ନେଇ ହୃଦୟରୁ କ୍ଷମା ମାଗୁଛି ବୋଲି ସଞ୍ଜୟ ଉଲ୍ଲେଖ କରିଛନ୍ତି । ୨୦୨୪ ଲୋକସଭା ଓ ୨୦୨୪ ବିଧାନସଭା ନିର୍ବାଚନର ଡାଟା ତଥା ତଥ୍ୟ ତୁଳନା କରିବା ବେଳେ ତ୍ରୁଟି ହୋଇଥିଲା । ଆମ ଡାଟା ଟିମ୍ ଦ୍ୱାରା ଏହା ଭୁଲ ପଢ଼ାଯାଇଥିଲା । ତେଣୁ ଟୁଇଟ୍‌ଗୁଡିକୁ ହଟାଇବାକୁ ପଡ଼ିଥିଲା । କୌଣସି ପ୍ରକାର ଭୁଲ ସୂଚନା ପ୍ରଚାର କରିବା ମୋର ଲକ୍ଷ୍ୟ ନଥିଲା ବୋଲି ସେ କହିଛନ୍ତି । ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟାରେ ଅବନତୀ ହୋଇଥିବା କଥା ସେ ହଟାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରିଥିଲେ । ସଞ୍ଜୟ ଏହି ଟୁଇଟ୍ ଡିଲିଟ କରିଛନ୍ତି ଓ ଏବେ ଏ ନେଇ ସାର୍ବଜନୀନ ଭାବେ କ୍ଷମା ମାଗିଛନ୍ତି । ତେଣୁ ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଉଚିତ ନୁହଁ ବୋଲି ସଞ୍ଜୟଙ୍କ ଓକିଲ ଆଜିର ଶୁଣାଣିରେ କହିଥିଲେ । ତେଣୁ ଏହି ମାମଲାର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି ।

# ସଡ଼କ ଦୁର୍ଘଟଣାରେ ୯ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୪୫ ଆହତ

ବୁଲନ୍ଦସହର, ୨୫ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ରବିବାର ବିଳମ୍ବିତ ରାତି ଏକ ସଡକ ଦୁର୍ଘଟଣାରେ ୯ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରାକ୍ଟରକୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ପଛରୁ ଧକ୍କା ଦେବା ଫଳରେ ଟ୍ରାକ୍ଟର ପଲଟି ଯାଇଥିଲା । ମୃତକଙ୍କ ମଧ୍ୟରେ ମା ଓ ପୁଅ ସାମିଲ ଅଛନ୍ତି । ଏଥିରେ ୪୫ ଜଣ ଲୋକ ଆହତ ହୋଇଛନ୍ତି । ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷର ପିଲା, ୫ ପୁରୁଷ ଓ ୩ ଜଣ ମହିଳା ସାମିଲ ରହିଛନ୍ତି । ରବିବାର ରାତି ୨ଟାରେ ଜାତୀୟ ରାଜପଥ ୩୪ରେ ଅରନିଆ ଅଞ୍ଚଳର ଘଟଲ ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିଲା । ଶ୍ରଦ୍ଧାଳୁମାନେ କାସଗଞ୍ଜରୁ ଜହାରବୀର (ଗୋଗାଜୀ) ଦର୍ଶନ ପାଇଁ ରାଜସ୍ଥାନର ଗୋଗାମେଡି ଯାଉଥିଲେ । ଟ୍ରାକ୍ଟରରେ ୬୧ ଜଣ ଶ୍ରଦ୍ଧାଳୁ ବସିଥିଲେ । ପୁଲିସ ଆହତଙ୍କୁ ଆମ୍ବୁଲାନ୍ସ ଜରିଆରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା । ମୃତଦେହଗୁଡିକର ପୋଷ୍ଟମର୍ଟମ ପାଇଁ ପୁଲିସ ବ୍ୟବସ୍ଥା କରିଛି । ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୫୦ ହଜାର ଲେଖାଏ ଟଙ୍କା ଦେବାକୁ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି । ସବୁ ମୃତକଙ୍କ ଘର କାସଗଞ୍ଜ ବୋଲି ପୁଲିସ କହିଛି । ଦୁଘଟଣାରେ ପୀଡିତଙ୍କୁ ଉଦ୍ଧାର କରିବା ପ୍ରକ୍ରିୟାରେ ସ୍ଥାନୀୟ ଲୋକ ସହଯୋଗ କରିଥିଲେ ।

# ଏଲ୍‌ଭିଶ ଯାଦବଙ୍କ ଘରକୁ ଗୁଳି ମାରିବା ମାମଲାରେ ୨ ଗିରଫ

ଗୁରୁଗ୍ରାମ, ୨୫ ।୮ (ଏଜେନ୍ସି): ଗୁରୁଗ୍ରାମରେ ଜଣାଶୁଣା ୟୁଟ୍ୟୁବର ଏଲିଭିଶ ଯାଦବଙ୍କ ଘର ଉପରକୁ ଗୁଳିମାଡ ଘଟଣାରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଟିମ୍ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ସୁଟରଙ୍କୁ ଗିରଫ କରିଛି । ଏମାନେ ହେଲେ ଫରିଦାବାଦର ଗୌରବ ଓ ଆଦିତ୍ୟ । ଏମାନେ ଦିଲ୍ଲୀର ଶାହାବାଦ ଅଞ୍ଚଳରେ ଲୁଚି ରହିଥିଲେ । ଏହି ଦୁଇ ସୁଟର କୁଖ୍ୟାତ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ପାଇଁ କାର୍ଯ୍ୟ କରୁଥିଲେ । ଆମେରିକାର ରହି ଭାଉ ଏକ ସିଗ୍‌ନାଲ ଆପ୍ ମାଧ୍ୟମରେ ଏହି ଦୁଇ ସୁଟରଙ୍କ ସମ୍ପର୍କରେ ଆସିଥିଲା । ଅଗଷ୍ଟ ୧୭ ରେ ଏଲଭିସ୍‌ଙ୍କ ଘର ଉପରକୁ ୨୪ ରାଉଣ୍ଡ ଫାୟାରିଂ ହୋଇଥିଲା । ଫଳରେ ଘରର କବାଟ, ଝରକା, ଛାତର ସିଲିଂରେ ଗୁଳିର ଚିହ୍ନ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟ କରିବାକୁ ଗୌରବ ଓ ଆଦିତ୍ୟଙ୍କୁ ୫୦ ହଜାର ଲେଖାଏ ଟଙ୍କା ମିଳିଥିଲା ।



# ଗାଜା ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣ

- ୪ ସାମ୍ବାଦିକଙ୍କ ସମେତ ୨୦ ମୃତ
- ଏପର୍ଯ୍ୟନ୍ତ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି

ଗାଜା, ୨୫ ।୮ (ଏଜେନ୍ସି): ଗାଜା ଉପରେ ଇସ୍ରାଏଲ ପୁଣି ଆକ୍ରମଣ କରିଛି । ସୋମବାର ଗାଜାର ନାସେର ହସ୍ପିଟାଲ ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ଆକ୍ରମଣ କରିବାରୁ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୪ ଜଣ ସାମ୍ବାଦିକ ମଧ୍ୟ ସାମିଲ ରହିଛନ୍ତି ବୋଲି ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି । ଆସୋସିଏଟ ପ୍ରେସର ଜଣେ ଫ୍ରିଲାନ୍ସର ମଧ୍ୟ ମୃତ୍ୟୁବରଣ କରିଛନ୍ତି ।

ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଏହି ୨୨ ମାସର ଲଢ଼େଇରେ ଏପର୍ଯ୍ୟନ୍ତ ମୋଟ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି । ସେହିପରି ରୁଷିଆ- ୟୁକ୍ରେନ ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି । ଏହି ଆକ୍ରମଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କିଛି କହିବାକୁ ମନା କରିଦେଇଛି । ଏହାପୂର୍ବରୁ ସାହଯ୍ୟ ପାଇଁ ୪ ଜଣ ପାଲେଷ୍ଟାଇନ୍ ନାଗରିକ ରବିବାର ଗାଜା ସିଟିର ଦକ୍ଷିଣରେ ଥିବା ମିଲିଟାରୀ ଜୋନ ଦେଇ ଯାଉଥିବା ବେଳେ ଇସ୍ରାଏଲ ସେନା ଗୁଳିରେ ପ୍ରାଣ ହରାଇଥିଲେ । ଏହି ଯୁଦ୍ଧ କାରଣରୁ ଗାଜାରେ ଜାତିସଂଘ ଦୁର୍ଭିକ୍ଷ ଘୋଷଣା କରିଛି । ଯୁଦ୍ଧରେ ଏପର୍ଯ୍ୟନ୍ତ ୬୨, ୬୮୬ ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି । ଏପର୍ଯ୍ୟନ୍ତ କେବଳ ଖାଦ୍ୟ ଅଭାବରୁ ଅର୍ଥାତ ଅନାହରରେ ୨୮୯ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୧୧୫ ଜଣ ପିଲା ସାମିଲ ରହିଛନ୍ତି ।

# ମେଡିକାଲ କଲେଜ ନାମଲେଖାରେ ଜାଲିଆତି

- ନକଲି ଦସ୍ତାବିଜ, ନକଲି ପରିବାର
- ନକଲି ଏନ୍‌ଆରଆଇ ପ୍ରମାଣପତ୍ର
- ୧୮ ହଜାର ସିଟ୍‌ରେ ଆଡ୍‌ମିସନ

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମଲେଖାରେ ବଡ଼ ଧରଣର ଜାଲିଆତି ହୋଇଛି । ଜାଲ ଦସ୍ତାବିଜ୍, ଜାଲ ପରିବାର ଓ ଜାଲ ପ୍ରମାଣପତ୍ର । ଏମ୍‌ବିବିଏସ୍ ଏବଂ ପିଜି ମେଡିକାଲ କଲେଜ ଆଡମିସନରେ ଏଭଳି ଜାଲିଆତି ହୋଇଥିବାର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ।ମେଡିକାଲକଲେଜଗୁଡିକରେଚଢ଼ଉବେ ।।ଳେ ଇଡି ଯାଞ୍ଚ୍ ବେଳେ ଅନେକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି । ବିଶେଷ କରି ଏନ୍‌ଆର୍‌ଆଇ କୋଟାରେ ନାମଲେଖା ବେଳେ ଏଭଳି ଜାଲିଆତି ହୋଇଛି । ଏଥିରେ ଦଲାଲଙ୍କ ସହିତ ମେଡିକାଲ କଲେଜ କର୍ତ୍ତୃପକ୍ଷ ମଧ୍ୟ ସାମିଲ ଅଛନ୍ତି । ଇଡି ସୂଚନା ଅନୁଯାୟୀ ନକଲି ପ୍ରବାସୀ ଭାରତୀୟ ବା ଏନ୍‌ଆରଆଇ କାଗଜପତ୍ର ଦେଇ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖାଇଛନ୍ତି । ଘରୋଇ ମେଡିକାଲ କଲେଜଗୁଡିକରେ ନକଲି ଏନ୍‌ଆରଆଇ ପ୍ରମାଣପତ୍ର ସହ ୧୮ ହଜାର ସିଟ୍‌ରେ ନାମଲେଖା ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ଓ ଭାରତୀୟ ଦୂତାବାସର ସହଯୋଗରେ ଇଡି ଏହିସବୁ ତଥ୍ୟ ହାସଲ କରିଛି । ଏଜେଣ୍ଟମାନଙ୍କୁ ପଇସା ଦେଇ ଅନେକ ଘରୋଇ କଲେଜ ନିକଲି ଏନ୍‌ଆରଆଇ ପ୍ରମାଣପତ୍ର ପ୍ରସ୍ତୁତ କରିଛନ୍ତି । ଦୂତାବାସ ସହିତ ଜଡିତ ନକଲି ଏନ୍‌ଆରଆଇ କାଗଜପତ୍ର ଓ ପରିବାର ସମ୍ପର୍କରେ ନକଲି କାଗଜ ପ୍ରସ୍ତୁତ କରାଯାଇଛି । ଏପରିକି ନାମଲେଖା ବେଳେ ଭିନ୍ନ ଭିନ୍ନ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୋଟିଏ ପ୍ରକାର ପ୍ରମାଣପତ୍ର ମଧ୍ୟ ବ୍ୟବହାର କରାଯାଇଛି ।

ଇଡି ପକ୍ଷରୁ କୁହାଯାଇଛି ଯେ କିଛି ଦିନ ତଳେ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟର ଅନେକ ମେଡିକାଲ କଲେଜରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ହଜାର ହଜାର ଏନ୍‌ଆର୍‌ଆଇ ସାର୍ଟିଫିକେଟ ଜବତ କରାଯାଇଥିଲା । ଏହାର ଯାଞ୍ଚ ପାଇଁ ଭାରତୀୟ ଦୂତାବାସକୁ ପଠାଯାଇଥିଲା । ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଅଧିକାଂଶ ଏନ୍‌ଆର୍‌ଆଇ ସାର୍ଟିଫିକେଟ୍ ଜାଲ୍ । ଏହିସବୁ ସାର୍ଟିଫିକେଟରେ ଲାଗିଥିବା ଆମେରିକୀୟ ନୋଟାରୀ ଅଧିକାରୀଙ୍କ ଷ୍ଟାମ୍ପ ମଧ୍ୟ ନକଲି ବୋଲି ସ୍ପଷ୍ଟ ହୋଇଛି । ନିୟମ ଅନୁସାରେ ଏନ୍‌ଆରଆଇ କୋଟାରେ ନାମଲେଖାଇଥିବା ଛାତ୍ରଙ୍କର ଫିସ୍ ତାଙ୍କ ଏନ୍‌ଆରଆଇ ସମ୍ପର୍କୀୟ ଦେଇଥାନ୍ତି । କିନ୍ତୁ ଏହି ଫିସ୍ ଏନ୍‌ଆରଆଇଙ୍କ ପରିବାର ନୁ ।।ହେଁ, ବରଂ ଏନଆରଆଇଙ୍କ ପକ୍ଷରୁ ପଇଠ କରାଯାଇଛି । ଏହି ମାମଲାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଜଣାପଡ଼ିଛି । ଦୁର୍ନୀତିରେ ସାମିଲ ଥିବା କଲେଜ ବିରୋଧରେ କର୍ଯ୍ୟାନୁଷ୍ଠାନ ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି ।



# ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସି ବିଧାୟକ ଗିରଫ

**ପାଚେରି ଡେଇଁ ପଳାଉଥିଲେ; ଧରିଲା ଇଡି**

କୋଲକାତା, ୨୫ ।୮ (ଏଜେନ୍ସି): ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ର ଜଣେ ବିଧାୟକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗରିଫ କରିଛି । ମୁର୍ଶିଦାବାଦ ଜିଲ୍ଲାର ବୁରୱାନ ନିର୍ବାଚନମଣ୍ଡଳୀର ଏହି ବିଧାୟକ ଜୀବନ କ୍ରିଷ୍ଣା ଶାହାଙ୍କୁ ଏସ୍‌ଏସ୍‌ସି ସହାୟକ ଶିକ୍ଷକ ନିଯୁକ୍ତି ମାମଲାରେ ଇଡି ତାଙ୍କ ବାସଭବନରୁ ଗିରଫ କରିଛି । ଇଡି ପହଞ୍ଚିବା ପୂର୍ବରୁ ତାଙ୍କୁ ଖବର ମିଳିଯାଇଥିଲା । ତେଣୁ ସେ ପାଚେରୀ ଡେଇଁ ପଳାଇବାକୁ ପ୍ରୟାସ କରିଥିଲେ । ଇଡି କର୍ମଚାରୀ ତାଙ୍କୁ ଗୋଡ଼ାଇ ଧରିଥିଲେ । ସେ ନିଜ ମୋବାଇଲ ଫୋନ୍ ନାଳରେ ପକାଇଦେଇଥିଲେ ।। ଇଡି ଏହାକୁ ଜବତ କରିଛି ।

ମନି ଲଣ୍ଡ୍ରିଂ ମାମଲାରେ ଶାହା, ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆସିଛି । ଏବେ ତାଙ୍କୁ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବ ଓ ତଦନ୍ତ ପାଇଁ ହାଜତକୁ ଆଣିବା ପାଇଁ ଅପିଲ କରାଯିବ ।। ଶିକ୍ଷକ ନିଯୁକ୍ତି ମାମଲାରେ ବୀରଭୁମ୍‌ର ଜଣେ ବ୍ୟକ୍ତିଙ୍କ ସହ ଶାହା ଅର୍ଥ ନେଣଦେଣ କରିବାର ସୂଚନା ପାଇବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇଡି ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କ ବୀରଭୁମ୍‌ସ୍ଥିତ ଘରେ ଚଢ଼ାଉ କରିଥିଲା । ଏହା ପୂର୍ବରୁ ଇଡି ଶାହାଙ୍କ ପତ୍ନୀଙ୍କୁ ମଧ୍ୟ ପଚରାଉଚରା କରିଥିଲା । ଉଲ୍ଲେଖଥାଉ କି ୨୦୨୩ରେ ଶାହାଙ୍କୁ ଏହି ମାମଲାରେ ସିବିଆଇ ଗିରଫ କରିଥିଲା । କିନ୍ତୁ ତାଙ୍କୁ ପରେ ଛାଡି ଦିଆଯାଇଥିଲା । ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସହାୟକ ଓ ପ୍ରାଥମମିକ ଶିକ୍ଷକ ନିଯୁକ୍ତି ମାମଲାରେ ଯାଞ୍ଚ୍ କରିବାକୁ କୋଲକାତା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଇଡି ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ ଓ ଅନ୍ୟତମ ଟିଏମ୍‌ସି ବିଧାୟକ ପଶ୍ଚିମବଙ୍ଗ ପ୍ରାଥମିକ ଶିକ୍ଷା ବୋର୍ଡର ପୂର୍ବତନ ଅଧ୍ୟକ୍ଷ ମାଣିକ ଭଟାଚାର୍ଯ୍ୟଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା ।



# ଧନଖଡ଼ଙ୍କ ସଂପର୍କରେ ମୁହଁ ଖୋଲିଲେ ଅମିତ ଶାହ

ନୂଆଦିଲ୍ଲୀ, ୨୫ ।୮: ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନେଇ ମୁହଁ ଖୋଲିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ସେ କହିଛନ୍ତି ଯେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି । ଇସ୍ତଫା ପରେ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ବିରୋଧୀ ଦଳ ଯାହା ଅଭିଯୋଗ କରୁଛନ୍ତି, ତାହା ସଂପୂର୍ଣ୍ଣ ମିଛ । ଏଥିରେ ଟିକିଏ ମାତ୍ର ସତ୍ୟତା ନାହିଁ । ଏଏନ୍‌ଆଇକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହିତ କହିଛନ୍ତି ଯେ ଧନଖଡ଼ଙ୍କୁ ନେଇ ବିରୋଧୀ ଦଳ ଅଯଥାରେ ବିବାଦ ସୃଷ୍ଟି କରୁଛନ୍ତି । ନିଜ ଇସ୍ତଫାପତ୍ରରେ ଧନଖଡ଼ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି, ତାଙ୍କର ସ୍ୱାସ୍ଥ୍ୟ ଠିକ୍ ନୁହେଁ । ପୁଣି ଏହି ପତ୍ରରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କୁ ନେଇ ବିରୋଧୀ ଦଳମାନେ ଯାହା ପ୍ରଚାର କରୁଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ ।

ଲୋକସଭାରେ ଆଗତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏହାକୁ ନେଇ କାହିଁକି ବିବାଦ ସୃଷ୍ଟି କରାଯାଉଛି ତାହା ସେ ବୁଝି ପାରୁ ନାହାନ୍ତି । ରାଜନୀତିରେ ନୈତିକ ମୂଲ୍ୟବୋଧର ସ୍ତର ବୃଦ୍ଧି କରିବା ଲାଗି ଏହା ଉଦ୍ଦିଷ୍ଟ । ଦୁର୍ନୀତି ଓ ଅନ୍ୟ ଅପରାଧ ଅଭିଯୋଗରେ ଗିରଫ ହୋଇ ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କି ଅନ୍ୟ କେଉଁ ମନ୍ତ୍ରୀ ସେମାନେ ପଦ ହରାଇବେ । ଏଥିରେ ଅସୁବିଧା କଣ? ଜେଲରୁ ରହି ସରକାର ଚଳାଇବା ଠିକ୍ ନୁହେଁ । ଏହା ଗଣତନ୍ତ୍ର ପ୍ରତି ଅପମାନ । ନିଜର ଉଦାହରଣ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ, ୨୦୧୦ରେ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ଏକ ମିଥ୍ୟା ମାମଲାରେ ତାଙ୍କୁ ଫସାଯାଇଥିଲା । ଏହି ମାମଲାରେ ସିବିଆଇ ସମନ୍ ପାଇବା କ୍ଷଣି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । କେବଳ ଏତିକି ନୁହେଁ, ଏହି ମାମଲାରେ ଦୋଷମୁକ୍ତ ନ ।।ହେବା ପର୍ଯ୍ୟନ୍ତ ସେ କୌଣସି ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିନଥିଲେ । ସେ କଂ ।।ଗ୍ରେସ ନେତା ଗାନ୍ଧୀଙ୍କର ଉଦାହରଣ ଦେଇ କହିଲେ ଯେ ଅପରାଧୀଙ୍କୁ ଅଯୋଗ୍ୟ ଘୋଷିତ କରିବା ଲାଗି ମନମୋହନ ସରକାର ଏକ ଅଧ୍ୟାଦେଶ ଆଣିଥିଲେ । ଏହି ଅଧ୍ୟାଦେଶକୁ ରାହୁଲ ଗାନ୍ଧୀ ବିରୋଧ କରିବା ସହିତ ଏହାର କପିକୁ ଚିରି ଦେଇଥିଲେ । ଏବେ ଏଭଳି ବିଲକୁ ସେ କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଅମିତ ଶାହ ।

# ୩ବର୍ଷର ଶିଶୁ ସହ ଜଳିଗଲେ ଅଧ୍ୟାପିକା



ଯୋଧପୁର, ୨୫ ।୮: ନୋଏଡ଼ାରେ ଯୌତୁକ ପାଇଁ ସ୍ୱାମୀ ଓ ଶାଶୂ ଜଣେ ମହିଳାଙ୍କୁ ନିଆଁ ଲଗାଇ ହତ୍ୟା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ । ଯୌତୁକ ନିର୍ଯାତନାର ଶିକାର ଜଣେ ଅଧ୍ୟାପିକା ନିଜ ୩ ବର୍ଷର ଶିଶୁକନ୍ୟା ସହିତ ନିଆଁ ଲଗାଇ ଆତ୍ମଦାହ କରିଛନ୍ତି । ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ଦେଉଥିବା ନିର୍ଯାତନା ଅସହ୍ୟ ହୋଇପଡ଼ିବାରୁ ସେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ ସଂଜୁ ବିଷ୍ଣୋଇ ନାମକ ଏହି ମହିଳା ଜଣକ ଏକ କଲେଜରେ ଅଧ୍ୟାପିକା ଥିଲେ । ଗତ ଶୁକ୍ରବାର ଦିନ ସେ କଲେଜରୁ ଫେରିଥିଲେ । ଏହାପରେ ନିଜ ଶିଶୁ କନ୍ୟାକୁ ଧରି ଏକ ଚୌକିରେ ବସିପଡ଼ିଲେ । ନିଜ ଓ ଶିଶୁ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ । ଏହି ସମୟରେ ଘରେ କେହି ନଥିଲେ । ଘରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଂଚିଲା ବେଳକୁ ଝିଅର ମୃତ୍ୟୁ ଘଟିଥିଲା । ସଂଜୁଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି । ଶାଶୂ ଘର ଲୋକଙ୍କ ବିରୋଧରେ ସଞ୍ଜୁଙ୍କ ପିତା ମଧ୍ୟ ଥାନାରେ ଏତଲା ଦେଇଛନ୍ତି । ତେବେ ତଦନ୍ତ ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀ କହିଛନ୍ତି ।

# ମହଙ୍ଗା ହେଲା ଦିଲ୍ଲୀ ମେଟ୍ରୋ ଯାତ୍ରା

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦିଲ୍ଲୀ ମେଟ୍ରୋର ଯାତ୍ର ସୋମବାରଠାରୁ ମହଙ୍ଗା ହୋଇଛି । ଦିଲ୍ଲୀ ମୋଟ୍ରୋ ରେଲ୍ କର୍ପୋରେସନ (ଡିଏମ୍‌ଆରସି) ଅଗଷ୍ଟ ୨୫ରୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ଟିକଟ ମୂଲ୍ୟରେ ବୃଦ୍ଧି କରିଛି । ସାଧାରଣ ରୁଟ୍‌ରେ ଭଡା ୧ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ୩୨ କିମିରୁ ଊର୍ଦ୍ଧ୍ୱ ପଥ ଯାତ୍ରା ପାଇଁ ଭଡାରୁ ୬୦ରୁ ୬୪ ଟଙ୍କା କରାଯାଇଛି । ୮ ବର୍ଷ ପରେ ମେଟ୍ରୋ ରେଲ୍‌ରେ ଭଡା ବୃଦ୍ଧି କରାଯାଇଛି । ଦୂରତା ଅନୁସାରେ ଭଡା ବୃଦ୍ଧି ହୋଇଛି । ସବୁଠାରୁ ଦୀର୍ଘ ପଥ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୬୪ ଓ ୨ କିମି ପର୍ଯ୍ୟନ୍ତ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୧୧ ଟଙ୍କା ଦେବାକୁ ହେବ ।

# ଏକଜଷ୍ଟ ପଙ୍ଖା କଣାରୁ ଭିଡିଓ ରେକର୍ଡିଂ କରାଯାଇଥିଲା

**କୋଲକାତା ଲ' କଲେଜ ଦୁଷ୍କର୍ମ ମାମଲା**
**୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

କୋଲକାତା, ୨୫ ।୮ (ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଲ' କଲେଜ ଛାତ୍ରୀ ଦୁଷ୍କର୍ମ ମାମଲାରେ ୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ଦୁଷ୍କର୍ମର ଏକାଧିକ ଭିଡିଓ ଉତ୍ତୋଳନ କରି ଛାତ୍ରୀଙ୍କୁ ବ୍ଲାକମେଲ କରାଯାଉଥିଲା ବୋଲି ଉଲ୍ଲେଖ କରାଯାଇଛି । ପୀଡ଼ିତା ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ମେଡିକାଲ ପରୀକ୍ଷାରେ ନିଶ୍ଚିତ ହୋଇଛି । ଅଭିଯୁକ୍ତର ଡିଏନ୍‌ଏ ଫରେନସିକ ସାମ୍ପୁଲ ସହ ମେଳ ଖାଉଛି ବୋଲି ପୁଲିସକୁ ପ୍ରମାଣ ମିଳିଛି । ଗତ ଜୁନ୍ ୨୫ରେ ଦକ୍ଷିଣ କୋଲକାତା ଲ କଲେଜ କ୍ୟାମ୍ପସରେ ମନୋଜିତ ମିଶ୍ରା ନାମକ ଜଣେ ଛାତ୍ରନେତା ଓ ତା'ର ୨ ଜଣ ସହଯୋଗୀ ଜେବ ଅହମ୍ମଦ, ପ୍ରମିତ ମୁଖାର୍ଜୀ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ । ଏହି ମାମଲାରେ ପିନାକି ବାନାର୍ଜୀ ନାମକ ଜଣେ ସିକ୍ୟୁଟିଟି ଗାର୍ଡ ମଧ୍ୟ ସାମିଲ ରହିଥିଲା ।। ଚାର୍ଜସିଟ୍‌ରେ ଏହି ୪ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ଅଭିଯୁକ୍ତମାନେ ପୀଡିତାଙ୍କୁ ଘୋଷାଡି ବନ୍ଧକ ରଖୁଥିବାର ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ମୋବାଇଲ୍‌ରେ ପୀଡିତାଙ୍କ ବହୁ ଆପତ୍ତିଜନକ ଭିଡିଓ ଜବତ କରାଯାଇଛି । କାନ୍ଥରେ ଲାଗିଥିବା ଏକ୍‌ଜଷ୍ଟ ପଙ୍ଖାର କଣାରେ କ୍ୟାମେରା ଲଗାଇ ଅଭିଯୁକ୍ତମାନେ ଭିଡିଓ ଉତ୍ତୋଳନ କରିଥିଲୋ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି । ଭିଡିଓରେ ଥିବା ଅଭିଯୁକ୍ତିମାନଙ୍କ ସ୍ୱର ସହ ନମୁନା ମେଳଖାଉଛି । ଘଟଣାସ୍ଥଳରେ ହିଁ ଅଭିଯୁକ୍ତର ମୋବାଇଲ ଫୋନ ଲୋକେସନ ରହିଥିଲା । ସିକ୍ୟୁରିଟି ଗାର୍ଡଜଣକ ଏହି ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେବା ବଦଳରେ ଗାର୍ଡ ରୁମ୍‌ରେ ଚାବି ପକାଇଥିଲେ । ତେଣୁ ଚାର୍ଜସିଟ୍‌ରେ ତାର ନାମ ରହିଛି । ଉଲ୍ଲେଖଥାଉ କି, ଏହି ଘଟଣା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରା ବିଭିନ୍ନ ମାମଲାରେ ୮ଥର ଗିରଫ ହୋଇଥିଲେ ମଧ୍ୟ ତାକୁ ବନ୍ଧୁମାନେ ଜାମିନରେ ବାହର କରିଥିଲେ । ମନୋଜିତ ଏହି ଲ କଲେଜର ପୂର୍ବତନ ଛାତ୍ର ଓ ସେ ଚୁକ୍ତିଭିତ୍ତିରେ କଲେଜରେ କାମ କରୁଥିଲା । ସେ ୨୦୧୨ରେ ଲ କଲେଜ ଛାତ୍ରସଂଘର ସାଧାରଣ ସମ୍ପାଦକ ରହିଥିଲା । ସେ ମଧ୍ୟ ତୃଣମୂଳ କଂଗ୍ରେସର ଦକ୍ଷିଣ କୋଲକାତା ସଂଘର ସମ୍ପାଦକ ଥିଲା । ।

# ଲକ୍ଷ୍ନୌରେ ଶୁଭାଂଶୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲକ୍ଷ୍ନୌ, ୨୫ ।୮ (ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତରୀକ୍ଷରୁ ଫେରିବା ପରେ ୪୧ ଦିନ ପରେ ଲକ୍ଷ୍ନୌରେ ପହଞ୍ଚିଛନ୍ତି । ତାଙ୍କ ସହ ପତ୍ନୀ କାମନା ଓ ୬ ବର୍ଷର ପୁଅ କିଆଂଶ ମଧ୍ୟ ସାଥିରେ ଥିଲେ । ବିମାନ ବନ୍ଦରରେ ମହକାଶଚାରୀ ପୋଷାକ ପିନ୍ଧି ପିଲାମାନେ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଉପ- ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ । ହଜାର ହଜାର ଲୋକ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ । ଢୋଲ ଓ ବାଜା ବଜାଇବା ସହ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ 'ଭାରତ ମାତାକି ଜୟ' ଧ୍ୱନୀରେ ବିମାନ ବନ୍ଦରରେ ପ୍ରକମ୍ପିତ ହୋଇଥିଲା ।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ

ପୁରୀ,୨୫।୮ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇ ଜଗମୋହନରେ ବିଜେ ହୋଇଥିଲେ । ସେଠାରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା । ହରଚଣ୍ଡୀ ସାହିବାସୀ ଏହି ଲୀଳା ପ୍ରସ୍ତାବ ଆଗତ କରିଥିଲେ । ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ । ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାପ୍ରଭୁ କୃଷ୍ଣ ଅବତାରରେ ଗୋପୀମାନଙ୍କ ସହିତ ଲୀଳା କରୁଥିଲେ । ସେତେବେଳେ ଗୋପୀମାନେ ନିକୁଞ୍ଜ ବା ଲତାକୁଞ୍ଜରେ ରାଧାକୃଷ୍ଣଙ୍କୁ ବସାଇ ବିଭିନ୍ନ ପ୍ରକାର ଫୁଲରେ ସଜାଇ ତାଙ୍କ ସହିତ ଲୀଳା କରୁଥିଲେ । ସେହି ସ୍ମୃତିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି ।

## ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ

ପୁରୀ,୨୫।୮ (ସମିସ): ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଗତ ଶୁକ୍ରବାରଠାରୁ ଭଙ୍ଗା ଆରମ୍ଭ ହୋଇଛି । ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଥିଲା । ରବିବାର ଦେବଦଳନ ରଥ ଭଙ୍ଗା ସମ୍ପୂର୍ଣ୍ଣ ହେବା ପରେ ସୋମବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ ହୋଇଛି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୯ ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି । ଉପରଆଡୁ ରଥ ଭଙ୍ଗା ଯାଉଛି । ସୋମବାର ସୁଦ୍ଧା ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଦୁଆରବେଢ଼ା ପର୍ଯ୍ୟନ୍ତ ଭଙ୍ଗାଯାଇଛି । ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀ ଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି । ତାଳଧ୍ୱଜ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି । ତାଳଧ୍ୱଜ ରଥ ଭଙ୍ଗାଯିବା ପରେ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ । ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ । ସିଂହାସନ, ପ୍ରଭା, ନାଟଗୋଡ଼, ଗୁଜ ଓ ଚକକୁ ଷ୍ଟୋର୍ ରୁମ୍‌ରେ ରଖାଯିବ । ଏହାକୁ ବିକ୍ରି କରାଯିବ । ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ ।

### ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀ ସମ୍ମିଳନୀ

# ପୁରୀ ବିମାନବନ୍ଦର ହେବ ବିଶ୍ୱର ଆଧ୍ୟାତ୍ମିକ ଦ୍ୱାରପଥ

ଭୁବନେଶ୍ୱର,୨୫।୮ (ସମିସ): ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି । ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସୋମବାର ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି । ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି । ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି । ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରକ୍ଷଣାବେକ୍ଷଣ ଉତ୍କର୍ଷ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ ବୋଲି କହିଛନ୍ତି । ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ 'ପ୍ରୋଗ୍ରେସିଭ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି' ଆଣିବାପାଇଁ ଯାଉଛନ୍ତି । ଏହି ନୀତି ଅନୁସାରେ ରାଜ୍ୟ ବିମାନ ବନ୍ଦରମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟରେ ଅବ୍ୟବହୃତ ଅବସ୍ଥାରେ ଥିବା ବିମାନପଥଗୁଡ଼ିକୁ ବିମାନବନ୍ଦର ରୂପେ ବିକଶିତ କରାଯିବ । ଏହି ଆଧାରରେ ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ କ୍ୟାଡେଟ୍ ପାଇଲଟ ପ୍ରୋଗ୍ରାମ ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ପ୍ରୋଗ୍ରାମ ଅଧିନରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ । ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍‌ଆରଓ ସେବାଦାତା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ବଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍‌ଆରଓ ସୁବିଧା ସ୍ଥାପିତ ହେବ । ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ




### ଓଡ଼ିଆ ଆଦିବାସୀ ଝିଅଙ୍କୁ ପାଇଲଟ୍ ହେବାକୁ ଦିଆଯିବ ତାଲିମ୍

ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କ ସହିତ ମଧ୍ୟ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖିଥିଲେ ।

### କୂଳ ଲଙ୍ଘିଲା ବୈତରଣୀ

# ୪ ପଞ୍ଚାୟତରେ ବନ୍ୟା ସ୍ଥିତି ଗମ୍ଭୀର

ଭଦ୍ରକ/ଆରଡି, ୨୫।୮ (ସମିସ): ଭଦ୍ରକ ଆଖୁଆପଦା ଆନିକଟରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇବା ପରେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଧାମନଗର ଓ ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ଗାଁରେ ବନ୍ୟାପାଣି ପ୍ରବେଶ କରିଛି । ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ଲୋକଙ୍କ ଘରେ ଓ ଚାଷ ଜମିରେ ବନ୍ୟାପାଣି ପଶିଥିବା ବେଳେ ବୋଡ଼କ ନିକଟରେ ବୈତରଣୀ କୂଳ ଲଙ୍ଘିଛି । ଆଖଣ୍ଡଳମଣି-





- ନଦୀକୁ ଧସିଲା ୮୦ ଫୁଟ ସୁରକ୍ଷାବନ୍ଧ
- ରାଜପଥ ଉପରେ ୪ ଫୁଟ୍‌ର ପାଣି
- ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ
- ଶହଶହ ଏକର ଚାଷଜମି ଜଳମଗ୍ନ

କୁଆଖିଆ ୨୦ନଂ. ଜାତୀୟ ରାଜପଥର ପାଖାପାଖି ଦେଢ଼ କିମି ରାସ୍ତାରେ ୩/୪ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ଯୋଗୁଁ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ସେହିପରି ଦୋହରା ପାଟଣାଠାରେ ନଦୀକୁ ୮୦ ଫୁଟ୍‌ର ସୁରକ୍ଷା ବନ୍ଧ ଧସି ଯାଇଛି । ଜଳ ସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତାହାର ମରାମତି କରାଯାଉଛି । ସେହିପରି, ବୋଡକ ତଳିଆ ଅଞ୍ଚଳ ସହ ମୁଆଁ, ସନ୍ତରା ଆଦି ୧୪ଟି ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି । ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଥିବା ବେଳେ ଗୃହପାଳିତ ପଶୁ ଗାଁ ଦାଣ୍ଡ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି ।

ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ବନ୍ୟାଞ୍ଚଳ ବୁଲି ଦେଖିବା ସହ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ତୁରନ୍ତ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର ସହାୟତା ନିଆଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ, ଆରଡି-ଚାନ୍ଦବାଲି ରାସ୍ତାର ମୁଖ ଘୋଷରାରେ ୩/୪ଫୁଟ୍ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ସେହିପରି ଆରଡି-ଧାନଖଣିଆ ରାସ୍ତାର ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

### ବାରିପଦାରେ ନିଆରା ପୂଜା

# ୨୦ ହଜାର ନାଲି ଟିକିଲିରେ ଗଣେଶ ମୂର୍ତ୍ତି

ବାରିପଦା, ୨୫।୮ (ସମିସ): ୨୦ହଜାର ନାଲି ଟିକିଲିରେ ତିଆରି ଚାଲିଛି ଗଜାନନଙ୍କ ମୂର୍ତ୍ତି । ମେଢ଼ରେ ରାଫେଲ୍, ଏସ-୪୦୦ ଓ ବ୍ରହ୍ମୋସ୍ ଭଳି ଅସ୍ତ୍ରଶସ୍ତ୍ରର ନକଲ । ବାରିପଦାର 'ଫ୍ରେଣ୍ଡସ ୟୁନିୟନ୍' ପକ୍ଷରୁ ତୁଳସୀଚଉରାଠାରେ ଏପରି ନିଆରା ଗଣେଶ ପୂଜା ପାଇଁ ସଜବାଜ ଚାଲିଛି । କ୍ଲବର ମୁଖ୍ୟ ପ୍ରତିଷ୍ଠାତା ସୌମ୍ୟରଞ୍ଜନ

### ମେଢ଼ରେ ଅପରେସନ୍ 'ସିନ୍ଦୂର'ର ଅସ୍ତ୍ରଶସ୍ତ୍ର

ମିଶ୍ରଙ୍କ ଅଧ୍ୟକ୍ଷତାରେ ଦୀର୍ଘ ୧୮ ବର୍ଷ ଧରି ହୋଇଆସୁଥିବା ପୂଜା ଏଥର ୧୯ବର୍ଷରେ ପଦାର୍ପଣ କରବି । ଏଥର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ ପ୍ରଚ୍ଛଦପଟ ଗାୟକ ହ୍ୟୁମାନ ସାଗର ଓ ତାଙ୍କ ଟିମ୍ ମନୋରଂଜନର ଭରପୂର୍ ଖୋରାକ୍ ଯୋଗାଇବେ । ସେହିପରି ୩ଦିନ ଧରି ମୁମ୍ବଇ, ନୂଆଦିଲ୍ଲୀ ଆଦି ମହାନଗରୀର ଜାତୀୟ ନୃତ୍ୟଶିଳ୍ପୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହେବ । ସୋନି ଟିଭିର ଇଣ୍ଡିଆ ବେଷ୍ଟ ଡ୍ୟାନ୍ସର୍ ଅଙ୍କିତ ଚୌହାନ ମଧ୍ୟ ବିଚାରକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସଭାପତି ଶ୍ରୀ ମିଶ୍ରଙ୍କ ସମେତ ସମ୍ପାଦକ ଦେବାଶିଷ ଦାଶ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ ପୂଜାର କର୍ମକର୍ତ୍ତା ବୀରେନ୍ଦ୍ର ନାଥ, ବିଦ୍ୟାଧର ନାୟକ, ମନୋଜ ବାରିକ, ରମାକାନ୍ତ ଥାଟେଇ, ପବିତ୍ର ଗିରି, ନିହାର ରଞ୍ଜନ ନାୟକ, ଚାନ୍ଦ ମୁଲ୍ଲା, ସେକ ଆୟୁବ, ଶୁଭ୍ରାଂଶୁ ଶେଖର ସାହୁ, ଶିବଶଙ୍କର ବେହେରା, ସନୋଜ ମହାପତ୍ର, ରାହୁଲ ସିଂ, ରବି ସିଂ, ଭଗବାନ ବେହେରା, ସଞ୍ଜୟ ସିଂ ପ୍ରମୁଖ ସହଯୋଗ କରୁଛନ୍ତି ।



## ସୋମବାର ସୁଦ୍ଧା ୧୮ .୫ ଲକ୍ଷ ଚାଷୀ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୨୫।୮ (ସମିସ): ଆସନ୍ତା ଖରିଫ ଋତୁ ପାଇଁ ସୋମବାର ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଚାଷୀ ପଞ୍ଜୀକରଣ କରିଛନ୍ତି । ଚାଷୀ ପଞ୍ଜୀକରଣରେ ରାଜ୍ୟରେ ଏହା ସର୍ବକାଳୀନ ରେକର୍ଡ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି । ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଛି । ଏହାକୁ ବିଚାରକୁ ନେଲେ ଆଜି ଆହୁରି ଲକ୍ଷେରୁ ଦେଢ଼ଲକ୍ଷ ଚାଷୀ ପଞ୍ଜୀକରଣ ସମ୍ଭାବନା ରହିଛି । ଗତବର୍ଷ ରାଜ୍ୟରେ ମୋଟ ୧୭ ଲକ୍ଷ ୫୦ହଜାର ୪୬୨ ଚାଷୀ ପଞ୍ଜୀକରଣ କରିଥିଲେ ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି । ଧାନ ବିକ୍ରିରେ ମିଡଲ୍‌ମ୍ୟାନ୍ ଫାଇଦା ନ ନେବାକୁ ଏ ବର୍ଷ ଇ-କେୱାଇସି ବ୍ୟବସ୍ଥା କରାଯାଇଥିଲା । ତେବେ ପଞ୍ଜୀକରଣ ବେଳେ ସମସ୍ୟା ଉପୁଜିବାରୁ ଆମେ ସେଲଫ୍ ଡିକ୍ଲାରେସନ୍ ବ୍ୟବସ୍ଥା କଲୁ । ଯେଉଁଥିପାଇଁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ସୂଚନାଯୋଗ୍ୟ, ଖରିଫ୍ ପଞ୍ଜୀକରଣ ପାଇଁ ସରକାର ଚଳିତଥର ଆପଣାଇଥିବା ବ୍ୟବସ୍ଥାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା । ଚାଷୀମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବାକୁ ବାଧ ହୋଇଥିଲେ ।

## ବଜ୍ରପାତରେ ବାପ ମୃତ; ଅଳ୍ପକେ ବର୍ତ୍ତିଲେ ପୁଅ


ବଡ଼ଚଣା, ୨୫।୮ (ସମିସ): ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି । ଗ୍ରାମର କୈଳାସ ଚନ୍ଦ୍ର ନାୟକ (୭୨) ଓ ତାଙ୍କ ପୁଅ ପ୍ରଶାନ୍ତ କୁମାର ନାୟକ(୪୨) ଆଜି ଦିନ ପ୍ରାୟ ୨ଟାରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ଏଥିରେ ଆଘାତ ପାଇ କୈଳାସ ତଳେ ପଡ଼ି ଛଟପଟ ହେଉଥିବା ବେଳେ ପ୍ରଶାନ୍ତ ଲୋକମାନଙ୍କୁ ଡାକ ପକାଇଥିଲେ । ଗୁରୁତର କୈଳାଶଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ବଡ଼ଚଣା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ପରେ କୈଳାଶଙ୍କ ଶବ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଝିଆରୀକୁ ବଞ୍ଚାଇବାକୁ ଯାଇ ବଡ଼ବାପା ମୃତ

ତୁରୁମୁଙ୍ଗା, ୨୫।୮ (ସମିସ): ଲୁଗା ଶୁଖାଇବା ବେଳେ ଅଘଟଣ । ଝିଆରୀକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ବଡ଼ବାପାଙ୍କ ମୃତ୍ୟୁ । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚିନାମାଳିପଶି ଗ୍ରାମର ତଣ୍ଡିଆ ସାହିରେ ଆଜି ଏହି ଦୁଃଖଦ ଘଟଣା ଘଟିଛି । ମୃତକ ହେଲେ, ଦୁର୍ଯ୍ୟୋଧନ ବେହେରା । ଆଜି ସକାଳେ ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ଘର ବାହାରେ ଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ । ତାରଟି କୌଣସି କାରଣରୁ ଘରକୁ ଆସିଥିବା ମେନ୍-ଲାଇନ୍ ସଂସ୍ପର୍ଶରେ ଆସିଥିଲା । ଅଞ୍ଜଳି ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ଦେଖି ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଦୁଃଶାସନ ତାକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିବା ବେଳେ ଅଞ୍ଜଳି ଓ ଦୁଃଶାସନ ଗୁରୁତର ଆହତ ହୋଇଥିଲେ ।

## ସରକାରଙ୍କ ବିଫଳତା ଲୁଚାଇବାକୁ ବିଜେପି ବିଧାୟକଙ୍କ ଅବାଞ୍ଛିତ ମନ୍ତବ୍ୟ: ବିଜେଡି

ଭୁବନେଶ୍ୱର,୨୫।୮ (ସମିସ): ବିଜେପି ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଦେଇଥିବା ଅରୁଚିକର ଓ ଅଶାଳୀନ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ସରକାରଙ୍କ ବିଫଳତା ଲୁଚାଇବାକୁ ସେ ଅବାଞ୍ଛିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେଡି ମୁଖପାତ୍ର ଡୁମ୍ବନାଥ ପଣ୍ଡା ଓ ଡ. ଲେନିନ୍ ମହାନ୍ତି କହିଛନ୍ତି । ବିଜେପିର ଏଭଳି କୁତ୍ସିତ ଉଦ୍ୟମକୁ ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ । ୨୦୨୭ ମସିହାରେ



ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଓ ୨୦୨୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ସଫଳତା ହାସଲ କରିବ ବୋଲି ଉଭୟେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟେ ଆସ୍କା ବିଧାୟକ ସରୋଜ ପାଢ଼ୀ ଓ ବିଜେପି ଉପରେ ବର୍ଷିଥିଲେ ।

ଶ୍ରୀ ପଣ୍ଡା କହିଥିଲେ ଯେ ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆଖେଳ ଭଳି ଘୃଣ୍ୟ କାମରେ ଲିପ୍ତ ଥିବା ରେକର୍ଡ ରହିଛି । ୨୦୨୨ ମସିହାରେ ଶ୍ରୀ ପାଢ଼ୀ ଜୁଆଖେଳରେ ସମ୍ପୃକ୍ତି ପରେ ନିରୁଦ୍ଦିଷ୍ଟ ହୋଇଯାଇଥିଲେ । ତାଙ୍କ ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଥିଲେ । କିଛି ଦିନ ପରେ ସେ ରାମେଶ୍ୱରରୁ ଉଦ୍ଧାର ହୋଇଥିଲେ । ସେତେବେଳେ ନିଜର ମାନସିକ ସ୍ଥିତି ଠିକ୍ ନଥିବା ସେ ଗଣମାଧ୍ୟମକୁ କହିଥିଲେ । ବିଧାୟକ ହେବା ପରେ ବାଲି ମାଫିଆଙ୍କଠାରୁ ଜୋରଜବରଦସ୍ତି ଚାନ୍ଦା ମାଗୁଥିବାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଆସିକା ନିର୍ବାଚନମଣ୍ଡଳୀରେ ବିଟ୍ ରାସ୍ତାରେ ବି ସେ ପିସି ମାଗିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି, ଯେଉଁଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ହେଉଥିବା ଦୁର୍ନୀତିରେ ସେ ସିଧାସଳଖ ସମ୍ପୃକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଜେଡି ଓ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ବିଜେପି ଏଭଳି ଜଣେ ବ୍ୟକ୍ତିଙ୍କୁ ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ।

ଡ. ମହାନ୍ତି କହିଥିଲେ, ଗତ ୧୪ ମାସରେ ରାଜ୍ୟରେ ବିଜେପି ଶାସନରେ ସମସ୍ତ କ୍ଷେତ୍ରରେ ବିଫଳତା ଶିଖର ଛୁଇଁଛି । ବିଜେପି ଶାସନ ସମୟରେ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ ୧୮.୧୯ ପ୍ରତିଶତ କମିଛି । ନାରୀ

- ୨୦୨୭ ପଞ୍ଚାୟତ ଓ ୨୦୨୯ ସାଧାରଣ ନିର୍ବାଚନରେ ସଫଳତା ନେଇ ବିଜେଡିର ଦୃଢ଼ୋକ୍ତି
- ଡବଲ ଇଞ୍ଜିନ ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି

ନିର୍ଯାତନାକୁ ନେଇ ଓଡ଼ିଶା ସମଗ୍ର ଦେଶ ଓ ବିଶ୍ୱରେ ନିନ୍ଦିତ ହୋଇଛି । ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ । ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ବିଜେପି ନେତାଙ୍କ ସମ୍ପୃକ୍ତି ଲାଗି ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି । ବିଜେପିର ଆଭ୍ୟନ୍ତରୀଣ କନ୍ଦଳ ଓ ସରକାର ଚଳାଇବାରେ ଅପାରଗତା ଜଳଜଳ ହୋଇ ଦିଶୁଛି । ରାଜ୍ୟର ଶାସନ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ । ଦୀର୍ଘ ୧୫ ଦିନ ହେଲା ଅମଲା ଆନ୍ଦୋଳନ ଯୋଗୁଁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ରାଜସ୍ୱ ମନ୍ତ୍ରୀ ଏଥିରେ ବିଜେଡିର ସମ୍ପୃକ୍ତି ଅଭିଯୋଗ କରିଛନ୍ତି, ଯାହା ତାଙ୍କ ହତାଶାଭାବର ପରିଚୟ ଦେଉଛି । ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ପକ୍ଷରୁ ବାରମ୍ବାର ଭି.କେ ପାଣ୍ଡିଆନଙ୍କୁ ନେଇ ବିଭିନ୍ନ ବିଭ୍ରାନ୍ତିକର ଓ କଟୁ ମନ୍ତବ୍ୟ ଦିଆଯାଉଛି । ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି ଯେ ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ଘୋଷଣା କରିଛନ୍ତି । ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନୁହଁ । ତେଣୁ ତାଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ବୋଲି ସେ କହିଛନ୍ତି ।

### ଧରପଗଡ଼ କି ସଚେତନତା ନାହିଁ

# ବିକ୍ରି ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ଜୀବ

ପୁରୀ,୨୫।୮ (ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ । ହେଲେ ଏ କ୍ଷେତ୍ରରେ ସଚେତନତାର ଅଭାବ ରହିଛି । ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣିନଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି । ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ହେଉଛି । ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି, ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି । ପୁରୀ ବେଳାଭୂମି ହେଉଛି ସେଥିମଧ୍ୟରୁ ଅନ୍ୟତମ । ଏଠାରେ ଏକାଧିକ ବ୍ୟବସାୟୀ କୋରାଲ ବିକ୍ରି କରୁଛନ୍ତି । ବନ ବିଭାଗର ନିଷ୍କ୍ରିୟତା ଯୋଗୁ ପୁରୀରେ କୋରାଲ ବ୍ୟବସାୟ ବୃଦ୍ଧି ପାଉଛି ।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ, ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛି ବର୍ଷ ହେବ ବୃଦ୍ଧି ପାଇଛି । ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ର ତଟରେ ଦେଖିବାକୁ ମିଳୁଛି । ପୁରୀ ହେଉ କି ଗୋପାଳପୁର, ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି । ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ । ବାଘ, ହାତୀ ଭଳି



ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନକାନୁନ ରହିଛି, ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା । ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି । ହେଲେ ଏ ଦିଗରେ ସଚେତନତା କରାଯାଉନଥିବାରୁ ଶଙ୍ଖ, ଶାମୁକା ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି । ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେଧୀରେ ହଜିଯିବାକୁ ବସିଲେଣି ।

ବିଶେଷକରି ଘର ସଜାଇବା ପାଇଁ ଅନେକ ପର୍ଯ୍ୟଟକ କୋରାଲ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ କିଛି ବ୍ୟବସାୟୀ ଅଧିକ ଲାଭ ଆଶାରେ ବେଆଇନ ଭାବେ ଏହି ସିଡ୍ୟୁଲ-୧ ସାମୁଦ୍ରିକ ଜୀବଙ୍କୁ ବିକ୍ରି କରୁଛନ୍ତି । ପୁରୀ ବେଳାଭୂମିରେ ଅନେକ ଶଙ୍ଖ ଏବଂ ଶାମୁକା ବିକ୍ରି ଦୋକାନ ରହିଛି । ଏହି ବ୍ୟବସାୟୀମାନେ କୋରାଲ ବିକ୍ରି କରୁଛନ୍ତି । ଏହାର ଆକାର ଅନୁସାରେ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି ବ୍ୟବସାୟୀ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କୋରାଲ ପୁରୀକୁ ଆସୁଛି କେମିତି ? ଏହାକୁ ସମ୍ପୃକ୍ତ ବ୍ୟବସାୟୀମାନେ ପାଉଛନ୍ତି କିପରି?

ବିଶେଷଜ୍ଞଙ୍କ ମତରେ ସମୁଦ୍ର ଗର୍ଭରେ କୋରାଲ ରିପ୍ ରହିଛି । ସେଥିରେ ବିଭିନ୍ନ ପ୍ରକାର କୋରାଲ ରହିଥା'ନ୍ତି । ଏହାକୁ ଲାଇଭ୍ ଷ୍ଟୋନ କୁହାଯାଏ । ଏହାର ବିକ୍ରି ପଛରେ ଏକ ରାକେଟ୍ କାମ କରୁଛି । ଯେହେତୁ ଘର ସଜାଇବା ପାଇଁ ଅନେକ ଏହାକୁ ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେଣୁ କିଛି ମୁନାଫାଖୋର୍ ଏହି ବେଆଇନ କାରବାର ଚଳାଇଛନ୍ତି । ଓଡ଼ିଶାକୁ କୋଲକାତାରୁ ଚୋରାରେ ଏହା ଅଣାଯାଉଛି । ଏହି ବେଆଇନ କାରବାର ଯୋଗୁ ସମୁଦ୍ରରେ କୋରାଲ ରିପ୍ ପରିସୀମା କମି କମି ଯାଉଛି । କୋରାଲ ରିପ୍ ସମୁଦ୍ର ପାଇଁ ବଡ଼ ଉପଯୋଗୀ । ଏହା ଅଙ୍ଗାରକ୍ଲାମ ଶୋଷି ନେଇଥାଏ । ଫଳରେ ସମୁଦ୍ରରେ ସନ୍ତୁଳନ ରକ୍ଷାରେ ବଡ଼ ସାହାଯ୍ୟ କରେ । ଯେଉଁ ସମୁଦ୍ରରେ କୋରାଲ ରିପ୍ ରହିଛି, ତାହାର ଜୈବ ବିବିଧତା ସନ୍ତୁଳିତ ରହିଥାଏ । କିନ୍ତୁ ସଚେତନତା ଅଭାବରୁ ଏହାକୁ ଧରି ବିକ୍ରି କରାଯାଉଛି ।

### ଗଛରେ ପିଟିହୋଇ ଓଲଟିଲା ପିକ୍ଅପ୍ ଭ୍ୟାନ୍

## ଜଣେ ମୃତ; ୨୦ରୁ ଊର୍ଦ୍ଧ୍ୱ ଆହତ

**ବଣାଇଁ, ୨୫।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ କେନାଭେଟା ତଳିତା ରାସ୍ତାର କେଲୋ ଛକ ନିକଟରେ ଭାରସାମ୍ୟ ହରାଇ ଏକ ପିକ୍ଅପ୍ ଭ୍ୟାନ୍ ଗଛରେ ପିଟିହୋଇ ଓଲଟିପଡ଼ିଥିଲା। ଫଳରେ ଗାଡିରେ ଥିବା ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ଜଣକ କେନ୍ଦ୍ରିକଳା ଗ୍ରାମର ମହିଳା ଶ୍ରମିକ ପଞ୍ଚମୀ ପାତ୍ରଙ୍କ(୭୦) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, କିଛି ଦିନ ପୂର୍ବରୁ ବ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ତଳିତା ନିକଟସ୍ଥ ଜଙ୍ଗଲରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟର ପାଉଣା ପାଇବା ପୂର୍ବରୁ ଶ୍ରମିକମାନଙ୍କ ଫଟୋର ଆବଶ୍ୟକତା ଥିବାରୁ ସୋମବାର ସକାଳୁ ଫଟୋ ଉଠାଇବାକୁ କେନ୍ଦ୍ରିକଳା ଏବଂ ପାଣ୍ଡୁରିଶିଳା ଗ୍ରାମରୁ ଦୁଇଟି ଗାଡ଼ିରେ ଶ୍ରମିକମାନେ ତଳିତାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ସେଥିମଧ୍ୟରୁ ଗୋଟିଏ ପିକ୍ଅପ୍ ଭ୍ୟାନ୍ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା କେନ୍ଦ୍ରିକଳା ଗ୍ରାମର ମହିଳା ଶ୍ରମିକ ପଞ୍ଚମୀ ପାତ୍ରଙ୍କ(୭୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଖବରପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ସେଥିରୁ ଗୁରୁତର ୧୪ ଜଣଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଛି। ଅନ୍ୟପଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକ କରିଛନ୍ତି ଗ୍ରାମବାସୀ। ଯାହାଫଳରେ ବଣାଇଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗ ପକ୍ଷରୁ ୪୦ ହଜାର, ରେଡ଼କ୍ରସରୁ ୩୦ ହଜାର, ଜିଲ୍ଲା ଖଣିଜ ପାଣ୍ଠିରୁ ୪୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

### ମହିଳାଙ୍କୁ ବ୍ଲାକମେଲିଂ ସହ ଠକେଇ

# ଗିରଫ ଭୟରେ ମାନବ ଅଧିକାର କର୍ମୀ ଫେରାର



**ରାଉରକେଲା, ୨୫।୮ (ସମିସ)**

ହ୍ୟୁମାନ ରାଇଟ୍ସ ତଥା ମାନବ ଅଧିକାର ସଂସ୍ଥା ଓ ସାମ୍ବାଦିକ ନାଁରେ ସମାଜରେ କ୍ରାଇମ୍ ବିସ୍ତାର ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେ ବେଳେ କାହାକୁ ଧମକ ଦିଆଯାଉଛି ତ ଆଉ କେତେବେଳେ ଟଙ୍କା ହଡ଼ପ ଓ ଠକେଇ କରାଯାଉଛି। ବିଗତ ବର୍ଷରୁ ଏଭଳି ଚାଲି ଆସୁଥିବା ବେଳେ ଆଜି ଯାଏଁ ପୁଲିସ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା କୁହାଯାଇଛି। ଯାହାଫଳରେ ହ୍ୟୁମାନ ରାଇଟ ଓ ସାମ୍ବାଦିକ ବୃତ୍ତିର ସମ୍ମାନ ଓ ଭରସା ସମାଜରେ ଦିନକୁ ଦିନ ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଯାହାର ଗୋଟିଏ ନୁହଁ ବରଂ ୩ଟି ନଗ୍ନ ଉଦାହରଣ ରଘୁନାଥପାଲି ଥାନା ଅଞ୍ଚଳରେ ଘଟିଛି। ଜଣେ ଯୁବତୀଙ୍କୁ ବ୍ଲାକମେଲିଂ ଓ ୨ ଜଣ ମହିଳାଙ୍କୁ ହ୍ୟୁମନ୍ ରାଇଟ୍ସର ସଦସ୍ୟ ବିଶ୍ୱଜିତ ମଲ୍ଲିକ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ରଘୁନାଥପାଲି ପୁଲିସ ଛାନ୍ଭିନ୍ ଆରମ୍ଭ କରିବାରୁ ଗିରଫ ଭୟରେ ବିଶ୍ୱଜିତ ସାରନଗରୀ ସ୍ଥିତ ରଙ୍ଗିଲା ଛକରେ କରିଥିବା କାର୍ଯ୍ୟାଳୟରେ ତାଲା ପକାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଜଣେ ଯୁବତୀ ଫୋନ୍ ଜରିଆରେ ହ୍ୟୁମାନ ରାଇଟ୍ସ ସଦସ୍ୟ ବିଶ୍ୱଜିତ ମଲ୍ଲିକଙ୍କ ସହ ଗତ ୨ ବର୍ଷ ପୂର୍ବେ ଚାକିରି ସକାଶେ ଆଲୋଚନା କରିଥିଲେ। ଏନେଇ ବିଶ୍ୱଜିତ୍ ରଙ୍ଗିଲା ଛକ ସ୍ଥିତ ଅଫିସକୁ ଡକାଇ ଦିଲ୍ଲୀରେ ଚାକିରି କରାଇ ଦେବାକୁ କହିଥିଲେ। ହେଲେ ଯୁବତୀ ଏଥିରେ ରାଜି ନହେବାରୁ ନିଜ ସଂସ୍ଥାରେ ଯୋଡ଼ି ଦେଇ ଚାକିରି ଦେଇଥିଲେ। ଏଥିପାଇଁ ଯୁବତୀଙ୍କ ଠାରୁ ୩ ହଜାର ଟଙ୍କା ମଧ୍ୟ ନେଇଥିଲେ। ଯୁବତୀ ଉକ୍ତ ସଂସ୍ଥାରେ ଚାକିରି କରିବାର କିଛି ଦିନ ପରେ ବିଶ୍ୱଜିତ ପୂର୍ବରୁ ଯୁବତୀ ଚାଲାଣ ମାମଲାରେ ଜେଲ ଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ସଂସ୍ଥାରୁ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ୱଜିତ୍ ସଂସ୍ଥା ଛାଡି ନଯିବାକୁ କହି ଅଫିସକୁ ଡକାଇବା ସହ ତାଙ୍କୁ ଅସଦାଚରଣ କରିଥିଲେ। ପରେ ସୋସିଆଲ ମିଡିଆରେ ତାଙ୍କର ନଗ୍ନ ଫଟୋ ପୋଷ୍ଟ କରି ଦେବାକୁ କହି ବ୍ଲାକ୍ମେଲିଂ

**୩ ଘଟଣାକୁ ନେଇ ପୁଲିସର ଛାନ୍ବିନ୍ ଜାରି**

କରିଥିଲେ। ସେହିପରି ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କୁ ଟଙ୍କା ଧାର ଦେଇଥିଲେ। ହେଲେ ସେ ଟଙ୍କା ଫେରସ୍ତ କରୁନଥିବାରୁ ବିଶ୍ୱଜିତଙ୍କୁ ଅବଗତ କରାଇଥିଲେ। ତେବେ ସବୁ ଟଙ୍କା ଫେରସ୍ତ ହୋଇଯିବ ବୋଲି ବିଶ୍ୱଜିତ୍ କହିବା ସହ ଏହି କାମ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ବିଶ୍ୱାସ କରି ପୀଡିତା ୩୧ ମଇ ୨୦୨୫ରେ ଅନଲାଇନ୍ ଯୋଗେ ବିଶ୍ୱଜିତଙ୍କ ସ୍ତ୍ରୀ ମୋନାଲିସା ସାହୁଙ୍କୁ ୯ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଆଜି ଯାଏଁ ପୀଡିତା ଟଙ୍କା ଫେରସ୍ତ ହୋଇନଥିବା ଜଣାପଡ଼ିଛି। ସେହିପରି ଜଣେ ଯୁବତୀଙ୍କ ୨୦୨୩ ରେ ବିବାହ ହୋଇଥବା ବେଳେ ଶାଶୁ ଘରେ ଅତ୍ୟାଚାର କରାଯାଉଥିଲା। ଏନେଇ ବିଶ୍ୱଜିତ୍ ପାଖରେ ଅଭିଯୋଗ କରିବା ପରେ ମାମଲା ସମାଧାନ ବାବଦକୁ ମହିଳା ଜଣକ ୪୦ ହଜାର ଟଙ୍କା ଦେଇଥିଲେ। ଆଜି ଯାଏଁ ଉକ୍ତ ଟଙ୍କା ଫେରସ୍ତ କରିବାକୁ କହିଲେ ବିଭିନ୍ନ କଥା କହି ସମୟ ଗଡ଼ାଇ ଚାଲିଥିଲା। ପୁଲିସ ଏହି ୩ ଘଟଣାକୁ ନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଛେଳି ବୋଝେଇ ପିକଅପ୍ ଚାଳକଙ୍କ ଠାରୁ ଦାଦାବଟି ଆଦାୟ କରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ଗତ ୨୦୨୩ ଅଗଷ୍ଟ ୩୦ରେ ତରକେରା ଓଲ୍ଡ କଲୋନୀ ବାସିନ୍ଦା ତଥା ହ୍ୟୁମନ ରାଇଟ୍ସ ସଦସ୍ୟ ବିଶ୍ୱଜିତ୍ ମଲ୍ଲିକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ପ୍ରାୟ ୫ ବର୍ଷ ପୂର୍ବେ ଯୁବତୀ ଚାଲାଣ ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ସେ ପ୍ରାୟ ୪ ବର୍ଷ ଜେଲରେ ରହିଥିଲା। ସେହିପରି ୨୦୨୩ ଜୁଲାଇ ୬ରେ ରାଜଗାଙ୍ଗପୁର ଅଞ୍ଚଳର ପ୍ରେମଚାନ୍ଦ ଅଗ୍ରୱାଲଙ୍କ ଠାରୁ ଏକ ଲକ୍ଷ ଟଙ୍କା ଠକି ନେବା ନେଇ ଉଦିତ ନଗର ଥାନାରେ ଅଭିଯୋଗ ହୋଇଥିଲା। ଏହିପରି ବିଶ୍ୱଜିତ୍ ନାଁରେ ପୂର୍ବରୁ ଅନେକ ଠକେଇ ମାମଲା ରହିଥିବା ଜଣାପଡ଼ିଛି।

## ଗୁରୁକୁଳ ଆଶ୍ରମରେ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା, ୨୫।୮ (ସମିସ):** ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ପ୍ରାକ୍ତନ ମୁଖ୍ୟ ଅଧିଷ୍ଠିତା ଆଚାର୍ଯ୍ୟ ଡଃ. ଦେବବ୍ରତଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାମୀ ଯୋଗୀରାମ, ସ୍ୱାମୀ ଅଗ୍ନି ବାବା କୈବଲ୍ୟ ମୁନିଙ୍କ ସମେତ ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ, ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ, ଡଃ. ଉଜାଗର ପଟେଲ, ପୀତବାସ ମିଶ୍ର, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅକ୍ଷେଶ୍ୱର ଧାରୁଆ, ଶଚିନ୍ଦ୍ର ସ୍ୱାଇଁ, ଭାରତ ଭୂଷଣ ମହାନ୍ତି, ସୁରେଶ ଭୋଇ, ନୃସିଂହ ସାମଲ, ଆଚାର୍ଯ୍ୟ ସୁରେନ୍ଦ୍ର ଉପାଧ୍ୟାୟ, ଆଶ୍ରମର ସାଧାରଣ ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ, ବରିଷ୍ଠ ଟ୍ରଷ୍ଟି ରାମଚନ୍ଦ୍ର ସାହୁ, ଡଃ. ଉମାକାନ୍ତ ପଣ୍ଡା, ଡଃ. ବିଭୀଷଣ ବାରିକ, ଜଗବନ୍ଧୁ ମହାନ୍ତି, ପ୍ରଫେସର ପରିତୋଷ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଚନ୍ଦନ ନିଖଣ୍ଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡ. ସୁଦର୍ଶନ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦର କବିତା ପାଠୋତ୍ସବ



**ରାଉରକେଲା, ୨୫।୮ (ସମିସ):** ସ୍ଥାନୀୟ ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଡ. ସୁଦର୍ଶନ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦ ପକ୍ଷରୁ ସଂସଦର ପ୍ରଥମ ବାର୍ଷିକୋତ୍ସବ ପାଳନ ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରର ସୁନାମଧନ୍ୟା କବୟିତ୍ରୀ କନକଲତା ମିଶ୍ର, ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ କବି ତଥା ସାରସ୍ୱତ ସାଧକ ଡ. ସୁଦର୍ଶନ ପଟ୍ଟନାୟକଙ୍କ ରଚିତ ବ୍ୟଙ୍ଗ କବିତା ସଂକଳନ 'ହାସ୍ୟଧନୁ' ପୁସ୍ତକର ଉର୍ଦ୍ଧୃତ ଅଧିକାଂଶ କବିତା ସ୍ଥାନ ପାଇଥିଲା। ଏହି ଅବସରରେ କବି ସୁସ୍ମିତା ମହାପାତ୍ର, କବି ବିଜୟ କୁମାର ସେନାପତି, ହରିହର ବେହେରା, ରବୀନ୍ଦ୍ର ବେହୁରିଆ, ପ୍ରଫୁଲ ବାରିକ, ଡ. ଗୀତାଞ୍ଜଳି ପତ୍ରୀ, ମଞ୍ଜୁଲା ରଥ, ରଶ୍ମିବାଳା ରାଉତରାୟ, ସୁବର୍ଣ୍ଣ ବେହେରା, ସ୍ୱେତାଲିନା ଶତପଥୀ, ଆରତୀ ବେହେରା, ବିଜୟ ମିଶ୍ର, ଶାନ୍ତନୁ କୁମାର ମୁଦାଲି, ଗୌରାଙ୍ଗ ଦାସ, ଶୁଚିସ୍ମିତା ପଣ୍ଡା, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ସେନାପତି, ସତ୍ୟବ୍ରତ ଦାସ, ଦିବାକର ଦାସ, ଶରତ ଚନ୍ଦ୍ର ସୂତାରଙ୍କ ସମେତ ଅନେକ କବି କବିତା ପାଠ କରିଥିଲେ। ଶେଷରେ କବି ମନୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ନଟରାଜ ନୃତ୍ୟ ପରିଷଦର ବାର୍ଷିକ ନୃତ୍ୟ ସଙ୍ଗୀତ ମହୋତ୍ସବ




**ରାଉରକେଲା, ୨୫।୮ (ସମିସ):** ରାଉରକେଲାର ସର୍ବପୁରାତନ ନୃତ୍ୟ, ନାଟକ ଓ ସଙ୍ଗୀତ ଅନୁଷ୍ଠାନ 'ନଟରାଜ ନୃତ୍ୟ ପରିଷଦ'ର ୨୪ତମ ବାର୍ଷିକ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥି ଭାବେ ଶାରଳା ପରିବାରର ସମ୍ପାଦକ ରମେଶ ଚନ୍ଦ୍ର ସେଠି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ନର ସେବା ଓ ନାରାୟଣ ସେବା ଅନୁଷ୍ଠାନର ସଭାପତି ସୁବାଷ ବାପୁରିଆ, ଗୁରୁ ଗୋବିନ୍ଦ ମୋଟର୍ସର ନିର୍ଦ୍ଦେଶକ ପ୍ରିନ୍ସ ଛାବ୍ରା, ଏକତ୍ର ସଭାପତି ରାଜୀବ ପାଣି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ପ୍ରଫେସର ସମର ମୁଦାଲି, ରାଜକିଶୋର ଭଞ୍ଜ, କୈଳାଶ ବେହେରା, ମନୋଜ ନାୟକ, ସଲିଳ ପରିଡ଼ା, ବିଭୁତି ପୁହାଣ, ହରିପଦ ମହାନ୍ତି, ସମାଜସେବୀ ପ୍ରଶାନ୍ତ ସେଠି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କମିଟି ସମ୍ପାଦକ ପ୍ରବୀର କୁମାର ଜେନା, ରାନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ସହ ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗୁରୁ ନୀଳାଦ୍ରି ମହାନ୍ତି, ଗୁରୁ ସୁନିତା ପଟ୍ଟନାୟକ, ଗୁରୁ ପମିତ୍ରା ମହାପାତ୍ର, ଗୁରୁ ରୋବୋର୍ଟ ହାଇଫାଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଉରକେଲାର ବିଭିନ୍ନ ୧୦ ଗୋଟି ସ୍କୁଲକୁ ନୃତ୍ୟ ସାଧନା ପାଇଁ 'ନଟରାଜ ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ଜେନା, ଚିନ୍ମୟ ତ୍ରିପାଠୀ, ହେମନ୍ତ ମହାନ୍ତି, ପ୍ରତିଭା ନାୟକ, ଇତିଶ୍ରୀ ଜେନା, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲହୁଣୀପଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ବଣାଇଁ, ୨୫।୮ (ସମିସ):** ଲହୁଣୀପଡ଼ା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ନିତେଶ ୱାଧନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୫୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ରିଲଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ବିଡ଼ିଓ ଅନୁରାଗ ମିଶ୍ର, ତହସିଲଦାର ବବଲୁ ପେରେଇ ପ୍ରମୁଖ ଉପସ୍ଥିତ ଥିଲେ।

## ୨୯ରେ ରାଉରକେଲାରେ 'ପଥ ଉତ୍ସବ'

**ରାଉରକେଲା, ୨୫।୮ (ସମିସ):** ଦୀର୍ଘ ଦୁଇ ବର୍ଷ ପରେ ପୁଣି ରାଉରକେଲା ସହରରେ ଆୟୋଜନ ହେବାକୁ ଯାଉଛି 'ପଥ ଉତ୍ସବ'। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆସନ୍ତା ୨୯ ତାରିଖରେ ରାଉରକେଲା ମହାନଗର ନିଗମ(ଆର୍ଏମ୍ସି) ତରଫରୁ 'ପଥ ଉତ୍ସବ' ଆୟୋଜିତ ହେବାକୁ ଯାଉଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ଏହି ପଥ ଉତ୍ସବ ଅନୁଷ୍ଠିତ ହେବ। ସକାଳ ୬ଟାରୁ ଏହା ଆରମ୍ଭ ହେବାକୁ ଥିବା ବେଳେ ଶିଶୁଙ୍କ ଠାରୁ ଆରମ୍ଭ କରି ଯୁବ ବର୍ଗ, ବରିଷ୍ଠ ନାଗରିକ, ମହିଳା ତଥା ଦିବ୍ୟାଙ୍ଗମାନଙ୍କ ଲାଗି ବିଭିନ୍ନ ପ୍ରକାରର କ୍ରିୟାକଳାପ ଏଠାରେ ପ୍ରଦର୍ଶିତ ହେବ। ଏହି କ୍ରମରେ ଯୋଗ, ଜୁମ୍ବା, ଶାସ୍ତ୍ରୀୟ ନୃତ୍ୟ ଠାରୁ ଆରମ୍ଭ କରି ଆଧୁନିକ ନୃତ୍ୟ ସହ ରଙ୍ଗୋଲି, ବାଲୁକା କଳା, ଡଗ୍ ସୋ ଆଦି ପ୍ରଦର୍ଶିତ ହେବ। ଏଥିସହ ସ୍ଥାନୀୟ ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ସାଞ୍ଝା ଉତ୍ସବ ତଥା ଖାଦ୍ୟ ମେଳା ମଧ୍ୟ ଆୟୋଜିତ ହେବ। ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଟି. ସୌରୀଙ୍କ ସହ ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଲିପ୍ସା ମହାପାତ୍ର, ବର୍ଣ୍ଣାଳୀ ହୋତାଙ୍କ ସହ ଉପସ୍ଥାପକ ଓ ଅଭିନେତା କେପି, ଉପସ୍ଥାପିକା ଓ ଅଭିନେତ୍ରୀ ଗୁଡ଼ି ଓ ଅଙ୍କିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ ବୋଲି ସୂଚନା ମିଳିଛି। ସ୍ଥାନୀୟ କଳାକାରଙ୍କ ପାଇଁ ଏହି ପଥ ଉତ୍ସବ ଏକ ପ୍ଲାଟଫର୍ମ ସଦୃଶ ହୋଇଥିବା ବେଳେ ବହୁ ସଂଖ୍ୟାରେ ସ୍ଥାନୀୟ କଳାକାର ଏହି ପଥ ଉତ୍ସବରେ ଅଂଶଗ୍ରହଣ କରି ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିବା ପାଇଁ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ଅନୁରୋଧ କରିଛନ୍ତି।

**ଓଲିଉଡ୍ କଣ୍ଠଶିଳ୍ପୀ ଟି. ସୌରୀ, ବର୍ଣ୍ଣାଳୀ, ସତ୍ୟଜିତ୍ ଲିପ୍ସା ମୁଖ୍ୟ ଆକର୍ଷଣ**

## ଦେବେନ୍ଦ୍ର ଦାଶ ସ୍ମାରକୀ ବକ୍ତୃତାମାଳା

**ରାଉରକେଲା, ୨୫।୮ (ସମିସ):** ଦେବେନ୍ଦ୍ର କୁମାର ଦାଶ ସ୍ମାରକୀ ବକ୍ତୃତାମାଳାର ଦ୍ୱିତୀୟ ଅର୍ଘ୍ୟ ପ୍ରଗତି ଉତ୍କଳ ସଂଘର ମଧୁମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଅଡଶପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଉପନିବେଶ-ଉତ୍ତର ଉପନିବେଶବାଦୀ ଓଡ଼ିଆ ସାହିତ୍ୟ' ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦେବେନ୍ଦ୍ର କୁମାର ଦାଶଙ୍କ କୃତ ପୁସ୍ତକ 'ଊନବିଂଶ ଶତାବ୍ଦୀର ଓଡ଼ିଶା: ନବ ମୂଲ୍ୟାୟନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉପସଭାପତି ଡଃ. ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ଦେଇଥିଲେ। ଡ. ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ଚିତ୍ତରଞ୍ଜନ ମିଶ୍ର, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି, ଗ୍ରନ୍ଥାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ବିପିନ ବିହାରୀ ପଟ୍ଟନାୟକ, ଧରଣୀଧର ସାମଲ, ବରୁଣ ନାହାକ, ପରୀକ୍ଷିତ ଗୁରୁ ପ୍ରମୁଖ ସହାୟତା କରିଥିଲେ। ଭାରତ ଭୂଷଣ ମହାନ୍ତି, ଶଙ୍କର ପ୍ରସାଦ ତ୍ରିପାଠୀ, ଅଭିରାମ ବିଶ୍ୱାଳ, ଅଭୟ କୁମାର ପ୍ରଧାନ, ରାଜୀବ ପାଣି, ପଶୁପତିନାଥ ଚାଟାର୍ଜୀ, କିଶୋରୀ ମୋହନ କର, ନଳିନୀକାନ୍ତ ଧର, ଡା. କୃପାସିନ୍ଧୁ ନାୟକ, ପ୍ରଶାନ୍ତ କୁମାର ପତି, କାଶୀନାଥ ନନ୍ଦୀ, ବିକ୍ରମ ଆଚାର୍ଯ୍ୟ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଅକ୍ଷୟ କୁମାର ସାମଲ, ଅଜୟ ମହାନ୍ତି, ସୁସ୍ମିତା ମହାପାତ୍ର, ସତ୍ୟନାରାୟଣ ଦାଶ, ବବିତା ମହାପାତ୍ର, ଶରତ ଦାସ, ଆଲୋକ ରଞ୍ଜନ ବୋଷ, ଆଶିଷା ଦାଶ, ଅକ୍ଷୟ ଦାସ, ପ୍ରଦୀପ ପଟ୍ଟନାୟକ, ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ।



## ସାପ କାମୁଡ଼ାରେ ଯୁବକ ମୃତ

**ବଣାଇଁ, ୨୫।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ରିକଳା ଗ୍ରାମର ଦିପୁ ବେହେରା ରବିବାର ରାତିରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଣାଇଁ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଲାପଡା, ୨ୟଗଳି, ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୁ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।

## କିରାନା ଦୋକାନରୁ ଚୋରି

**କୁତ୍ରା, ୨୫।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅର୍ନ୍ତଗତ ଘୁଇଡୁଙ୍ଗରିଠାରେ ରବିବାର ଦିନ ରାତ୍ରରେ ଆଜବେଷ୍ଟସ ଭାଙ୍ଗି ଚୋରି ହୋଇଛି।ଗୋମାରଡିହି ଘୁଇଡୁଙ୍ଗରିରେ ଥିବା ପବିତ୍ର ମାଝୀଙ୍କ କିରାନା ଦୋକାନରେ ଏହି ଚୋରି ହୋଇଛି। ରବିବାର ରାତ୍ରରେ କିଛି ଦୁର୍ବୃତ୍ତ ସେହି ଦୋକାନର ଆଜବେଷ୍ଟସ ଭାଙ୍ଗି ଦୋକାନରେ ଥିବା କିଛି ଟଙ୍କା ଓ କିରାନା ଜିନିଷ ଚୋରି କରିଥିବା ସୋମବାର କୁତ୍ରା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଥାନାରେ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ରାଜ୍ୟସ୍ତରୀୟ ଡ. ବିଜୟ ପଟ୍ଟନାୟକ ସ୍ମାରକୀ ବକ୍ତୃତାମାଳା

**ରାଉରକେଲା, ୨୫।୮ (ସମିସ)**




ଡ. ବିଜୟ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଡ. ବିଜୟ ପଟ୍ଟନାୟକ ସ୍ମାରକୀ ବକ୍ତୃତାମାଳା 'ବିଜୟଶ୍ରୀ' ସୋମବାର ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାରସ୍ୱତ ଓ ସାଂସ୍କୃତିକ ସ୍ୱର' ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସଂଯୋଜକ ଅଧ୍ୟାପକ କରୁଣାକର ପାଟଶାଣୀ ଅତିଥିଙ୍କ ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ସଂସଦର ରାଜ୍ୟ ସମ୍ପାଦକ ପୁଣ୍ୟଦର୍ଶନ ସାହୁଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଅଧିବେଶନରେ ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସଂଗଠକ ବିଷ୍ଣୁ ପାତ୍ର ମୁଖ୍ୟଅତିଥି, ବିଶିଷ୍ଟ କବି ରାଜୀବ ପାଣି ଓ ରାଉରକେଲା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସୁଜାତା ପ୍ରଧାନ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଧରିତ୍ରୀ ପାଇକରାୟ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନିରାକାରପୁର ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ବେଣୁଧର ଦାସ, କଟକ ଟାଙ୍ଗୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ଗୋବିନ୍ଦ ଲେଙ୍କା, ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କୁ 'ବିଜୟଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତୃତୀୟ ଅଧିବେଶନରେ ମେହେର ସାହିତ୍ୟ ଆଲୋଚନା ପର୍ବରେ ଗାଳ୍ପିକ କାଶୀନାଥ ନନ୍ଦୀ ସଭାପତିତ୍ୱ କରିଥିଲେ। ସୁସ୍ମିତା ମହାପାତ୍ର ସଂଯୋଜନା କରିଥିବା ବେଳେ ଓଡ଼ିଆ ପ୍ରାଧ୍ୟାପିକା ଡ. ସୁଷମା ମୋଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଡ. ରଥଙ୍କ ସମେତ ଭଦ୍ରକ ଅଗରପଡ଼ା କଲେଜର ଓଡ଼ିଆ ଅଧ୍ୟାପକ ଡ. ଅରବିନ୍ଦ ଦାସ, ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପିକା ପ୍ରିୟଙ୍କା ପଲାଇ ଗଙ୍ଗାଧରଙ୍କ ଚର୍ଚ୍ଚିତ କାବ୍ୟକବିତା ସମ୍ପର୍କରେ ଆଲୋଚନା କରିଥିଲେ। କବି ବିଭୁଧ ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ଚତୁର୍ଥ ଅଧିବେଶନକୁ ନିରୁପମା ପତି ସଂଯୋଜନା କରିଥିଲେ। ଶିକ୍ଷାବିତ୍ ବ୍ରଜେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଅଳକା ମହାନ୍ତି ପରିଚୟ ପ୍ରଦାନ କରିଥିଲେ। ଚାରି ଜଣ କଲେଜ ଛାତ୍ରଛାତ୍ରୀ ଶ୍ରେୟସୀ ସାହୁ, ଦୀପକ ସାହୁ, ସାହିଲ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି ଗଙ୍ଗାଧର ମେହେରଙ୍କ ଜୀବନାଦର୍ଶ ଓ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। କବି କୁଞ୍ଜବିହାରୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ମଞ୍ଚାସୀନ ଥିଲେ। ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାଞ୍ଚ ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ସମେତ ଓଡ଼ିଆ ଅଧ୍ୟାପକ ପୁଣ୍ୟଦର୍ଶନ ସାହୁଙ୍କୁ 'ଉତ୍କର୍ଷ-୨୦୨୫' ପୁରସ୍କାର ପ୍ରଦାନ କରାଯାଇଥିଲା।



# ପ୍ରବୀଣ ଖମାରୀଙ୍କ ପରଲୋକରେ ବିଜେଡି ପକ୍ଷରୁ ଶୋକ



ଭବାନୀପାଟଣା, ୨୫ ।୮ (ସମିସ): କଳାହାଣ୍ଡି ବିଜେଡି ପୂର୍ବତନ ଟାଉନ କାର୍ଯ୍ୟକାରୀ ସଭାପତି ତଥା ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରବୀଣ ଖମାରୀ (ମୁନା)ଙ୍କ ଗତ ଶୁକ୍ରବାର ବ୍ରେନ୍ ଷ୍ଟ୍ରୋକ୍‌ରେ ମୃତ୍ୟୁ ହୋଇଥିଲା । ତାଙ୍କ ପରଲୋକରେ ସୋମବାର କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଛି ।ବିଜେଡି କର୍ମୀ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।ସଭାରେ ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ବିସିସି ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଯୁବନେତା ମନିନ୍ଦ୍ର ମହାନ୍ତି, ଧବଳେଶ୍ୱର ମହାପାତ୍ର, ପ୍ରଶାନ୍ତ ନାଏକ, ଉଦୟ ସୁନାନୀ, ସାମନ୍ତ ଖମାରୀ, ବଦ୍ରିନାରାୟଣ ପଟ୍ଟନାୟକ, ତ୍ରିଲୋଚନ ପାଣିଗ୍ରାହୀ, ପରମାନନ୍ଦ ମାଝୀ, କ୍ଷୀରସିନ୍ଧୁ ନାଏକ, ଚକ୍ର ସେଠୀ, ରଞ୍ଜୁକ୍ତା ପ୍ରଧାନ, ପିତବାସ ବେହେରା, ହୀରାମଣି ଗଣ୍ଡ, ସୁରଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ବାର୍‌ହା କାମୁଡ଼ାରେ ମହିଳା ଗୁରୁତର



କୋମନା, ୨୫ ।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଗନିଆପଡ଼ା ଗାଁର ଜଣେ ମହିଳା ଜଙ୍ଗଲୀ ବାରହା ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ସୋମବାର ପୂର୍ବାହ୍ନରେ ସେହି ଗାଁର ଦହନା ଶବର (୪୫) ନିଜ ଚାଷ ଜମିର ଧାନ କିଆରୀରୁ ଘାସ ଉପାଡୁ ଥିବା ବେଳେ ପଛ ପଟରୁ ଏକ ଜଙ୍ଗଲୀ ବାରହା ଆକ୍ରମଣ କରିଥିଲା । ବାରହା ଆକ୍ରମଣ ଯୋଗୁଁ ମହିଳା ଗୁରୁତର ଆହତ ହେବାରୁ ସ୍ଥାନୀୟ ଲୋକେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଅପରପଟରେ ଗୁରୁତର ମହିଳାଙ୍କ ସ୍ୱାମୀ ମଗଶିର ଶବର ବନବିଭାଗକୁ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ଲିଖିତ ଜଣାଇଛନ୍ତି । ଖବର ପାଇବା ପରେ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

# କୁମାରଗୁଡ଼ା ବୁଢାରଜା ୟୁଥ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼, ୨୫ ।୮ (ସମିସ): ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାରଗୁଡ଼ା ବୁଢ଼ାରଜା ୟୁଥ୍ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ବୁଢ଼ାରଜା ୟୁଥ୍ କ୍ଲବର ସଦସ୍ୟମାନେ ଗାଁ ପରିବେଶ, ସୁସ୍ଥ ସମାଜ ଗଠନ୍ ଦିଗରେ ଅଗ୍ରସର ହୋଇଛନ୍ତି । ବୁଢ଼ାରଜା ୟୁଥ କ୍ଲବ୍ ପକ୍ଷରୁ ଅନେକ ନିରୀହ ଲୋକଙ୍କୁ ସହାୟତାର ହାତ ବଢେଇ




ଆସୁଥିବା ବେଳେ ସୋମବାର ରୋଘାଗୁଡା ବସଷ୍ଟପ, ରାସ୍ତା କଡ଼ରେ ଥିବା ଆବର୍ଜନା ଓ ଅନାବନା ଗଛ କାଟି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବା ସହ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି । ବୁଢାରଜା ୟୁଥ କ୍ଲବ୍‌ର ସଭାପତି ହରିଶ୍ଚନ୍ଦ୍ର ସାହୁ ଓ ସମ୍ପାଦକ ରାଜେଶ ନାଏକଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କ୍ଲବ୍‌ର ସଦସ୍ୟା ପିଣ୍ଟୁ ଲାଲସି, ରତିକାନ୍ତ, ସୁଦାମା ହରିଜନ, ସୁମିତ ନାଏକ ଦୟାରମା ସାହୁ ପ୍ରମୁଖଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ । ଆଗକୁ ପଞ୍ଚାୟତର ସମସ୍ତ ଗାଁରେ ଏଭଳି ସଚେତନା ବାର୍ତ୍ତା ଦେବା ସହ ପରିବେଶ ସୁରକ୍ଷା ଓ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

## ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି

# ଜାତୀୟ ରାଜପଥରୁ ଡୁମେରବାହାଲ ଗାଁ ରାସ୍ତା ବୁଡ଼ିଲା

ନୂଆପଡ଼ା/କୋମନା, ୨୫ ।୮ (ସମିସ)



ଲୋୟର ଇନ୍ଦ୍ର ଡ୍ୟାମ ଡ଼ିଭିଜନର ଅଜବ ନୀତି । ଡ୍ୟାମ ନିର୍ମାଣପୂର୍ବରୁ ବୁଡ଼ି ଏବଂ ଆଂଶିକ ଗ୍ରାମର ସର୍ଭେ କରାଗଲା । ସେହି ଅନୁସାରେ ଗାଁ ଗୁଡିକରେ ଗମନା ଗମନ, ଶିକ୍ଷା ଭଳି ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦେବା କଥା । ବର୍ତ୍ତମାନ ଡ୍ୟାମରେ ପାଣି ଭର୍ତ୍ତି କରାଯିବା ବେଳକୁ ସମ୍ପୃକ୍ତ ଗାଁ ଗୁଡିକରେ ଲୋକେ ବିପନ୍ନ ଅବସ୍ଥାରେ କାଳାତି ପାତ କରୁଥିଲେ । କୋମନା ବ୍ଲକ ଡୁମେରବାହାଲ ଗାଁ ଏହାର ଏକ ଉଦାହରଣ ହୋଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ପାଣି ଗାଁ ଆଡ଼କୁ ମାଡ଼ି ଆସିଛି ।ଡ୍ୟାମର ପାଣି ମାଡ଼ି ଆସିବା ଯୋଗୁଁ ୫ ଦିନ ହେବ ଜାତୀୟ ରାଜପଥରୁ ଡୁମେରବାହାଲ ଗାଁ ରାସ୍ତା ଉପରେ ପ୍ରାୟ ୩ ଫୁଟ ପାଣି ପ୍ରବାହିତ ହେଉଛି ଫଳରେ ଲୋକଙ୍କ ଯିବା ଆସିବାରେ ସମସ୍ୟା ଦେଖାଦେଇଛି । ପିଲାଙ୍କ ପାଠପଢ଼ା ମଧ୍ୟ ବ୍ୟାହତ ହୋଇଛି । ଦୀର୍ଘ ୬ ଦିନ ହେବ ରାସ୍ତା ଉପରେ ପ୍ରାୟ ୩ ଫୁଟର ପାଣି । ଲୋକେ ଘରୁ ବାହାରି ପାରୁ ନାହାଁନ୍ତି କି ବାହାରୁ ଗାଁକୁ ଯାଇପାରୁ ନାହାଁନ୍ତି ।ଜରୁରୀ କାମ ପଡ଼ିଲେ ବାଧ ହୋଇ ଆଣ୍ଠୁଏ ପାଣିରେ ଯିବା ଆସିବା କରୁଛନ୍ତି । ଏ

## ବର୍ଷେ ହେଲା ଗୁହାରୀ କେହି ଶୁଣୁ ନାହାନ୍ତି

ହେଉଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଜାତୀୟରାଜପଥ ୩୫୩ରୁ ଡୁମେରବାହାଲ ଗାଁକୁ ଯିବା ରାସ୍ତା । ପାଣି ଯୋଗୁଁ ଲୋକଙ୍କ ଜୀବନ ଜୀବିକା ଠପ୍ ହୋଇଯାଇଛି । କିଛି ଦିନ ହେବ ନୂଆପଡ଼ା ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏବେ ଜଳ ଭଣ୍ଡାରରେ ୨୬୪.୩ ମିଟର ପାଣି ରହିଛି । ଶୁକ୍ରବାର ଦିନ ଜଳ ଭଣ୍ଡାରର ଗୋଟିଏ ଗେଟ୍ ଖୋଲା ଯାଇଛି ।ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୭ ଘନ ମିଟର ପାଣି ପ୍ରବେଶ କରୁ ଥିବାବେଳେ ୮୦ ଘନ ମିଟର ପାଣି ନିଷ୍କାସନ ହେଉଛି । ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇ-ଅଗଷ୍ଟ ମାସ ବେଳକୁ ଦୀର୍ଘ ମାସେ କାଳ ପାଣି ଘେରରେ ରାସ୍ତା ରହିଥିବାରୁ ଗାଁ ଲୋକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଥିଲେ । ଏହାକୁ ନେଇ ଗାଁ ଲୋକ ଜିଲ୍ଲାପ୍ରଶାସନକୁ ଗୁହାରୀ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହେଲା ନାହିଁ । ଏହା ଉପରେ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟ ପୁରିଆଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଗ୍ରହଣ କରିନଥିଲେ । ବର୍ଷ ପରେ ବର୍ଷ ବିତିଲା କିନ୍ତୁ ଡୁମେରବାହାଲ ଗାଁର ଦୁଃଖ ଦୂର ହେଲା ନାହିଁ ।ବର୍ଷା ହେଲେ ଗାଁ ରାସ୍ତାରେ ମାଡି ଆସୁଛି ଡ୍ୟାମର ପାଣି ।ଏହାକୁ ନେଇ ଡ୍ୟାମ ଡିଭିଜନ ଅଧିକାରୀମାନେ ଜାଣି ନଜାଣିଲା ଭଳି ହେଉଛନ୍ତି ଏବଂ ଦେଖାଦର୍ଶନ ଦେଉନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ୨୪ ଅଭିଯୋଗରେ ଜନଶୁଣାଣି ଶେଷ



କେସିଙ୍ଗା, ୨୫ ।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବର୍‌ରେ ସୋମବାର ଦିନ ସ୍ଥାନୀୟ ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣିରେ ସର୍ବମୋଟ ୨୪ଟି ଅଭିଯୋଗର ଶୁଣାଣି ହୋଇଥିଲା ୫ଟିର ବାକେୟା, ସୁଭଦ୍ରା ଟଙ୍କା ନ ମିଳିବା, ଚାଷ ପାଇଁ ଜଳସେଚନ ପ୍ରକଳ୍ପ ବାବଦରେ ଅଭିଯୋଗ ହୋଇଥିଲା । ଏଥିରେ ପି ଡି ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ, କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣୀ କରିଥିଲେ ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲା ବିକାଶ ନର୍ସିଂ କଲେଜ

ଭବାନୀପାଟଣା, ୨୫ ।୮ (ସମିସ): ଭବାନୀପାଟଣା ବିକାଶ ନର୍ସିଂ କଲେଜ ପ୍ରୟାସରେ 'ସଶକ୍ତ ନାରୀ, ସଶକ୍ତ ଦେଶ'ଏକ ବ୍ୟାପକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଅଭିଯାନ କଳାହାଣ୍ଡି ଜିଲ୍ଲାର ୧୦ଟି ଦୂରସ୍ଥ ଓ ଆଦିବାସୀ ଗ୍ରାମରେ ଗତ ୨୭ ଜୁଲାଇ ୨୦୨୫ ଆୟୋଜିତ ହୋଇଥିଲା । ୨୦୬ ନର୍ସିଂ ଛାତ୍ରଛାତ୍ରୀ ଫୁପଗାଁ, ତାରାପୁର, କୁଚାଗାଁ, ସିରୋଳ, ବଡ଼କୁଟ୍‌ରୁ, ସରଗୁଲମାଲପଡ଼ା, ବାଘପୁର, ଖଲିଆକାନି ଓ ଲାଞ୍ଜିଗଡ଼ ରୋଡ ପରିଦର୍ଶନ କରି ଆଲୋଚନା, ପ୍ରଦର୍ଶନୀ ଓ ସାକ୍ଷାତ୍‌କାରୀ ଚର୍ଚ୍ଚା ମାଧ୍ୟମରେ ଆଦିବାସୀ ମହିଳାଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ମାସିକ ଶୁଚିତା, ଗର୍ଭାବସ୍ଥା ଓ ଜନ୍ମପରବର୍ତ୍ତୀ ଯତ୍ନ, ଶିଶୁ ପୋଷଣ, ପରିବାର ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଆତ୍ମସମ୍ମାନ ଓ ନେତୃତ୍ୱ ବିଷୟରେ ଗ୍ରାମବାସୀଙ୍କୁ ଜଣାଇଥିଲେ । ସଚେତନତା ଅଭିଯାନକୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ 'ଆଦିବାସୀ ମହିଳାଙ୍କ ପାଇଁ ସର୍ବବୃହତ'ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଅଭିଯାନ ଭାବରେ ସ୍ୱୀକାର କରିଛି । ୨୨ ଅଗଷ୍ଟ ୨୦୨୫ ରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍, ଭବାନୀପାଟଣାରେ ବିଶେଷ ସମ୍ମାନ ସଭା ଆୟୋଜିତ ହୋଇଥିଲା । ଇଣ୍ଡିଆ ବୁକ୍ ଅଫ ରେକର୍ଡ ପକ୍ଷରୁ ବିଚାରକ ଡ.ଗୌରବ ପ୍ରିୟଦର୍ଶୀ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥ୍ୟ ଭାବେ ଡ.ପ୍ରବିନ୍ କୁମାର୍ ସାହୁ ଆସିଷ୍ଟାଣ୍ଟ ପ୍ରଫେସର(ମନୋଚିକିତ୍ସକ) ସଭାରେ କହିଥିଲେ ଯେ ଏକ ଅଲୌକିକ ପ୍ରୟାସରେ, ବିକାଶ ନର୍ସିଂ କଲେଜ୍ ଜନଜାତିୟ ମହିଳାମାନଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭିଯାନ ଆୟୋଜନ କରିଥିଲା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ସଚେତନତା ଓ ପ୍ରତିରୋଧକ ଅଭ୍ୟାସ ମାଧ୍ୟମରେ ମହିଳା ସଶକ୍ତିକରଣ ପ୍ରତି ଏକ ଦୃଷ୍ଟିଭଙ୍ଗୀମୂଳକ ପଦକ୍ଷେପର ପରିଚୟ ଦେଇଛି । ୨୦୦-ରୁ ଅଧିକ ଉତ୍ସାହିତ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଭିଯାନରେ ଅଂଶଗ୍ରହଣ କରି, ସମୁଦାୟ ପର୍ଯ୍ୟନ୍ତ ସମର୍ପଣ ଓ କରୁଣା ସହିତ ପହଞ୍ଚିଥିଲେ । ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ମଙ୍ଗଳାନୁଷ୍ଠାନ ପ୍ରଚାରରେ ତାଙ୍କର ପ୍ରୟାସ




ନିଶ୍ଚୟ ଶ୍ଳୋଘନୀୟ ଓ ଗୁରୁତ୍ୱପୂର୍ଣ୍ଣ ।ସମାରୋହରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ଡ. ଶ୍ୟାମ, ନିର୍ଦ୍ଦେଶକ ଓ ଡ଼ି ରାମ କୁମାର, ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସଚେତନା କାର୍ଯ୍ୟକ୍ରମ କରିଥିବା ଛାତ୍ରଛାତ୍ରୀଙ୍କୁ ତାଙ୍କର ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ସେହିଭଳି ଅନୁଷ୍ଠାନର ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ସଦସ୍ୟା ଡି. ପଦ୍ମିନୀ, ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଡ଼ା. ସୁଦୀପ୍ତ କୁମାର୍ ଜାନା, ଅଧ୍ୟକ୍ଷ .ଡା. ଆଦିତ୍ୟ କୁମାର ପଟ୍ଟନାୟକ, ଅଧ୍ୟକ୍ଷ, ଓ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସୁପରିଚାଳନା କରିଥିଲେ ।

# ମୂର୍ତ୍ତି କାରିଗରଙ୍କୁ ରୋଜଗାର ଦେଉଛି ପର୍ବପର୍ବାଣୀ



କେସିଙ୍ଗା, ୨୫ ।୮ (ସମିସ): ଆଉ କେଇଟା ଦିନ ପରେ ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଗଣେଶ ପୂଜା ହେବ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ସମେତ ଅନେକ ବେସରକାରୀ ସଂସ୍ଥାମାନେ ମଧ୍ୟ କରିଥାନ୍ତି ଗଣେଶ ପୂଜା । ଗଣେଶ ପୂଜାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ବୋରିଙ୍ଗ ପଦର ଠାରେ ମାସେ ଆଗରୁ ଦୁଇଟି ବଡ଼ବଡ଼ ଟେଣ୍ଟ ଲଗାଇ ମୂର୍ତ୍ତି କାରିଗରମାନେ ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ମୂର୍ତ୍ତି ତିଆରି କରି ବିକ୍ରୟ ପାଇଁ କ୍ରେତାଙ୍କ ବାଟ ଚାହିଁ ରହିଛନ୍ତି ।କିଛି ମୂର୍ତ୍ତିର ଆଡଭାନସ ଅର୍ଡର ଆଗରୁ ମିଳିଥାଏ ତ କିଛି ମୂର୍ତ୍ତି କାରିଗର ବିକ୍ରିର ଅନୁମାନ କରି ତିଆରି କରିଥାଆନ୍ତି ।ଗଣେଶ ପୂଜାକୁ ଆଉ ମାତ୍ର ୨ ଦିନ ବାକି ଥିବା ବେଳେ ଲଘୁଚାପ ଜନିତ ଟିପରି ଟିପରି ବର୍ଷା ଦାଉ ସାଜିଛି ବୋଲି କାରିଗରମାନେ ପ୍ରକାଶ କରିଛନ୍ତି ।ଚଳିତ ବର୍ଷ ନିଅଣ୍ଟିଆ ଚାଷ ପାଇଁ ବର୍ଷା ଜରୁରୀ ଥିଲେ ମଧ୍ୟ ଆମର ୫ ଦିନିଆ ବେପାରକୁ ଦାଉ ସାଜିଛି ଲଘୁଚାପ ଜନିତ ବର୍ଷା ।ବର୍ଷକରେ ଥରେ ଆମେ ଘରଦ୍ୱାର ଛାଡି ସହରକୁ ଆସି ଅନେକ ବାଧା ବିଘ୍ନ ସହିତ ଟଙ୍କା ଖର୍ଚ୍ଚ କରି ମୂର୍ତ୍ତି ତିଆରି କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ମଧ୍ୟ ଚଳାଇ ଥାଉ ବୋଲି କହନ୍ତି କାରିଗର । କେସିଙ୍ଗା ସହରରେ ବିଭିନ୍ନ ଆକୃତିର ମୋନଲୋଭକାରୀ, ସୁନ୍ଦର ପ୍ରାୟ ୩୦୦ ମୂର୍ତ୍ତି ତିଆରି କରାଯାଇଥିବା ବେଳେ ମୂର୍ତ୍ତି ଗୁଡ଼ିକର ମୂଲ୍ୟ ୨୫ ହଜାର ଟଙ୍କାରୁ ୫୦୦ ଟଙ୍କା ମଧ୍ୟରେ ରହିଛି ।ମୂର୍ତ୍ତି ଗୁଡ଼ିକର ନିର୍ମାଣ ପ୍ରାୟତ ସରିଯାଇଥିବା ବେଳେ କେବଳ ଗଣେଶ ପୂଜା ଦିନକୁ ଅପେକ୍ଷା କରିଛନ୍ତି ।

## ନୂଆପଡ଼ା କପ ଫୁଟବଲ ପ୍ରତିଯୋଗିତା

# ନୂଆପଡ଼ା ଏନ୍‌ଏସି ଓ କୋମନା ବ୍ଲକ୍ ଫାଇନାଲକୁ ଉନ୍ନୀତ



ନୂଆପଡ଼ା, ୨୫ ।୮ (ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ଜିଲ୍ଲା ଫୁଟବଲ ସଂଘ ତରଫରୁ ଚାଲିଥିବା ଜିଲ୍ଲାସ୍ତରୀୟ ନୂଆପଡ଼ା କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନୂଆପଡ଼ା ଏନ୍‌ଏସି ଓ କୋମନା ବ୍ଲକ ଫାଇନାଲକୁ ପ୍ରବେଶ କରିଛନ୍ତି । ରବିବାର ଦିନ ପ୍ରଥମ ସେମିଫାଇନାଲ ମ୍ୟାଚ୍ ନୂଆପଡ଼ା ଏନ୍‌ଏସି ଓ ସିନାପାଲି ବ୍ଲକ ଦଳ ମଧ୍ୟରେ ହୋଇଥିଲା । ତେବେ ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂଶିତ ହେବାରୁ ଟାଇବ୍ରେକର ସାହାଯ୍ୟରେ ନୂଆପଡ଼ା ଏନ୍‌ଏସି ଦଳ ୪-୧ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କୋମନା ବ୍ଲକ ଓ ଖଡିଆଳ ଏନଏସି ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ କୋମନା ବ୍ଲକ ୩-୧ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା । ଜିଲ୍ଲା ଫୁଟବଲ ସଂଘ ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ସମ୍ମାନିତ ଅତିଥି ଭାବେ ଗରିବ ସେନା ଜିଲ୍ଲା ସଭାପତି ରବୀନ୍ଦ୍ର ମଙ୍ଗରାଜ, ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ସଞ୍ଜୟ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ । ରେଫରି ବଳରାମ ସରାଫ, ହେମସାଗର ସାହୁ, ଦୁଷ୍ମନ୍ତ ପୁଝାରୀ, ରାଜୁ ଖସେର୍ଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମୁକେଶ ସହିସ ଓ ପ୍ରକାଶ ପାତ୍ର ଧାରାବିବରଣି ପ୍ରଦାନ କରିଥିଲେ । ସୋମବାର ଅପରାହ୍ନରେ ନୂଆପଡ଼ା ଏନଏସି ଓ କୋମନା ବ୍ଲକ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବାକୁ ରହିଛି ।

## ଅସୁସ୍ଥ ଛାତ୍ରଙ୍କୁ ଉପାସରେ ରଖିବା ଘଟଣା

# ତଦନ୍ତ ସରିଛି, କାର୍ଯ୍ୟାନୁଷ୍ଠାନ ଶୂନ୍

କୋକସରା, ୨୫ ।୮ (ସମିସ)

କୋକସରା ବ୍ଲକ ଆମପାଣିସ୍ଥିତ ଆବାସିକ ବିଦ୍ୟାଳୟର ଜଣେ ଅସୁସ୍ଥ ଛାତ୍ରଙ୍କୁ ଉପାସରେ ରଖିବା ଏବଂ ତାଙ୍କ ଅବିଭାବକଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଘଟଣାର ଗତ ୭ ତାରିଖରେ ତଦନ୍ତ ହୋଇଥିଲା । ହେଲେ ତଦନ୍ତକୁ ପ୍ରାୟ ୧୭ ଦିନ ବିତିଯାଇଥିଲେ ସୁଦ୍ଧା ଶିକ୍ଷକମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଯାହାକୁ ନେଇ ଅବିଭାବକ ଓ ସାଧାରଣଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ' ଅଗଷ୍ଟ ୫ ତାରିଖ ସନ୍ଧ୍ୟାରେ ଉକ୍ତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଅରୁଣ ବିଶିଙ୍କୁ ଜ୍ୱର ହୋଇଥିଲା । ଏହା ପରେ ଛାତ୍ର ଜଣକ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରହ୍ଲାଦ ସାହୁଙ୍କୁ ଜଣେଇ ଥିଲେ । ଶିକ୍ଷକ ଜଣକ ଡାକ୍ତରଖାନା ନେବା ପରିବର୍ତ୍ତେ ରାତିରେ ହିଁ ବାହାରି ଯିବାକୁ ଛାତ୍ରଙ୍କୁ ଧମକ ଦେବା ସହିତ ଉପାସରେ ରଖିଥିବା ଅଭିଯୋଗ ହୋଇଥିଲା ।




ଛାତ୍ରଙ୍କ ବିଧବା ମା' ଭବାନୀ ବିଶି ତାଙ୍କୁ ଆଣିବାକୁ ଯାଇ ପୁଅର ସ୍ୱାସ୍ଥ୍ୟବସ୍ଥା ଓ ଉପବାସରେ ରଖିବା ଘଟଣା ବିଷୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ପଚାରିଥିଲେ । ହେଲେ ପ୍ରଧାନଶିକ୍ଷକ ଅଭିଭାବିକା ଜଣକୁ ଦୁର୍ବ୍ୟବହାର କରିଥିବା ସେହି ସମୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଛାତ୍ରଙ୍କ ଅଭିଭାବିକା ଅଭିଯୋଗ କରିଥିଲେ । ଏମିତି କି ପ୍ରଧାନଶିକ୍ଷକ ଓ ଛାତ୍ରଙ୍କ ଅଭିଭାବିକା ମଧ୍ୟରେ କଥା କଟାକଟି ହେଉଥିବା ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ତେବେ ଉକ୍ତ ଘଟଣାକୁ ନେଇ ଗତ ୭ ତାରିଖରେ କୋକସରା ବ୍ଲକ ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ଅଧିକାରୀ ଭବାନୀଶଙ୍କର ଜେନା ସ୍କୁଲରେ ପହଞ୍ଚି ତଦନ୍ତ କରିବା ପରେ ରିପୋର୍ଟ ପ୍ରଦାନ କରିଛନ୍ତି । ହେଲେ ଉକ୍ତ ତଦନ୍ତକୁ ପ୍ରାୟ ୧୭ ଦିନ ବିତିଯାଇଥିଲେ ସୁଦ୍ଧା ସମ୍ପୃକ୍ତ ଶିକ୍ଷକମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅନ୍ୟପଟେ ସ୍କୁଲର ପ୍ରଧାନଶିକ୍ଷକ ମୁଁ ଜଣେ ମନ୍ତ୍ରୀଙ୍କ ଗୁରୁ ମୋର କିଛି ଅସୁବିଧା ହେବନାହିଁ ବୋଲି କହୁଥିବା କଥା ଏବେ ହାଟରେ ବାଟରେ ଚର୍ଚ୍ଚା ହେଉଛି । ତେଣୁ ଏହି ଶିକ୍ଷକଙ୍କ ପଛରେ କେଉଁ ଅଦୃଶ୍ୟ ଶକ୍ତି ରହିଛି ଯେ' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନ ନିରବି ଯାଇଛି ବୋଲି ଲୋକେ ସନ୍ଦେହ କଲେଣି । ଏନେଇ ଜିଲ୍ଲା କଲ୍ୟାଣ ଅଧିକାରୀ ଅନ୍ତର୍ଯ୍ୟାମୀ କଅଁରଙ୍କ ପ୍ରତିକ୍ରିୟା ନେବାରୁ ତଦନ୍ତ କରାଯାଇଛି, ଆମ ପାଖରେ ରିପୋର୍ଟ ମଧ୍ୟ ଆସିଛି । ଆମେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ମାଗିଛୁ ବୋଲି କହିଛନ୍ତି ।

## ● ମ.ରାମପୁର ଓ ନର୍ଲାକୁ ଏନ୍‌ଏସି ମାନ୍ୟତା ଦାବି

# ୧୫ ଦିନ ଭିତରେ ଏନ୍‌ଏସି ଘୋଷଣା କରା ନ ଗଲେ ଆନ୍ଦୋଳନ

ମ.ରାମପୁର/ଭବାନୀପାଟଣା, ୨୫ ।୮ (ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନ ମଣ୍ଡଳୀର ଦୁଇ ପ୍ରମୁଖ ସହରମ.ରାମପୁର ଓ ନର୍ଲାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଦାବିରେ ସୋମବାର ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ୍ କରା ଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଦୁଇ ସହର ସମସ୍ତ ସରକାରୀ ମାନଦଣ୍ଡ ପୂରଣ କରିଥିବା ନେଇ ପୂର୍ବ ସରକାର ଏହି ଦୁଇ ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ ସରକାରଙ୍କ ନୂତନ ବିଜ୍ଞାପିତି ଅଞ୍ଚଳ ପରିଷଦ ତାଲିକା ଘୋଷଣାରେ ଉକ୍ତ ଦୁଇ ସହରର ନାଁ ନଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ନର୍ଲା ନିର୍ବାଚନମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚର ଆବାହକ ଦୁର୍ଗା ପ୍ରସାଦ ମହାନ୍ତି ଓ ବିକାଶ ମଞ୍ଚ ସଭାପତି ରୋମାଞ୍ଚ ସାହୁଙ୍କ ଆହ୍ୱାନକ୍ରମେ ନର୍ଲା ବିଧାୟକା ମନୋରମା ମହାନ୍ତିଙ୍କ ସମେତ ଶତାଧିକ ଜନସଧାରଣ ଯୋଗଦେଇ ସହର ପରିକ୍ରମା କରିଥିଲେ । ସରକାର ଯଦି ନର୍ଲା ଓ ମ.ରାମପୁରକୁ ପନ୍ଦର ଦିନ ମଧ୍ୟରେ ଏନ୍‌ଏସି ଘୋଷଣା ନ କରନ୍ତି ତେବେ ବ୍ଲକରୁ ବିଧାନସଭା ଯାଏଁ ଘେରାଉ କରିବା ସହ ବ୍ଲକ କାର୍ଯ୍ୟାଳରେ ଆନ୍ଦୋଳନକୁ ତୀବ୍ରତର କରିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ନର୍ଲା ନିର୍ବାଚନ




ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚର ସଭାପତି ଉପସଭାପତି ପ୍ରେମ୍ ସାଗର ନାଏକ, ସମାଜସେବୀ ତଥା ଆଇନଜୀବୀ ସତ୍ୟ ନାରାୟଣ ସାହୁ, ମ.ରାମପୁର ବଣିକ ସଂଘ ସଭାପତି ତଥା ପ୍ରେସ କ୍ଲବ୍ ସଭାପତି ପ୍ରଶାନ୍ତ ସାମନ୍ତରା, ବିକାଶ ରଞ୍ଜନ ସିଂହଦେଓ, ଜିବେଶ ପଣ୍ଡା, ଭବାନୀ ଶଙ୍କର ସାହୁ, ପ୍ରଦୀପ ପାଣିଗ୍ରାହୀ, ଭାରତ ଚାଟର୍ଜି, ଚମରା ବଗର୍ତି, ଚିରାଗ ସିଂଦେଓଙ୍କ ସମେତ ସ୍ୱାଭିମାନ ବିକାଶ ମଞ୍ଚର ଅନେକ କର୍ମକର୍ତ୍ତା ସାମିଲ ଥିଲେ ।

# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱଲା

ସକାଳ
THE SAKALA

## ନିଶା କବଳରେ ଓଡ଼ିଶା

ନିଶା ସେବନ ଯେ ମଣିଷକୁ ପଶୁରେ ପରିଣତ କରେ ତାହାର ଦୃଷ୍ଟାନ୍ତ ଅନେକ। ପାରିବାରିକ ଓ ସାମାଜିକ ଜୀବନରେ ଅପରାଧ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜଣେ ସାଧାରଣ ଲୋକ ସ୍ୱାଭାବିକ ଅବସ୍ଥାରେ ରହି ଯେଉଁ ଅପରାଧ କରିପାରିବ ନାହିଁ ନିଶାସକ୍ତ ଅବସ୍ଥାରେ ତାହା ନିର୍ବିଘ୍ନରେ ଭିଆଇ ପାରିବ। ଆମ ଜୀବନ ପ୍ରବାହରେ ସଂପର୍କ ଓ ସଂପ୍ରତି କ୍ରମେ ଦିଗହରା ହେଉଛି। ତେଣୁ ଅଚିନ୍ତନୀୟ ଓ ଅକଳ୍ପନୀୟ ଅପରାଧ ସମ୍ମୁଖକୁ ଆସୁଛି। ଦିନକୁ ଦିନ ଅପରାଧ ବୃଦ୍ଧି ପାଇବା ପଛରେ ଏହି ନିଶାର କରାମତି ଅଧିକ। ବର୍ତ୍ତମାନର ନିଶା ଆଉ ମଦ, ଗଞ୍ଜେଇ ଓ ଭାଙ୍ଗରେ ସୀମିତ ନାହିଁ ଡ୍ରଗ୍ସ ପ୍ରତି ନିର୍ଭରଶୀଳତା ବୃଦ୍ଧି ପାଉଛି। ତଥାକଥିକ ଡ୍ରଗ୍ସ ବ୍ରାଉନ ସୁଗର, ହେରୋଇନ, କୋକେନ ଓ ମାରିଜୁଆନାର ମୂଲ୍ୟ ଆକାଶଛୁଆଁ ହେଇଥିଲେ ମଧ୍ୟ ତାହାର ପ୍ରସାର ଆମ ରାଜ୍ୟରେ ବଢ଼ି ଚାଲିଛି। ଏହି ଅର୍ଥ ପାଇଁ ତଥାକଥିତ ନିଶାଡ଼ି ଯେକୌଣସି ଅପରାଧ ଭିଆଇ ପାରିବ। ନିଶା ମୁକ୍ତି ପାଇଁ ପ୍ରଚଳିତ ବ୍ୟବସ୍ଥାର ସକ୍ରିୟତା ସତ୍ତ୍ୱେ କବଳିତଙ୍କୁ ବାଟକୁ ଫେରାଇ ଆଣାଯାଇ ପାରିନି। ବିଳାସପୂର୍ଣ୍ଣ ଜୀବନଧାରାକୁ ଆପଣାଇ ନେଇଥିବା ପରିବାରରେ ଏପ୍ରକାର ଡ୍ରଗ୍ସ ପ୍ରଥମେ କାୟାବିସ୍ତାର କରି ତାହା ଅନ୍ୟମାନଙ୍କୁ ସଂକ୍ରମିତ କରୁଛି। ଏକଥା ଉଲ୍ଲେଖ କରିବା ସକାଶେ ଆମ ରାଜ୍ୟରେ ଉପୁଜୁଥିବା କିଛି ଘଟଣାବଳୀ ବାଧ୍ୟବାଧକତା ସୃଷ୍ଟି କରିଛି। ନିର୍ବାଧାରେ ଗଞ୍ଜେଇ ଚାଷ ଓ ଚାଲାଣ ମାଧ୍ୟମରେ ବିପୁଳ ଉପାର୍ଜନରେ ସୁଯୋଗ ସୃଷ୍ଟି ହୋଇଛି। ମାଓବାଦୀଙ୍କ ପାଇଁ ଏହା ପାଣ୍ଠି ସଂଗ୍ରହ ସୁଯୋଗ ସୃଷ୍ଟି କରିଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ମାରିଜୁଆନା ଚାଲାଣର କେନ୍ଦ୍ରସ୍ଥଳରେ ପରିଣତ ହେବା ଚିନ୍ତା ଓ ଉଦ୍‌ବେଗର ବିଷୟ।

ଭୁବନେଶ୍ୱର ବିମାନ ବନ୍ଦର ଦେଇ ଦକ୍ଷିଣପୂର୍ବ ଏସିଆରୁ ମାରିଜୁଆନା ଚାଲାଣ ହେଉଥିବା ବେଳେ ଗୁଜୁରାଟର ମୁନ୍ଦ୍ରା ବନ୍ଦରକୁ ଇରାନ ଓ ଆଫଗାନିସ୍ତାନରୁ ଆସୁଥିବା ବ୍ରାଉନସୁଗର ଓ ହେରୋଇନ ସମସ୍ତଙ୍କୁ ଚକିତ କରିଛି। ଭୁବନେଶ୍ୱରରେ ଅପେକ୍ଷାକୃତ କମ କଟକଣା ଓ ଯାଞ୍ଚର ସୁଯୋଗ ନେଇ ବ୍ୟାଙ୍କକ୍ ଓ ସିଙ୍ଗାପୁରରୁ ମାରିଜୁଆନା ଆସିବା ବୃଦ୍ଧି ପାଇଛି। ଏହି ଚାଲାଣରେ ସଂପୃକ୍ତ ଥିବା ଅପରାଧ ଯେ ଓଡ଼ିଶାର ଏକଥା ନୁହେଁ। ଅନ୍ୟ ରାଜ୍ୟର ନିଶା ବେପାରୀ ଦକ୍ଷିଣ-ପୂର୍ବ ଏସିଆରୁ ଆଣୁଥିବା ମାରିଜୁଆନା ଭୁବନେଶ୍ୱର ବିମାନ ବନ୍ଦରକୁ କାହିଁକି ପସନ୍ଦ କରନ୍ତି? ତା'ର କାରଣ ହେଲା ବିନା ପ୍ରତିବନ୍ଧକରେ ଚାଲାଣର ସୁଯୋଗକୁ ନିଶାବେପାରୀ ଆପଣାଇ ନେଇଛନ୍ତି। ତେବେ ଗତ କିଛିମାସ ହେଲା କଠୋର କଟକଣା ଲାଗୁ ହୋଇଥିବାରୁ ଜଣକ ପରେ ଜଣେ ନିଶା ବେପାରୀ ଧରାପଡୁଛନ୍ତି। ହସ୍ତଗତ ହୋଇଥିବା ତଥ୍ୟରୁ ପ୍ରକାଶ ଯେ ଗତ ୬ ମାସ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଦକ୍ଷିଣ ପୂର୍ବ ଏସିଆରେ ବ୍ରାଉନ ସୁଗାର କିମ୍ବା ହିରୋଇନ ଚାଲାଣ କ୍ୱଚିତ ପରିଲକ୍ଷିତ ହୋଇଥାଏ। କାରଣ ଏହି ଡ୍ରଗ୍ସର ପେଣ୍ଠସ୍ଥଳ ହେଉଛି ଆଫଗାନିସ୍ତାନ। ତେଣୁ ସେସବୁ ଜଳପଥରେ ଭାରତ ଆସିଥାଏ। ଗତ ଶନିବାର ଦୁଇ ପଞ୍ଜାବୀ. ପ୍ରେମୀଯୁଗଳ ବ୍ୟାଙ୍କକରୁ ୪କୋଟି ଟଙ୍କାର ମାରିଜୁଆନା ନେଇ ଆସୁଥିବା ବେଳେ ବର୍ହିଶୁଳ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ବେଳେ ଧରା ପଡ଼ିଛନ୍ତି। ଗତ ଜୁଲାଇ ୨୯ରେ ୨୫ କେଜି ମାରିଜୁଆନା ନେଇ ଆସୁଥିବା ୩ଜଣ ଯୁବକଙ୍କୁ ଏହି ବିମାନ ବନ୍ଦରରୁ ଏୟାରପୋର୍ଟ ପୁଲିସ ଜବତ କରିଥିଲା। ସେହି ଭଳି ଅଗଷ୍ଟ ୨ରେ ଦୁଇଟି ଧରପଗଡ଼ ହୋଇଥିଲା ଏବଂ ୮ କୋଟି ୧୦ କୋଟିଟଙ୍କାର ମାରିଜୁଆନା ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏଭଳି କ୍ରମାଗତ ଘଟଣାରୁ ସ୍ପଷ୍ଟ ହେଉଛି ଯେ କର୍ତ୍ତୃପକ୍ଷଙ୍କ ଅସାବଧାନତାର ସୁଯୋଗ ନେଇ କିଛି ଅପରାଧୀ ଖସିଯାଥିବାରୁ ତାହା ଏବେ ମଧ୍ୟ ଜାରି ରହିଛି।

ଏବେ ଆସିବା ଗୁଜୁରାଟର ମୁନ୍ଦ୍ରା ବନ୍ଦର ପ୍ରସଙ୍ଗକୁ। ଦେଶର ପଶ୍ଚିମ ଉପକୂଳରେ ଏକାଧିକ ବନ୍ଦର ଥିବାବେଳେ ଡ୍ରଗ୍ସ ଚାଲାଣକାରୀ ମୁନ୍ଦ୍ରା ବନ୍ଦରକୁ କାହିଁକି ପସନ୍ଦ କରନ୍ତି? କାରଣ ହେଲା, ସେହି ଏକା କଥା। ବିନା କଟକଣା ବା ଧରପଗଡ଼ରେ ଖସିଯିବାର ସୁଯୋଗ ରହୁଥିବାରୁ ଜାହାଜ କଣ୍ଟେନରରେ ଆସୁଛି ବିପୁଳ ପରିମାଣର ବ୍ରାଉନସୁଗାର ଓ ହେରୋଇନ। ଏପରିକି ଅଶୋଧିକ ଡ୍ରଗ୍ସ ମୁନ୍ଦ୍ରା ବାଟ ଦେଇ ସ୍ଥଳପଥରେ ମୁମ୍ବାଇକୁ ଚାଲାଣ ହେଉଛି। ସେଠାରେ ଥିବା ବେଆଇନ କାରଖାନାରେ ଶୋଧନ କରାଯାଇ ଦେଶର ବିଭିନ୍ନ ଅଞ୍ଚଳକୁ ଚାହିଦା ଅନୁଯାୟୀ ପ୍ରେରଣ କରାଯାଉଛି। ଲୋକସଭାରେ ବିରୋଧୀଦଳ ନେତାଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ବନ୍ଦରରୁ ୧୯ ଟି ମାମଲାରେ ୧୧,୩୧୧ କୋଟି ଟଙ୍କାର ଡ୍ରଗ୍ସ ଧରାପଡ଼ିଥିଲା। ଡ୍ରଗ୍ସ କରାବାରକୁ ନିୟନ୍ତ୍ରଣ କରିବା ସକାଶେ ରାଜ୍ୟ, କେନ୍ଦ୍ରୀୟ ଏଜେନ୍ସି ଓ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ଉପକୂଳ ବାହିନୀ ଓ ନୌସେନା ସହାୟତାରେ ନିୟମିତ ଚଢ଼ଉ ଜାରିରହିଛି। କିନ୍ତୁ ଲୋକସଭା ଉତ୍ତରରୁ ବାଦ ପଡିଥିବା ତଥ୍ୟ ହେଉଛି ୨୦୨୧ ରେ ମୁନ୍ଦ୍ରଅର ବନ୍ଦରରୁ ୨୯୮୮ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା, ଯାହାର କି ମୂଲ୍ୟ ହେବ ୨୧,୦୦୦ କୋଟି ଟଙ୍କାରୁ ଅଧିକ। ଆଫଗାନିସ୍ତାନରୁ ଏହି ହିରୋଇନ ଇରାନ ବନ୍ଦର ଦେଇ ଭାରତକୁ ପଠାଯାଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇଛି। ଏନ୍‌ଆଇଏ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ଡ୍ରଗ୍ସ ଅର୍ଥ ବେଆଇନ ଘୋଷିତ ଲସ୍କର-ଇ-ତୋଇବାର ଅଗ୍ରଣୀ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବାର ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ପରବର୍ତ୍ତୀ ସମୟରେ ପହଲଗାମ ଆତଙ୍କବାଦୀ କାର୍ଯ୍ୟ ପଛରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇଥିଲା ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ଇଶାରେ ଗଞ୍ଜେଇ ଚାଲାଣ ବିରୋଧରେ ଜୋରଦାର ଧରପଗଡ଼ ଜାରି ରହିଛି। ଗଞ୍ଜେଇ ଚାଷକୁ ନିଷିଦ୍ଧ କରି ତୃଣମୂଳ ସ୍ତରରୁ ପଦକ୍ଷେପ ଗ୍ରହଣ କରାଗଲେ ଏହି ଧରପଗଡ଼ର କୌଣସି ଆବଶ୍ୟକତା ରହିବ ନାହିଁ। ଜଙ୍ଗଲ ଅବକାରୀ ଓ ପୁଲିସ ବିଭାଗର ସଲାସୁତୁରାରେ ଏହି ଗଞ୍ଜେଇ ଚାଷ ଏବଂ କୋଟି କୋଟି ଟଙ୍କାର କାରବାର ତଳୁ ଉପର ପର୍ଯ୍ୟନ୍ତ ଚାଲିଥିବାର ଅଭିଯୋଗ ହୁଏ। ଧରପଗଡ଼ କେବଳ ଧୂଆଁବାଣ। ଉପାନ୍ତ ଅଗମ୍ୟ ଅଞ୍ଚଳରେ ଅବଶ୍ୟ ମାଓବାଦୀଙ୍କ ପୁଞ୍ଜି ଆହରଣର ସୂତ୍ର ପାଲଟିଛି ଏହି ଗଞ୍ଜେଇଚାଷ। ଗଞ୍ଜେଇ ଉପରେ ଥିବା ନିଷେଧାଦେଶ ପ୍ରତ୍ୟାହାର ସକାଶେ ପାଶ୍ଚତ୍ୟ ରାଷ୍ଟ୍ରରେ ଜନମତ ସୃଷ୍ଟି ହେଲାଣି। ତାହାର ଔଷଧୀୟ ଗୁଣ ଓ ଅନ୍ୟାନ୍ୟ ଉପକାରିତା ପ୍ରତି ଏପର୍ଯ୍ୟନ୍ତ ସଠିକ ଧ୍ୟାନ ଦିଆଯାଇ ନାହିଁ। ଯେତେଦୂର ମନେହୁଏ ନିଷେଦ୍ଧାଦେଶ ପୃଷ୍ଠଭାଗରେ ବିପୁଳ କଳା ଅର୍ଥର କାରସାଦୀ ରହିଛି। ଏହା ଉଭୟ ଶାସନ ଓ କ୍ଷମତା କେନ୍ଦ୍ରକୁ ପ୍ରଭାବିତ କରି ରଖିଛି। ●

## ବ୍ୟାବସାୟିକ ବିବାଦରୁ ବିକଳ୍ପ ଶକ୍ତି ସମ୍ଭାବନା

ଡ. ସନ୍ତୋଷ କୁମାର ସାହୁ

ଅଖଣ୍ଡ ଭାରତ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ତାରିଫ ପ୍ରହାର ଏକ ବ୍ୟାବସାୟିକ ବିବାଦ ରୂପେ ଆପାତତଃ ଜଣାପଡୁଥିଲେ ହେଁ ଏହା ସିଧାସଳଖ ଦେଶର ଶକ୍ତି ଉତ୍ସ ଉପରେ ପ୍ରହାର ଷଡ଼ଯନ୍ତ୍ର ଭାବେ ଅଭିହିତ କରାଯାଇପାରେ। ତେବେ ଭାରତର କୂଟନୀତି, ଯୋଜନାବଦ୍ଧ ରଣନୀତି, ଆତ୍ମନିର୍ଭରଶୀଳତା, ବିବିଧ ବ୍ୟବସାୟ, ଅନ୍ତର୍ଜାତୀୟ ବଜାରରେ ଭାରତର ପ୍ରମୁଖ ଭୂମିକା, ବିପୁଳ ବଜାର ଓ ଭୌଗୋଳିକ ସ୍ଥିତିକୁ ଅବଲୋକନ କଲେ ଭାରତର ସୁରକ୍ଷା ପ୍ରାଚୀର ଭେଦିବାକୁ ଆମେରିକାର ପ୍ରୟାସ ଯେ ପଣ୍ଡ ହେବ ଏଥିରେ ସନ୍ଦେହ ନାହିଁ।

୨୦୨୫, ଅଗଷ୍ଟ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ୨୫% ଶୁଳ୍କ ଲାଗୁ କଲେ। ମାତ୍ର ଛ' ଦିନ ପରେ ଆଉ ୨୫% ବଢ଼ାଇ, ମୋଟ ୫୦% ଶୁଳ୍କ ଲାଗୁ କରାଗଲା। ବାରଣ ସତ୍ତ୍ୱେ ଭାରତ ରୁଷରୁ ବିପୁଳ ପରିମାଣର ଇନ୍ଧନ କିଣୁଥିବାରୁ ଭାରତ ଉପରେ ଜୋରିମାନା ଆକାରରେ ଏହି ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟୀକରଣରେ କୁହାଗଲା। କିନ୍ତୁ ଆମେରିକାର ଏହି ପଦକ୍ଷେପ ଭାରତ ଉପରେ କେବଳ ବ୍ୟାବସାୟିକ ଚାପ ନୁହେଁ, ଭାରତର ଶକ୍ତି ସୁରକ୍ଷାକୁ ଦୋହଲାଇ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ ପାଇଛି।

ସାମ୍ପ୍ରତିକ ସ୍ଥିତିରେ ଭାରତ ଏହାର ଅଶୋଧିତ ତୈଳ ଚାହିଦାର ୮୮.୨% ଏବଂ ପ୍ରାକୃତିକ ବାଷ୍ପର ୫୦.୮% ଆମଦାନୀ କରୁଛି। ରୁଷିଆର ଅଶୋଧିତ ତୈଳ ଉପରେ ଭାରତ ନିର୍ଭରଶୀଳତା ବୃଦ୍ଧିର ପଛରେ ତିନୋଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦୀ ଆରବ ତୁଳନାରେ ରୁଷ୍‌ର ଅଶୋଧିତ ତୈଳ ଭାରତ ପାଇଁ ଶସ୍ତା ରହୁଛି। ୨୦୨୫ ମେ'ରେ ସାଉଦୀ ଆରବ ତୁଳନାରେ ରୁଷ୍‌ରୁ ଉତ୍ପାଦିତ ଅଶୋଧିତ ତୈଳ ବ୍ୟାରେଲ ପିଛା ୪.୫୦ଡଲାର କମ୍ ଥିଲା। ଦ୍ୱିତୀୟତଃ, ପାରମ୍ପରିକ ମଧ୍ୟପ୍ରାଚ୍ୟ ଯୋଗାଣକାରୀଠାରୁ ଦୂରେଇ ଏହାକୁ ବିବିଧିକରଣ କରିବା ଦ୍ୱାରା ୟୁରୋପୀୟ ଚାହିଦା ବିଶ୍ୱ ତୈଳ ପ୍ରବାହକୁ ପୁନଃଗଠନ କରିଛି। ଭାରତ ଅଶୋଧିତ ତୈଳ ଆମଦାନୀ କରି ଏବେ ବିଶୋଧିତ ତୈଳ ରପ୍ତାନି କରିବା ଦ୍ୱାରା ଏହା ନିଜସ୍ୱ ଚାହିଦା ମେଣ୍ଟାଇ ଶକ୍ତି ସୁରକ୍ଷା ଦିଗରେ ଏକ ବଡ଼ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୪୪.୩ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଜି୭ ଦେଶମାନଙ୍କୁ ଭାରତ ରପ୍ତାନି କରିଥିଲା। ତୃତୀୟ, ଭାରତର ମତରେ, ରୁଷିଆରୁ ତୈଳ କ୍ରୟ ଦ୍ୱାରା ବିଶ୍ୱ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୨୦/୧୩୦ ଡଲାର ଭିତରେ ସୀମିତ ରଖିଛି। ଫଳରେ ଏହାର ଦର ବୃଦ୍ଧି ହେଉନି ଏବଂ ବିଶ୍ୱ ବଜାରରେ ସ୍ଥିରତା ଆଣିଛି। ଏହି ପରିପ୍ରେକ୍ଷୀରେ ଭାରତ ରୁଷିଆର ଅଶୋଧିତ ତୈଳରୁ ଦୂରେଇବାର ଅର୍ଥ, ପ୍ରତିବର୍ଷ ୯ ରୁ ୧୧ ବିଲିୟନ ଡଲାର ମୂଲ୍ୟର ଅତିରିକ୍ତ ବୋଝ ମୁଣ୍ଡାଇବା। ଏହାର ସିଧାସଳଖ ପ୍ରଭାବ ଭାରତର ବିଶୋଧନ ଶିଳ୍ପ ଉପରେ ପଡ଼ିବ।

ଅପରପକ୍ଷରେ ଆମେରିକାର ଶୁଳ୍କ ବୃଦ୍ଧି ଏବଂ ବ୍ୟବସାୟିକ ବିବାଦ ଯୋଗୁଁ ଭାରତର ଶକ୍ତି ଶିଳ୍ପ ପୁନଃ ନବୀକରଣର ଏକ ବଡ଼ ସୁଯୋଗ ଆଣିଛି। ଯୁକ୍ତରାଷ୍ଟ୍ର ସ୍ୱଚ୍ଛ ଶକ୍ତି ପ୍ରୋତ୍ସାହନ କମାଇଲେ, ୮୦ ବିଲିୟନ ଡଲାରର ବିଶ୍ୱ ବଜାର ଖୋଲିବାର ସମ୍ଭାବନା ସୃଷ୍ଟି ହେବ। ଫଳରେ ଭାରତୀୟ କମ୍ପାନିଗୁଡ଼ିକ ଏହି ସୁଯୋଗକୁ ହାତେଇପାରିବେ। ଏହାସହିତ, ୨୦୪୭ ସୁଦ୍ଧା ଭାରତର ପରମାଣୁ କ୍ଷମତାକୁ ୮.୨ ଜିଡବ୍ଲୁ ରୁ ୧୦୦ ଜିଡବ୍ଲୁକୁ ବଢ଼ାଇବାର ଯୋଜନା ଜୀବାଶ୍ମ ଇନ୍ଧନ ବିପଦ ବିରୋଧରେ ଏକ ରଣନୈତିକ ସୁରକ୍ଷା, ଯାହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ଏବଂ କାର୍ବନମୁକ୍ତ ଯୋଜନାକୁ ସମର୍ଥନ ଦେବା। ସେହିପରି ଆମେରିକାର ତାରିଫ୍ ବିବାଦ ବ୍ରିକ୍ସ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ମଜଭୂତ କରିଛି। ଏହି ରାଷ୍ଟ୍ରମାନେ ଆମେରିକାର ତାରିଫକୁ ଡବ୍ଲୁଟିଓ ନିୟମ ଉଲ୍ଲଂଘନକାରୀ 'ଏକପାଖିଆ ଓ ବାଧ୍ୟତାମୂଳକ ପଦକ୍ଷେପ' ବୋଲି ବର୍ଣ୍ଣନା କରିଛନ୍ତି। ଏହା 'ବ୍ରିକ୍ସ ପେ' ଏବଂ ଚୀନର 'ସିଆଇପିଏସ' ପରି ବିକଳ୍ପ ଦେୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ସମ୍ଭାବନାକୁ ଉଜ୍ଜ୍ୱଳ କରିଛି।

ଏସବୁରୁ ସ୍ପଷ୍ଟ ଯେ, ସାମ୍ପ୍ରତିକ ସ୍ଥିତି ଭାରତକୁ ସ୍ୱଳ୍ପକାଳୀନ ଆର୍ଥିକ ବ୍ୟୟ ସହିତ ଦୀର୍ଘମିଆଦୀ କୌଶଳାତ୍ମକ ସ୍ୱାଧୀନତାର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ବିବିଧିକରଣ ଜରିଆରେ ଦେଶର ନିଜସ୍ୱ ଶକ୍ତି ଉତ୍ପାଦନରେ ବୃଦ୍ଧି ଘଟାଇବ ଏବ ପୁନଃନବୀକରଣ ଶକ୍ତିରେ ତ୍ୱରିତ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏହି ପଦକ୍ଷେପ ଭବିଷ୍ୟତରେ ଭାରତକୁ ଶକ୍ତି ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭିତ୍ତି ସାବ୍ୟସ୍ତ ହେବ।

୨୦୨୫-୨୬ର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କଲେ ଉପରୋକ୍ତ ଯୋଜନାଭିତ୍ତିକ ଲକ୍ଷ୍ୟ ହାସଲ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିବ। ଯାହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ତାରିଫ୍ ପ୍ରଣାଳିକୁ ସରଳ କରିବା ଓ ଶୁଳ୍କ ସନ୍ତୁଳନ ରକ୍ଷା କରିବା। ଏହି ପରିବର୍ତ୍ତନ ଦେଶୀୟ ଉତ୍ପାଦ ବୃଦ୍ଧି ଓ ମୂଲ୍ୟ ସୃଷ୍ଟିକୁ ଉନ୍ନତ କରିବ, ରପ୍ତାନି ପ୍ରତିଯୋଗିତାକୁ ଗତିବାନ କରିବ, ବ୍ୟାବସାୟକୁ ସହଜ କରିବ ଓ ସାଧାରଣ ନାଗରିକଙ୍କୁ ସିଧାସଳଖ ଲାଭ ଦେବ। ୨୦୨୩-୨୪ ବଜେଟର ପଦଚିହ୍ନକୁ ଅନୁସରଣ କରି, ଶିଳ୍ପ ପଦାର୍ଥ ପାଇଁ ୭ଟି ଅତିରିକ୍ତ ଶୁଳ୍କ ହାରକୁ ବିଲୋପ କରାଯାଇଛି। ୨୦୨୫-୨୬ ବଜେଟର ଶୁଳ୍କ ନୀତିକୁ କେବଳ ଆୟ ସଂଗ୍ରହ କିମ୍ବା ସାଧାରଣ ସୁରକ୍ଷା ରୂପେ ନୁହେଁ, ବରଂ ଶିଳ୍ପ ଉନ୍ନତିର ପ୍ରୟୋଜନରେ ଏକ ସୁଦୃଢ଼ ଉପକରଣ ଭାବେ ବ୍ୟବହାର କରାଯାଇଛି, ଯାହାକି ଦେଶ ପାଇଁ ଏକ ଶୁଭ ସଙ୍କେତ।

ସେହିପରି ବୈଦ୍ୟୁତିକ ଯାନ((ଇଭି) ଗତିଶୀଳତା ଆଡ଼କୁ ଭାରତର ପରିବର୍ତ୍ତନକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ପୁଞ୍ଜିଗତ ସାମଗ୍ରୀ ଛାଡ଼ ତାଲିକାରେ ଏବେ ଇଭି ବ୍ୟାଟେରୀ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ ୩୫ଟି ଏବଂ ମୋବାଇଲ୍ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଘରୋଇ ଲିଥିୟମ-ଆୟନ ବ୍ୟାଟେରୀ ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିବା, ଯାହା ଏହି ଦ୍ରୁତ ବିସ୍ତାରଶୀଳ ଶିଳ୍ପରେ ନିଯୁକ୍ତି ବୃଦ୍ଧିରେ ସହାୟକ ହେବ। କଞ୍ଚାମାଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର କୋବାଲ୍ଟ ପାଉଡର, ଲିଥିୟମ-ଆୟନ ବ୍ୟାଟେରୀ ଅପଚୟ ଏବଂ ସ୍କ୍ରାପ୍, ସୀସା, ଜିଙ୍କ୍ ଆଦି ୧୨ଟି ଅନ୍ୟାନ୍ୟ ପ୍ରମୁଖ ଖଣିଜ ପଦାର୍ଥ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି)କୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଏହା ଜୁଲାଇ ୨୦୨୪ରେ ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ପୂର୍ବରୁ ଦିଆଯାଇଥିବା ଛାଡ଼ ଉପରେ ଆଧାରିତ। ଏହି ପଦକ୍ଷେପ ଘରୋଇ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକୀୟ ସମ୍ବଳଗୁଡ଼ିକର ସ୍ଥିର ଯୋଗାଣକୁ ସୁନିଶ୍ଚିତ କରିବ। ଯ'ଦ୍ୱାରା ନିଯୁକ୍ତି ସୃଷ୍ଟି ସମ୍ଭାବନା ବୃଦ୍ଧି ପାଇବ।

୨୦୨୫-୨୬ କେନ୍ଦ୍ର ବଜେଟରେ ଆମଦାନୀ ଖର୍ଚ୍ଚ ଏବଂ ସରକାରୀ ରାଜସ୍ୱକୁ ବିସ୍ତାରିତ ଭାବରେ ପ୍ରଭାବିତ କରିବା ପାଇଁ ଏକ ଶୃଙ୍ଖଳିତ ଶୁଳ୍କ ସଂସ୍କାର ପ୍ରଚଳନ କରାଯାଇଛି। ଶିଳ୍ପ ଉତ୍ପାଦ, ଜୀବନ ରକ୍ଷାକାରୀ ଔଷଧ, ଇଭି ଓ ମୋବାଇଲ୍ ବ୍ୟାଟେରୀ ଉତ୍ପାଦନ ପାଇଁ ପୁଞ୍ଜି ସାମଗ୍ରୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବୟନ ଯନ୍ତ୍ରପାତି ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି) ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଛାଡ଼ କରି ଆମଦାନୀ ଖର୍ଚ୍ଚ ହ୍ରାସ କରିବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅତ୍ୟାବଶ୍ୟକୀୟ ଇନପୁଟ୍‌ଗୁଡ଼ିକୁ ଅଧିକ ସୁଲଭ କରି ଘରୋଇ ଶିଳ୍ପଗୁଡ଼ିକୁ ସମର୍ଥନ କରିବ ଏବଂ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ କମ କରିବା ପାଇଁ ଏହାକୁ ବ୍ୟବସ୍ଥିତ କରାଯାଇଛି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଉତ୍ପାଦ ପାଇଁ ଏହା ସହାୟକ ହେବ।

ବର୍ତ୍ତମାନର ବର୍ଦ୍ଧିତ ଆମେରିକା ଶୁଳ୍କ ଦୃଶ୍ୟପଟରେ ଭାରତ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଅନେକ ରଣନୈତିକ ପ୍ରାଥମିକତାକୁ ଗୁରୁତ୍ୱ ଦେଉଛି। ପ୍ରଥମତଃ, ଏକକ ବଜାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଦ୍ୱାରା ଏକ ସ୍ଥିର ବିଶ୍ୱ ଗଠନ କରିବା ପାଇଁ ବାଣିଜ୍ୟ ସହଭାଗିତାକୁ ବିବିଧ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ। ଦ୍ୱିତୀୟତଃ, ଏହା ବିଶ୍ୱ ପୁଞ୍ଜିକୁ ଆକର୍ଷିତ କରିବା ସହ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ସଂହତ କରିବା ପାଇଁ ଆଭ୍ୟନ୍ତରୀଣ ସଂସ୍କାର, ବିଶେଷକରି 'ଚୁକ୍ତି ପ୍ରବର୍ତ୍ତନ ଏବଂ ବିଦେଶୀ ନିବେଶ ଢାଞ୍ଚା'ର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି। 'ସ୍ୱଦେଶୀ' ଆତ୍ମନିର୍ଭରଶୀଳତା ପାଇଁ ଭାରତର ପ୍ରୟାସ, ନବସୃଜନ, ଗୁଣବତ୍ତା ଓ ପ୍ରତିଯୋଗିତା ଆଦି ଯୋଡ଼ି ହେଲେ ବାହ୍ୟ ଶୁଳ୍କ ଚାପକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ସ୍ପ୍ରିଙ୍ଗବୋର୍ଡରେ ପରିଣତ କରିପାରିବ। ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ବହୁପାକ୍ଷିକ ପ୍ରତିଷ୍ଠାନ ସହିତ ନିରନ୍ତର ସମ୍ପର୍କ, ଜାତୀୟ ସ୍ୱାର୍ଥକୁ ଦୃଢ଼ ଭାବରେ ରକ୍ଷା କରିବା ସହିତ ବାଣିଜ୍ୟ ବିବାଦ ପରିଚାଳନା ଏବଂ ଏକ ସ୍ଥିର ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାବଶ୍ୟକ ହେବ। ଶେଷରେ, ଦେଶର ଭୂରାଜନୈତିକ ବିଚାର ସମ୍ବଳ-ସମୃଦ୍ଧ ଅର୍ଥନୀତି, ଶକ୍ତି ଓ ସମ୍ପର୍କ, ବ୍ୟାପକ ଆର୍ଥିକ ଅଭିବୃଦ୍ଧିକୁ ବଳ ଦେବା ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜଟିଳ ବିଶ୍ୱ ପରିବେଶରେ ଅବିଭାଜିତ ବୈଦେଶିକ ବାଣିଜ୍ୟ ରଣନୀତି ଗଠନ କରିବାରେ ଭାରତର ଭୂମିକା ଏକ ପ୍ରମୁଖ କାରଣ ହେବ। ●

(ସହାୟକ ପ୍ରାଧ୍ୟାପକ, ଅର୍ଥନୀତି, ଆଇଆଇଟି ମାଡ୍ରାସ)
ଚେନ୍ନାଇ, ମୋ: ୯୭୯୧୧୭୦୪୩୧

## ବହି ଖୋଲା ପରୀକ୍ଷା, ମନ ଖୋଲା ଲେଖା

ଡ. ସୀତାକାନ୍ତ ତ୍ରିପାଠୀ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆସନ୍ତା ବର୍ଷ ନବମ ଶ୍ରେଣୀ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ବହି ଖୋଲି ଉତ୍ତର ଲେଖିବେ ବୋଲି ନିଷ୍ପତ୍ତି ନେଇଛି। ଯାହାଫଳରେ ପିଲାମାନଙ୍କର ପରୀକ୍ଷା ପ୍ରତି ଥିବା ଭୟ ଦୂରେଇ ଯିବା ସହିତ ସେମାନଙ୍କର ବିଶ୍ଳେଷଣାତ୍ମକ, ପ୍ରୟୋଗାତ୍ମକ ତଥା ସୃଜନାତ୍ମକ ଗୁଣଗୁଡ଼ିକ ବିକଶିତ ହେବ ବୋଲି ବିଶ୍ୱାସ କରାଯାଉଛି। ସାଧାରଣତଃ ପିଲାମାନଙ୍କର ମନେ ରଖିବାର ଶକ୍ତି, ବ୍ୟାଖ୍ୟାକରଣ ସୃଜନାତ୍ମକ କଳା, କାର୍ଯ୍ୟକାରଣ ସମ୍ପର୍କର ପରିମାପ ଆଦିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ମାପଦଣ୍ଡରେ ଧାର୍ଯ୍ୟ କରିବା ହେଉଛି ପରୀକ୍ଷାର ମୂଳ ଲକ୍ଷ୍ୟ। ତେବେ ଜ୍ଞାନ ଆହରଣ କରିବାକୁ କେବଳ କାଗଜ କଲମରେ ସୀମିତ ନରଖି ତା'କୁ କେମିତି ଦୈନନ୍ଦିନ ଜୀବନ ତଥା ପରୀକ୍ଷାଗାରରେ ପ୍ରୟୋଗ କରାଯାଇ ପାରିବ ସେ ସମ୍ପର୍କିତ ଜ୍ଞାନ ଆହରଣ କରିବା ବିଶେଷ ଜରୁରୀ।

ଏସବୁକୁ ଲକ୍ଷ୍ୟ କରି ପିଲାମାନଙ୍କୁ ପରୀକ୍ଷା ସମୟରେ ବହି ଯୋଗାଇ ଦିଆଗଲେ ମଧ୍ୟ ସେଗୁଡ଼ିକରୁ ଉତ୍ତର ଖୋଜି ତା'କୁ ସଠିକ ଭାବେ ଲେଖିବା ମଧ୍ୟ ପରୀକ୍ଷାର ପ୍ରସଙ୍ଗ। ପୂର୍ବରୁ କେବଳ ଆଇନ ପରୀକ୍ଷାରେ ଏହିଭଳି ଢଙ୍ଗରେ ପରୀକ୍ଷା ହେବାର ବ୍ୟବସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ତାହା ନବମ ଶ୍ରେଣୀରେ ପ୍ରଚଳନ ହେବା ଏକ ଆହ୍ୱାନ ବୋଲି ମନେ ହୁଏ। ପ୍ରକୃତରେ କେବଳ ମନେ ରଖିବା ବଡ଼ ନା ତତ୍ତ୍ୱ ଓ ତଥ୍ୟକୁ ବୁଝି ତା'କୁ ଠିକ୍ ସମୟରେ କାର୍ଯ୍ୟରେ ଲଗାଇବା ବଡ଼, ସେକଥା ନିର୍ଣ୍ଣୟ କରିବା କାଠିକର ପାଠ।

ଖୋଲାବହି ପରୀକ୍ଷାରେ ଅନେକ ସମସ୍ୟା ଥିବା ଭଳି ମନେହୁଏ। ପିଲାମାନେ ବହି ଦେଖିବାର ସୁଯୋଗ ଥିବାରୁ ସେମାନେ ଖାମଖିଆଲି ଭାବେ ପାଠ ପଢ଼ିବାର ଆଶଙ୍କା ରହିଛି। ବହି ଉପରେ ଭରସା କରିବା ଦ୍ୱାରା ନିଜର ମୂଲ୍ୟବାନ ସମୟ ଅପଚୟ ହେବା ସହିତ ସୃଜନଶୀଳତାକୁ ହରାଇ ବସିବାର ମଧ୍ୟ ଆଶଙ୍କା ରହିଛି। ଏହି ବ୍ୟବସ୍ଥାରେ ପିଲାମାନେ ସଠିକ ସମୟରେ ଉତ୍ତର ଲେଖି ସାରିବାର କଳା କୌଶଳକୁ ଠିକ୍ ଭାବେ ଜାଣି ନପାରନ୍ତି। ଗଣିତ, ଚିକିତ୍ସା ବିଜ୍ଞାନ, ଭାଷା, ସାହିତ୍ୟ ଆଦି ଅନେକ କ୍ଷେତ୍ରରେ ଖୋଲା ବହିର ଉପଯୋଗିତା ପ୍ରାୟତଃ ନଥାଏ। ସର୍ବୋପରି ପରୀକ୍ଷାର୍ଥୀ ଜଣକ ନିଜ ଭିତରେ ଥିବା ଧୀଶକ୍ତି ବା ମନେ ରଖିବାର କଳାକୁ ହରାଇ ଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କେବଳ କଳା ଓ ସାହିତ୍ୟକୁ ଛାଡ଼ିଦେଲେ ଅନ୍ୟକୌଣସି ବିଷୟରେ ମନଖୋଲା ଲେଖିବାର ସୁବିଧା ସୁଯୋଗ ନଥାଏ। କେବଳ ପୁସ୍ତକ ବିଦ୍ୟାକୁ କଣ୍ଠସ୍ଥ, କାଗଜ କଲମ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ଉତ୍ତର ଲେଖିବା ଦ୍ୱାରା ପରୀକ୍ଷାର୍ଥୀ ମନରେ ଥିବା ଅନେକ ଉତ୍ତର, ଚିନ୍ତାଧାରା, ବିଶ୍ଳେଷଣ ଆଦି ଅବ୍ୟକ୍ତ ହୋଇ ରହିଯାଇଥାଏ।

ପ୍ରତ୍ୟେକ ମଣିଷ ମନରେ ପାଠପଢ଼ା ବ୍ୟତୀତ ଅସୁମାରୀ ଚିନ୍ତା, ଚେତନା ଓ ଭାବଧାରା ଥାଏ, ଯାହାକୁ ଆଧାର କରି ନୂତନତ୍ୱର ସନ୍ଧାନ ମିଳିପାରେ। ଚାପମୁକ୍ତ ନହୋଇ ମନ ଖୋଲା ରହିଲେ ଭୟ କମିଯାଏ ଏବଂ ପାଠ ଓ ପରୀକ୍ଷାକୁ ନିଜ ଜୀବନର ଅଙ୍ଗ ଭାବେ ଗଣନା କରିବାର ସୁଯୋଗ ମିଳିଥାଏ। ଅନ୍ୟ ପରୀକ୍ଷାର୍ଥୀମାନଙ୍କ ତୁଳନାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପିଲାଟି ବିଚାର କରିଥାଏ। ବିଦ୍ୟା କେବଳ ପରୀକ୍ଷା ଏବଂ ବହି ମଧ୍ୟରେ ସୀମିତ ନୁହେଁ ବୋଲି ପ୍ରମାଣ ମିଳିଥାଏ। ଏ ପ୍ରକାର ମାନସିକତାରୁ ନୂତନ ଚିନ୍ତା ଚେତନା ଜାଗ୍ରତ ହେବାର ଅବସର ମିଳିଥାଏ।

ସମସ୍ତେ ଜାଣନ୍ତି ସନ୍ଧ୍ୟା ହେଲେ ସୂର୍ଯ୍ୟ ଅସ୍ତ ହୁଅନ୍ତି। କିନ୍ତୁ ପୂର୍ବର ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇ ଯଦି କେହି ଜଣେ ସୂର୍ଯ୍ୟ ସ୍ଥିର, ପୃଥିବୀ ଘୁରୁଛି ବୋଲି ଚିନ୍ତା କରି କହି ନଥା'ନ୍ତେ କିମ୍ବା ଲେଖି ନଥା'ନ୍ତେ ତା'ହେଲେ ହୁଏତ ଆଜିପର୍ଯ୍ୟନ୍ତ ପୃଥିବୀ ସ୍ଥିର, ସୂର୍ଯ୍ୟ ଏହାର ଚାରିପଟେ ଘୁରୁଛି ବୋଲି ଆମେ ମାନି ନେଇଥା'ନ୍ତେ। ଚିରାଚରିତ ବିଧି, ବ୍ୟବସ୍ଥା, ଚିନ୍ତାଧାରା ଉପରେ ସମୀକ୍ଷା ଏବଂ ଏଥିରୁ ବାହାରିଯାଇ ଏକ ନୂଆ ଚେତନାର ଦିଗ୍‌ବଳୟରେ ପହଞ୍ଚିବାର ସୁବିଧା ସୁଯୋଗ ମନଖୋଲା ଲେଖାରୁ ଆରମ୍ଭ ହୁଏ। ରାଜନୀତି, ଅର୍ଥନୀତି, କଳା, ବିଜ୍ଞାନ, ଦର୍ଶନ, ତର୍କ, ଜ୍ୟୋତିଷ, ଆୟୁର୍ବେଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ମନଖୋଲା ଅନୁଭୂତିସମ୍ପନ୍ନ ଲେଖାର ଆବଶ୍ୟକତା ରହିଛି, ଯାହାକୁ ଭିତ୍ତି କରି ମଣିଷକୁ ଆଗକୁ ଯିବା ପାଇଁ ରାହା ମିଳିଥାଏ। ଆବିଷ୍କାର ଓ ଉଦ୍ଭାବନକୁ ଆହୁରି ଅଧିକ ମାତ୍ରାରେ କରିବା ପାଇଁ ମଣିଷକୁ ଏହା ଖୋରାକ ଯୋଗାଇଥାଏ।

ତେଣୁ କେତେବେଳେ ବହିଖୋଲା ପରୀକ୍ଷା ଆଉ କେତେବେଳେ ମନ ଖୋଲା ଲେଖା କରାଯାଇ ପରୀକ୍ଷାର୍ଥୀମାନଙ୍କର ମାନସିକ ଫଳାଫଳ ନିର୍ଦ୍ଧାରଣ କରାଯିବା ଦରକାର ସେ ବିଷୟରେ ବିତର୍କ ହେବାର ସମୟ ଉପଗତ। ଉଦାହରଣ ସ୍ୱରୂପ କୌଣସି ମନ୍ଦିର ସମ୍ପର୍କରେ ବର୍ଣ୍ଣନା ସମୟରେ ତା'କୁ କିଏ, କେବେ, କାହିଁକି ନିର୍ମାଣ କରିଥିଲେ ସେ ବିଷୟରେ ଆମେ ପଢ଼ିଥାଉ। କିନ୍ତୁ ଗଢ଼ିଥିବା କାରିଗର ସେସମୟର ସାମାଜିକ ସ୍ଥିତି, ରାଜନୈତିକ ପୃଷ୍ଠଭୂମି, ଆର୍ଥିକ ଅବସ୍ଥା ସମ୍ପର୍କିତ ଆଲୋଚନା ପ୍ରାୟତଃ ହୋଇ ନ ଥାଏ। ମନଖୋଲା ଲେଖା ଜିଜ୍ଞାସୁକୁ ପ୍ରଶ୍ନୀଳ କରିବାରେ ସାହାଯ୍ୟ କରିଥାଏ, ଯାହା ନୂତନ ତତ୍ତ୍ୱ ଓ ତଥ୍ୟ ପାଇଁ ପଥ ପ୍ରଦର୍ଶକ ହୋଇଥାଏ। ●

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ରଙ୍ଗ ଓ ମନ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ବିଭିନ୍ନ ରଙ୍ଗର ଆଲୋକ ଅଲଗା ଅଲଗା ତୀକ୍ଷ୍ଣଲମ୍ବଯୁକ୍ତ ରଶ୍ମି। ସୂର୍ଯ୍ୟକିରଣ ଆମକୁ ଗୋଟିଏ ରଙ୍ଗ ଭଳି ମନେ ହେଲେ ହେଁ ଏହା ପ୍ରକୃତରେ ସାତୋଟି ରଙ୍ଗର ସମାହାର। ଏହାର ବର୍ଣ୍ଣାଳୀରେ କ୍ଷୁଦ୍ରତମ ତରଙ୍ଗ ଲମ୍ବଯୁକ୍ତ ରଶ୍ମି ହେଲା ବାଇଗଣୀ ବା ଭାଓଲେଟ୍ ଏବଂ ବୃହତ୍ତମଟି ହେଲା ଲୋହିତ ବା ଲାଲ୍। ଭାଓଲେଟ୍‌ଠାରୁ କ୍ଷୁଦ୍ରତମ ତରଙ୍ଗ ଲମ୍ବ ବିଶିଷ୍ଟ ରଶ୍ମିକୁ ଆମେ ଅଲଟ୍ରାଭାଓଲେଟ୍ ବା ଅତିଘନ ବାଇଗଣୀ ଏବଂ ଲୋହିତ ବା ରେଡ୍‌ଠାରୁ ଅଧିକ ତରଙ୍ଗ ଲମ୍ବଯୁକ୍ତ ରଶ୍ମିକୁ ଇନଫ୍ରାରେଡ ବା ପାରଲୋହିତ ବୋଲି କହୁ। ଆମ ଆଖି ଏ ଦୁଇଟିକୁ ଦେଖି ପାରେ ନାହିଁ।

କୌଣସି ବସ୍ତୁ ଉପରେ ଆଲୋକ ପଡ଼ିଲେ ତାହା ସେଥିରୁ ପ୍ରତିଫଳିତ ହୁଏ। ଏଣୁ ଆମ ଆଖି ତାହା ଦେଖିପାରୁ। ବସ୍ତୁ ସୂର୍ଯ୍ୟକିରଣ ବା ଆଲୋକର ଯେଉଁ ରଙ୍ଗଟି ଶୋଷଣ କରି ନ ପାରେ ତାହା ଆମକୁ ସେ ରଙ୍ଗର ଦେଖାଯାଏ। ବିବିଧ ଗବେଷଣାରୁ ଜଣାପଡ଼ିଛି ଯେ ରଙ୍ଗମାନଙ୍କର ଆମ ମସ୍ତିଷ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବମାନ ରହିଛି। ତହିଁରୁ ଗୋଟିଏ ହେଲା ଯେ ଏହା ତାହାର 'ଫ୍ୟୁଜିଫର୍ମ ଗାଇରସ୍' କେନ୍ଦ୍ରକୁ ଉତ୍ତେଜିତ କରେ। ଅତଏବ ତହିଁରେ ସେରୋଟୋନିନ ନାମକ ରସାୟନରେ କ୍ଷରଣ ଘଟେ, ଯାହାକି ମାନସିକ ଅବସ୍ଥାକୁ ଉଦ୍ବେଳିତ କରିବା, କୌଣସି ବିଷୟ ପ୍ରତି ଧ୍ୟାନ ଦେବା ଏବଂ ବିବିଧ ଚୟାପଚୟ ପ୍ରକ୍ରିୟା ବୃଦ୍ଧି କରିବାରେ ସାହାଯ୍ୟ କରେ।

ବିଭିନ୍ନ ରଙ୍ଗର ପ୍ରଭାବ ଭିନ୍ନ ଭିନ୍ନ। ତାହା ଉପରେ ନିର୍ଭର କରି ସେଗୁଡ଼ିକୁ ବିବିଧ ଶ୍ରେଣୀଭୁକ୍ତ କରାଯାଛି। ଉଦାହରଣସ୍ୱରୂପ, ଲାଲ୍, ଗୋଲାପୀ, ହଳଦିଆ ଓ ନାରଙ୍ଗୀକୁ - 'ଉଷ୍ମ'; ନୀଳ, ସବୁଜ, ବାଇଗଣୀ ଓ ନୀଳ ଲୋହିତକୁ - 'ଶୀତଳ'; ଧୂସର, ଧଳା ଓ କଳାକୁ - 'କ୍ଲୀବ' ରୂପେ ନାମିତ କରାଯାଇଛି। ସେସବୁ ନିମ୍ନୋକ୍ତ ମତେ ଆମକୁ ପ୍ରଭାବିତ କରିଥା'ନ୍ତି।

ଉଷ୍ମ ରଙ୍ଗ: ଏଗୁଡ଼ିକ ଉଦ୍ଦୀପନା, ଶକ୍ତି ଓ ହୃତ୍ସ୍ପନ୍ଦନ ହାର ବୃଦ୍ଧି କରନ୍ତି ଏବଂ ସ୍ମରଣଶକ୍ତି ବୃଦ୍ଧି କରିଥା'ନ୍ତି। କିନ୍ତୁ ତାହା ଅଧିକ ତୀବ୍ର ହେଲେ ଦୁଦର୍ମ୍ୟ ଓ ବିରକ୍ତିକର ବୋଧ ହୋଇପାରେ।

ଶୀତଳ ରଙ୍ଗ: ଏହି ରଙ୍ଗ ସାଧାରଣତଃ ମନକୁ ହାଲୁକା କରି ତା'କୁ ପ୍ରଶାନ୍ତି ପ୍ରଦାନ କରେ ଏବଂ ମାନସିକ ଚାପ ହ୍ରାସ କରେ। ଏସବୁ କୌଣସି କାର୍ଯ୍ୟ ପ୍ରତି ଆମର ମନୋନିବେଶ କରିବା ଏବଂ ସେଥିପ୍ରତି ଧ୍ୟାନ ଦେବାରେ ସାହାଯ୍ୟ କରୁଥିବାରୁ ତାହା ଅଧ୍ୟୟନ କିମ୍ବା ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଲାଗି ପରିବେଶକୁ ଉତ୍ତମ କରେ। ତେବେ ତାହା ଅତ୍ୟଧିକ ହୋଇଗଲେ ଦୁଃଖଭାବ ଓ ଆଳସ୍ୟର କାରଣ ହୁଏ।

କ୍ଲୀବ ରଙ୍ଗ: ପରିସ୍ଥିତି ଉପରେ ନିର୍ଭର କରି ଏଗୁଡ଼ିକ ମନକୁ ଅଶାନ୍ତ କରିବା କିମ୍ବା ଦୁଶ୍ଚିନ୍ତାର ହ୍ରାସ ନତୁବା ରୁଚି ସଂପନ୍ନ କାର୍ଯ୍ୟରେ ନିବେଶ କରିବାକୁ ଦିଏ ଏବଂ ସନ୍ତୁଳିତ ପରିବେଶ ସୃଷ୍ଟି କରେ। କିନ୍ତୁ ତାହା ଅତ୍ୟଧିକ ହୋଇଗଲେ ନୀରସ ଭାବ ଉତ୍ପନ୍ନ ହୋଇପାରେ।

ବିଭିନ୍ନ ରଙ୍ଗ ପାଇଁ ଆମର ଆଗ୍ରହ ଆମ ସଂସ୍କୃତିକ ପୃଷ୍ଠଭୂମି ବ୍ୟକ୍ତିଗତ ଅନୁଭୂତି ଏବଂ ବ୍ୟକ୍ତିବିଶେଷଙ୍କ ସହିତ ସଂପୃକ୍ତି ଉପରେ ନିର୍ଭର କରେ। ନାନାଦି ପରିବେଶ ମଧ୍ୟରେ ନାନାଦି ରଙ୍ଗ ଆମକୁ ଭଲ ଲାଗିପାରେ। ଏହା ଆମ ମାନସିକ ଅବସ୍ଥା ଓ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରେ। ରଙ୍ଗକୁ ଏବେ ଭାବପ୍ରବଣତା ତଥା ବିବିଧ ମାନସିକ କିମ୍ବା ଶାରୀରିକ ରୋଗ ବ୍ୟାଧିର ଚିକିତ୍ସା କ୍ଷେତ୍ରରେ ନିୟୋଜିତ କରାଗଲାଣି। ବଜାରରେ କୌଣସି ଦ୍ରବ୍ୟ ଆଦୃତ ହେବାରେ ମଧ୍ୟ ରଙ୍ଗର ବିଶେଷ ଭୂମିକା ଥିବାର ଦେଖାଯାଉଛି। ଏଣୁ ଏହାକୁ ବିଜ୍ଞାପନ ପାଇଁ ବ୍ୟବହାର କରାଯାଉଛି।

ଏସବୁରୁ ରଙ୍ଗର ଆମ ମନସ୍ତତ୍ତ୍ୱ ସହିତ ଗଭୀର ସମ୍ପର୍କ ଥିବାର ସ୍ପଷ୍ଟ ପ୍ରମାଣିତ ହେଉଛି। ସେଥିପାଇଁ ଆଜିକାଲି କାର୍ଯ୍ୟାଳୟ, ବାସଗୃହ, ବିଦ୍ୟାଳୟ ଆଦିକୁ ଉପଯୁକ୍ତ ମନେ ହେଉଥିବା ବିଭିନ୍ନ ରଙ୍ଗରେ ରଞ୍ଜିତ କରାଯାଉଛି। ଏପରିକି କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗର ପୋଷକମାନ ପିନ୍ଧିବାକୁ ପ୍ରୋତ୍ସାହନ କରାଯାଉଛି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ବଡ଼ମ୍ବା ଏବଂ ବଲାଙ୍ଗିର ଚିନିକଳ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର,୨୫।୮ (ସମିସ): ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଉ। ବଡ଼ମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା ସହ ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସମବାୟ (ରାଷ୍ଟ୍ର) ମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଲୋକସେବା ଭବନରେ ଶ୍ରୀ ମୋହୋଲ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପକ୍ଷରୁ ଏକାଧିକ ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି।



ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ସଂପର୍କରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ।

ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମବାୟ କ୍ଷେତ୍ରରେ ହାସଲ ସଫଳତାଗୁଡ଼ିକ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ୍ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ, କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଦୁଷ୍କର୍ମକାରୀଙ୍କୁ ଆଜୀବନ ଜେଲ୍

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ପେଶାଲ ପୋକସୋ କୋର୍ଟରେ ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହି ମାମଲାରା ବିଚାର କରି ୨ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୬୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ଅଢ଼େଇ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାକୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲେ, ଉଦଳା ଥାନା ଚଡଦା ଅଞ୍ଚଳର ସାମାୟ ମୁର୍ମୁ (୩୩) ଓ ମୋଟୁ ମୁର୍ମୁ (୩୩)।

ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୬ ତାରିଖରେ ଜଣେ ନାବାଳିକା ନିକଟସ୍ଥ ଖେଳ ପଡ଼ିଆକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ତାକୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପୀଡିତାଜଣଙ୍କ ସମ୍ପର୍କୀୟ ଖୁଡ଼ୀଙ୍କୁ ଏ ସଂପର୍କରେ ଜଣାଇବା ପରେ ଗ୍ରାମରେ ବୈଠକ ଡକାଯାଇଥିଲା। ମାତ୍ର ସେଥିରେ କୌଣସି ସମାଧାନ ନ ହେବାରୁ ପରିବାରଲୋକେ ୧୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପରେ ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ୨୨ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ରାଜ୍ୟରେ ସାର ସଙ୍କଟ, କଳାବଜାରୀ ସକ୍ରିୟ

# ଚଢ଼ାଦରରେ ଚାଷୀ କିଣୁଛନ୍ତି ନକଲି ସାର

ଭୁବନେଶ୍ୱର,୨୫।୮ (ସମିସ): ସାର ପାଇଁ ସାରା ରାଜ୍ୟରେ ଭୟାବହ ସ୍ଥିତି ଉପୁଜଛି। ଅଧିକାଂଶ ଜିଲ୍ଲାରେ ଚାଷୀଙ୍କୁ ସାର ମିଳୁନି। ଏଣୁ ସୋସାଇଟି ସମ୍ମୁଖରେ ଚାଷୀ ଧାରଣା ଦେଲା ଭଳି ଦିନ ରାତି ବସୁଛନ୍ତି। ସୋସାଇଟି କର୍ମଚାରୀ ସାର ଦେବେ କଣ ଓଲଟା କବାଟ ବନ୍ଦ କରି ଦେଉଛନ୍ତି। ଅନୁଗୋଳ, ସମ୍ବଲପୁର, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଛି। ମାଲକାନଗିରିରେ ଚାଷୀମାନେ ହରତାଳକୁ ଓହ୍ଲାଇଛନ୍ତି । ଏହି ସମୟରେ ଫାଇଦା ଉଠାଉଛନ୍ତି କଳାବଜାରୀ। ଚୋରାରେ ଦୁଇଗୁଣା ଟଙ୍କାରେ ସାର ବିକ୍ରି କରୁଥିଲା ବେଳେ ଏହାମଧ୍ୟରୁ ଅଧିକାଂଶ ସାର ନକଲି ବୋଲି ଅଭିଯୋଗ ହୋଇଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିଥିଲା। ପ୍ରକୃତି ଚାଷୀଙ୍କ ପାଇଁ ମନ ଖୋଲା ବର୍ଷା କରାଉଥିଲା ବେଳେ ସରକାର ସାର ଯୋଗାଇବାରେ ହାତକୁ ଚାପି ଦେଲେ। ଏହାକୁ ନେଇ ଚାଷୀ ସଂଗଠନ ଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ବିଭିନ୍ନ ସୋସାଇଟି ପକ୍ଷରୁ ସାର ନେବା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଛି। ଟୋକନ ପାଇ ଚାଷୀ ଦିନ ଦିନ ଧରି ଧାଡିରେ ଛିଡା ହେଉଛନ୍ତି। ରାତି ଅନିଦ୍ରା ହୋଇ ୪ ଦିନ ଧାଡ଼ିରେ ଛିଡା ହେବା ପରେ ବି ସାର ମିଳୁନି। ଯେଉଁଥିପାଇଁ ମାଲକାନଗିରି ମାଥିଲିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ। ଆଗକୁ ପରିଣାମ ଆହୁରି ଭୟାବହ ହେବ ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ସଂଗଠନ ଚେତାବନୀ ଦେଇଛି।

ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଥିଲା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି। କଳାବଜାରୀ ବ୍ୟବସାୟୀ ମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି। ସମସ୍ତ ଜିଲ୍ଲାରେ ବ୍ୟବସାୟୀ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି। ୟୁରିଆ ମୂଲ୍ୟ ୨୬୬ଟଙ୍କା ଥିବା ବେଳେ ୫୬୦ଟଙ୍କାରୁ ୭ଶହ ମଧ୍ୟରେ ବିକ୍ରି କରାଯାଉଛି। ରାଜ୍ୟ ସାରା ଏଭଳି କାରବାର ଚାଲିଥିଲା ବେଳେ ସରକାର ମାତ୍ର ୫୬ଜଣଙ୍କ ଡିଲରସିପ୍‌କୁ ରଦ୍ଦ କରିଛନ୍ତି ।

ଅନ୍ୟପକ୍ଷରେ ସାର ଅଭାବୀ ସମୟରେ ବଜାରରେ ନକଲି ସାରକୁ ନେଇ ଚାଷୀମାନେ ଭୟଭୀତ ଅଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହରରେ ନକଲି ପଟାସ ସାର ମିଳୁଛି। ବାଲିରେ ରଙ୍ଗ ମିଶାଇ ଏଭଳି ନକଲି ପଟାସ ପ୍ରସ୍ତୁତ କରାଯାଉଛି। ଏହି ସାରକୁ ବିଲରେ ପକାଇଲା ବେଳକୁ ରଙ୍ଗ ପାଣିରେ ଭାସୁଛି କେବଳ ବାଲି ରହିଯାଉଛି ବୋଲି ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# କାଣୀ ନଦୀରେ ୧୦୦ ଫୁଟ୍‌ର ଘାଇ

ଯାଜପୁର, ୨୫।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବୈତରଣୀର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତ ବଙ୍ଗାଳାବାଡ଼ିଠାରେ ଗତକାଲି ବିଳମ୍ବିତ ରାତିରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ଏହି ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୪ଟି ପଞ୍ଚାୟତର ୧୮ ହଜାର ୪୩୩ ଲୋକ ଜଳବନ୍ଦୀ ହୋଇଛନ୍ତି। ସେଥିମଧ୍ୟରୁ ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ବନ୍ୟାଜଳରେ କଟିକଟା ପଞ୍ଚାୟତ ମାଝୀସାହିର ଭାଗବତ ମାଝୀ (୭୦) ନାମକ ବରିଷ୍ଠ ନାଗରିକ ଭାସି ପ୍ରାଣ ହରାଇଛନ୍ତି। ଘାଇ ଯୋଗୁଁ ଅନେକ ଘରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ବୈତରଣୀ ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୩ଟି ଓ ଯାଜପୁର ବ୍ଲକର ୧ଟି ରିଲିଫ ସେଣ୍ଟର୍ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ସହିତ ୨ଟି ମେଡିକାଲ ଟିମ୍ ଓ ୯ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ୍ ଓ ଗୋଟିଏ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ବିଜେପି ନେତା ଗୌତମ ରାୟ ପ୍ରମୁଖ ପହଞ୍ଚି ବନ୍ୟା ବିପନ୍ନମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

## ବନ୍ୟାଜଳରେ ଭାସି ବୃଦ୍ଧ ମୃତ

# ଜାତୀୟ ଶିକ୍ଷକ ପୁରସ୍କାର ପାଇବେ ଓଡ଼ିଶାର ୨ ଶିକ୍ଷକ

ଭୁବନେଶ୍ୱର, ୨୫।୮(ସମିସ): ଓଡ଼ିଶାର ଦୁଇଜଣ ଶିକ୍ଷକ 'ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫' ପାଇବା ପାଇଁ ମନେନୀତ ହୋଇଛନ୍ତି। କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶ ଓ ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ଏହି ପୁରସ୍କାର ପାଇବେ। ଗୁରୁଦିବସ ତଥା ସେପ୍ଟେମ୍ବର ୫ ତାରିଖରେ ନୂଆଦିଲ୍ଲୀରେ ରାଷ୍ଟ୍ରପତି ସେମାନଙ୍କୁ ପୁରସ୍କୃତ କରିବେ। ଦେଶର ମୋଟ୍ ୪୫ଜଣ ଶିକ୍ଷକ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ଚୟନ ପ୍ରକ୍ରିୟାରେ ୫ଜଣ ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷକ ରହିଛନ୍ତି। ମନୋନୀତ ଶିକ୍ଷକଙ୍କୁ ପ୍ରମାଣପତ୍ର ସହିତ ୫୦ ହଜାର ଟଙ୍କା ଏବଂ ରୌପ୍ୟ ପଦକ ପ୍ରଦାନ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ବନ୍ୟା...

ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ମହାନଦୀ ସମେତ ଉତ୍ତର ଓଡ଼ିଶାର ବୈତରଣୀ ଓ ସୁବର୍ଣ୍ଣରେଖାରେ ଜଳସ୍ତର ଅଧିକ ରହିଥିବାରୁ ଏହି ଲଘୁଚାପ ଜନିତ ବର୍ଷା ବନ୍ୟାସ୍ଥିତିକୁ ଆହୁରି ଗମ୍ଭୀର କରିବାର ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଥମେ ଓଡ଼ିଶା ଓ ପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବର୍ଷା କରାଇବ। ଫଳରେ ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକୁ ଉପମୁଣ୍ଡରୁ ପ୍ରବଳ ପାଣି ଆସିବ; ତେଣୁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଏହି ଲଘୁଚାପର ପ୍ରଭାବ ଶେଷ ହେଉ ହେଉ ଆସନ୍ତା ମାସ ୨-୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବର୍ତ୍ତମାନ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଗେଟ୍ ଓ ରାଜଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାସହିତ ବୈତରଣୀ ମଧ୍ୟ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତର ଓଡ଼ିଶାର ଅଧିକ ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯାଜପୁରଠାରୁ ଆରମ୍ଭ କରି ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଆଖୁଆପଦାରେ ବୈତରଣୀ ଓ ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ଅଛି। ଆସନ୍ତାକାଲି ବିପଦ ସଂକେତ ତଳକୁ ଖସିବାର ଆଶା କରାଯାଉଛି। ହେଲେ ଜାମସୋଲା ଘାଟରେ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢ଼ିବ। ଯାଜପୁର ଦଶରଥପୁର ନିକଟରେ କାଣୀ ନଦୀରେ ଘାଇ ହୋଇଛି। ପାଣି କମିଲେ ମରାମତି କାମ ଆରମ୍ଭ ହେବ। ହୀରାକୁଦର ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରୁ ୨.୧୧ ଲକ୍ଷ କ୍ୟୁସକ ଜଳ ପ୍ରବେଶ କରୁଥିବା ବେଳେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରେଙ୍ଗାଲିରେ ୯୩ ପ୍ରତିଶତ ପାଣି ଭରିବାରୁ ଡ୍ୟାମ ଉପରେ ନଜର ରହିଛି। ସେଠାରେ ଦୁଇଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ ରେଙ୍ଗାଲିର ଆଉ ଏକ ଗେଟ ଖୋଲା ହେବ। ମୁଣ୍ଡଳୀରେ ୧.୮୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି। ବୈତରଣୀ ଯୋଗୁଁ ଯାଜପୁର, ଦଶରଥପୁର ଓ ଭଦ୍ରକ ଜିଲ୍ଲାର ଧାମନଗର ପ୍ରଭାବିତ ହୋଇଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଅଗଷ୍ଟ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବ। ଏଥିପାଇଁ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ରାୟଗଡା, କନ୍ଧମାଳ, ଗଜପତି ଓ ନୟାଗଡ଼ ଜିଲ୍ଲାରେ ବର୍ଷା ପବନ ପ୍ରଭାବରେ ଫସଲକୁ କ୍ଷତି ପହଞ୍ଚାଇପାରେ। ମାଟିକାନ୍ଥ କ୍ଷତିଗ୍ରସ୍ତ ହୋଇପାରେ। ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନର ସାମାନ୍ୟ କ୍ଷତି, କଚ୍ଚା ରାସ୍ତା କ୍ଷତି ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

### ନବୀନଙ୍କୁ ଭେଟିଲେ...

ଅବଗତ କରାଇଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିଲା ବୋଲି ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

### ଖୁଦ ବୋଝେଇ ଟ୍ରକ୍‌ରେ...

ବସିଥିଲେ। ସେହି ସମୟରେ ଏକ ମିନିଟ୍ରକ୍‌କୁ ଦେଖି ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇଥିଲା। ଯାଞ୍ଚ କରିବାରୁ ପ୍ରଥମେ ପୁଲିସ୍‌କୁ ସେମିତି କିଛି ମିଳିନଥିଲା। ଆଗରେ ଖୁଦ ବୋଝେଇ ବସ୍ତା ଥିବାରୁ ପୁଲିସ୍ ନିରାଶ ହୋଇଥିଲା। କିନ୍ତୁ କିଛି ବସ୍ତା ଖୁଦ ବାହାର କରିବା ପରେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରୁ ତାହା ୧୧ କ୍ୱିଣ୍ଟାଲ ବୋଲି ଜଣାପଡ଼ିଥିଲା। ଏହାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ମନୋଜ ପଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ଲୋଇସିଂହା ପୁଲିସ ରାଜପଥରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା।

### ଓଡ଼ିଶା ହେବ ଦେଶର...

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁସାରେ ଓଡ଼ିଶା ଆଇଟି ନୀତି ୨୦୨୫ ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ। ଏଥିରେ ଆଇଟି/ଆଇଟିଇଏସ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା ହୋଇଛି। ନିବେଶ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବସିଡି, ଜମି ଏବଂ ଭଡା ସହାୟତା ଏବଂ ଏସଜିଏସଟି ପୁନଃପୈଠ ଭଳି ବ୍ୟବସାୟ ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ସେହିପରି ଅତିରିକ୍ତ ସୁବିଧା ଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଉତ୍କର୍ଷ କେନ୍ଦ୍ର, କୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ପ୍ରୋତ୍ସାହନ ଆଦି ରହିଛି। ଏହି ନୀତିର କାର୍ଯ୍ୟକାରିତା ପାଇଁ ଏକ ପଲିସି ଆଡଭାଇଜରୀ ଏବଂ ଭିଜନ ଗ୍ରୁପ କାର୍ଯ୍ୟ କରିବ।

ସେହିପରି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍) ଏହାର ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରିବ ଏବଂ ଇ ଆଣ୍ଡ ଆଇଟି ବିଭାଗ ଏହାର ନିୟମିତ ସମୀକ୍ଷା କରିବ। ଅନ୍ୟପକ୍ଷରେ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ରେ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା (ଇସିଏମଏସ) ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ନିବେଶକମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ପୁଞ୍ଜି ସବସିଡି କିମ୍ବା ଟର୍ଣ୍ଣଓଭର ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡି ଦ୍ୱାରା ପରିପୂରକ ସବସିଡି ମଧ୍ୟରୁ ଗୋଟିଏ ଚୟନ କରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡା ସହାୟତା, ବିଦ୍ୟୁତ୍ ଶୁଳ୍କରେ ୧୦ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯିବ, ଯାହା ପ୍ରକଳ୍ପ ନିବେଶର ୭୫ ପ୍ରତିଶତ ମଧ୍ୟରେ ସୀମିତ ରହିବ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଧ୍ୟ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଅପରପକ୍ଷରେ ରାଜ୍ୟ ଲୋକସେବା ଆୟୋଗରେ ୩ ଜଣ ସଦସ୍ୟ ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଓ ମନୋଜ କୁମାର ମହାନ୍ତିଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ କରିଛି।

## ସାର ଯୋଗାଇବାରେ ସରକାର ବିଫଳ

# ରାଜରାସ୍ତାରେ ଚାଷୀଙ୍କ ପ୍ରତିବାଦ

ମାଲକାନଗିରି, ୨୫।୮ (ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଚାଷୀଙ୍କ ମୁଣ୍ଡରେ ସାର ପାଇଁ ଚଡ଼କ ପଡ଼ିଛି। ଚାଷ କାର୍ଯ୍ୟ ଚାଲୁଥିବା ବେଳେ ୟୁରିୟା ସାର ପାଇଁ ଚାଷୀ ବ୍ୟାକୁଳ ହୋଇପଡ଼ିଛି। ସାର ଯୋଗାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କର ହୋଇଥିବା ବେଳେ ଚାଷୀଙ୍କୁ ସଠିକ ପରିମାଣର ସାର ମିଳୁନି। ତେଣୁ ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ବାରମ୍ବାର




ଅନୁରୋଧ ସତ୍ତ୍ୱେ ସାର ମିଳୁ ନ ଥିବାରୁ ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଚାଷୀ। ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ଜିଲ୍ଲାରେ ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଚାଷୀ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଜି ମାଲକାନଗିରି ସଦର ବ୍ଲକ୍ ଅନ୍ତର୍ଗତ ଶିଖପାଲି ଛକରେ ରାସ୍ତାରୋକ କରାଯାଇଥିଲା। ଶତାଧିକ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ହୋଇ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ କରିବାରୁ ମାଲକାନଗିରିଠାରୁ ମୋଟୁକୁ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟାତ ବନ୍ଦ ହୋଇଯାଇଥିଲା। ସଂଗଠନର ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ଶିଖପାଲୀ, ଗୋରାଖୁଣ୍ଟା, ତଣ୍ଡାପାଲି, ମାଟାପେକା, ବଦଲି, ମାନ୍ଦାପାଲୀ, ଚାଲାଣଗୁଡା, ତଣ୍ଡିକି ଭଳି ମୋଟ ୮ଟି ପଞ୍ଚାୟତର ୧ ହଜାରରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଏହି ବିକ୍ଷୋଭ କରିଥିଲେ। ଚାଷୀଙ୍କୁ ରିହାତି ମୂଲ୍ୟରେ ତୁରନ୍ତ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବା ପାଇଁ ଦାବି କରି ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଷୀ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ, ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ଅନ୍ୟାନ୍ୟ ଅଧିକାରୀ ପହଞ୍ଚି ଚାଷୀମାନଙ୍କୁ ବୁଝାଇ ଆସନ୍ତା ୧୦ ଦିନ ମଧ୍ୟରେ ସାର ସମସ୍ୟାକୁ ଦୂର କରାଯିବ ଓ ସମସ୍ତ ଚାଷୀଙ୍କୁ ସାର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଭଳି ଚିତ୍ର ଜିଲ୍ଲାରେ ନିତିଦିନିଆ ହୋଇଥିବା ବେଳେ ପୂର୍ବରୁ କାଲିମେଳା, ପଡିଆ, ମାଥିଲି, କୋରକୁଣ୍ଡା, ଖଇରପୁଟ ଭଳି ବିଭିନ୍ନ ସ୍ଥାନରେ ୟୁରିଆ ସାରର ଘୋର ଅଭାବ ଯୋଗୁଁ ଚାଷୀ ହତାଶ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଲ୍ୟାମ୍ପ୍ସ ଓ ସାର ଦୋକାନ ସମ୍ମୁଖରେ ଶହଶହ ଚାଷୀ ସାର ପାଇଁ ଖରା ବର୍ଷାରେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି। ତେବେ ସରକାର ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନନେଲେ, ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହୋଇପଡ଼ିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

GOVT. OF ODISHA
O-653
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
e-mail ID :- eerwrairangpur@yahoo.com
" e " procurement notice for Building works
Bid Identification No- RWDRRP-07 of 2025-26

1. Name of the work : Maintenance of building & periodical maintenance for the year 2025-26
2. Estimate Cost : Rs.1.68 lakhs 8.40 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-07/2025-26 | 27.08.2025 at 11.00 A.M. | 08.09.2025 Up to 5.00 P.M. | 06.09.2025 Up to 5.00 P.M. | 09.09.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR-25107/11/0027/2526

**Notice**
**(Above 18 years of age)**
By Virtue of an Affidavite sworn before the Notary Public, Udala, Mayurbhnaj, dated 25-08-2025 I, Samita Behera, Address At-Murali, Po- Kamali, Ps- Khunta, Dist- Mayurbhanj, Pin- 757075 declare that I have changed my name Sasmita Behera to Samita Behera. Henceforth I shall be known as Samita Behera for all purposes.
Samita Behera

**AFFIDAVIT**
I, Sujit Kumar Prashad S/o Late Shiv Kumar Prasad, Resident of At-New Colony, Weigh Bridge Road, PO/PS-Barbil, Dist-Keonjhar, PIN-758035, Odisha declare by this affidavit No.4666 dtd 22.08.2025 that now onwards I shall be known as **SUJIT KUMAR PRASAD** for all future purposes

**AFFIDAVIT**
By virtue of an affidavit sworn before Smt. Suchitra Majhi, O.R.S., Executive Magistrate, Puri, dated 11.8.20 25 I AKSHAYA KUMAR NAYAK, of Vill. Khandiabandha, P.O. Gopinathpur P.S.Puri sadar, Dist. Puri, Odisha-75 200 2 declare that, I have changed my name from AKHAYA NAYAK to AKSHAYA KUMAR NAYAK. Henceforth, I shall be known as **AKSHAYA KUMAR NAYAK** for all purposes.

**AFFIDAVIT**
I, Rahul Behera, aged about 22 years, S/o.: Shri Sagar Kumar Behera, PAN-GEAPB3558C and AADHAR- 242145571804, Resident of Flat No.: B-203, Satyam Tower, Bomikhal, Bhubaneswar, Dist.: Khurda, PIN-751010 declare by this affidavit No.: 21677, dated: 02.08.2025 that now onwards I shall be known as Rahul Behera instead of **Rahul Sagar Behera** for all future purposes.

**AFFIDAVIT**
I, Akshaya Kumar Behera S/o Late Kanhu Charan Behera, Resident of At-Manalapur, PO-Dehudianandapur, Via / PS - Dhamnagar, Dist- Bhadrak, PIN-755006, Odisha declare by this affidavit No.8223 dtd 22.08.2025 that now onwards I shall be known as **AKSHAYA BEHERA** for all future purposes.

**AFFIDAVIT**
By virtue of an affidavit sworn before Smt.Suchitra Majhi 0.A.S., Executive Magistrate, Puri, dated 20.08.20 25 I, BHIMA BHARIA, At: Uttaresarapada, 2.0. Birahare krushnapur, P.S.Puri Sadar, Dist. Puri, Odisha-752002, declare that I have changed my name from INDRAMANI BHARIA to BHIMA BHARIA. Henceforth, I shall be known as **BHIMA BHARIA** for all purposes.

**AFFIDAVIT**
By virtue of an affidavit before Executive Magistrate, Khordha I Rukuni Pattanaik W/o-Amiya Kumar Pattanaik At/Po-Bankoi, PS-Bolagarh, Dist- Khordha instead of Rukmini Pattanaik vide Affidavit No. 2205/ Dt.25.08.2025. Henceforth I shall be known as **Rukuni Pattanaik** for all purposes.

**AFFIDAVIT**
By virtue of an Affidavit Sworn Before THE EXECUTIVE MAGISTRATE, Brahmagiri DIST,Puri , Dated 21/08/2025 I Sarat Jena, Address Vill-Po - Chapamanik, Ps.: Brahmagiri, Dist.: Puri, Odisha, Pin-752011 declare that I have changed my son's name from Sabyasachi Jena (old name) to Aryan Jena, (new name). Henceforth, he shall be known as ARYAN JENA (new name) for all purposes.
Sarat Jena

**AFFIDAVIT**
I, SHUSHILA BEHERA, resident of Vill. At-Rambha Bangala Road, PO /PS.- Rambha, Dist-Ganjam, State- Odisha, Pin- 761028 declare by this affidavit No- A/5, Dated 07/08/2025, that now onwards I shall be known as SUSILA BEHERA for all future purposes.

**AFFIDAVIT**
I, Gajendra Pentohi, aged about 55 years, S/o-Parshuram Penthoi, resident of At-Narasinghpur, Dist-Nayagarh, Odisha, Pin-752026 declared by this affidavit No. 1738, dtd-25/08/2025 that now onwards I shall be known as **GAJENDRA PENTHOI** for all future purposes.

## ଦୁଇଦିନ ପରେ ଗଣପର୍ବ ନୂଆଖାଇ

# ଗାଁଠୁ ସହର ସବୁଠି ଚଳଚଞ୍ଚଳ

ଭବାନୀପାଟଣା, ୨୫।୮ (ସମିସ)





ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ତାର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି। ଜାତି, ବର୍ଣ୍ଣ, ଭେଦ ନିର୍ବିଶେଷରେ ନୂଆଁଖାଇ ପର୍ବ ସମଗ୍ର ପଶ୍ଚିମ ଓଡ଼ିଶାରେ ପାଳିତ ହୋଇ ବ୍ୟାପକତାର ରୂପ ନେଇଛି। ଯେତେବେଳେ କୃଷକ ପ୍ରଥମ ଫସଲ ଉତ୍ପାଦନ କରେ, ତାହା ପ୍ରଥମେ ଦେବାଦେବୀଙ୍କ ପାଖରେ ସମର୍ପଣ କରେ ଓ ପରେ ଶ୍ରଦ୍ଧାର ସହ ସ୍ୱୟଂ ଭକ୍ଷଣ କରିବା ହିଁ ନବାନ୍ନ ଭକ୍ଷଣ ବା ନୂଆଁଖାଇ ବୋଲି କୁହାଯାଏ। କଳାହାଣ୍ଡି ଜିଲ୍ଲାରେ ନୂଆଖାଇ ପାଳନ ଆଉ ଟିକେ ନିଆରା। ୬ଟି ପର୍ଯ୍ୟାୟରେ ନୂଆଖାଇ ପାଳନ କରାଯାଇଥାଏ। ପ୍ରଥମ ପର୍ଯ୍ୟାୟରେ କୋକସରା ବ୍ଲକରେ ବସବାସ କରୁଥିବା ମହିମା ଧର୍ମାବଲମ୍ବୀମାନେ ଶ୍ରାବଣ ପୂର୍ଣ୍ଣିମା ଦିନ ନୂଆଁଖାଇ ଥାଆନ୍ତି।ଦ୍ୱିତୀୟରେ କେସିଙ୍ଗା ବ୍ଲକ ପଥର୍ଲା, ବାହାଦୂରପଦର, ପାଲକାପଡ଼ାରେ ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ଦ୍ୱିତୀୟ ପର୍ଯ୍ୟାୟ ନୂଆଁ ଖାଇଥାନ୍ତି। ତୃତୀୟ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ କଳାହାଣ୍ଡି ଗ୍ରାମାଞ୍ଚଳରେ ଲୋକେ ନୂଆଁଖାଇ ପାଳନ କରନ୍ତି। ଚତୁର୍ଥ ପର୍ଯ୍ୟାୟ ନୂଆଁଖାଇ ହେଉଛି ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ନବାନ୍ନ ଭୋଗ ଅର୍ପଣ ପରେ ଭବାନୀପାଟଣା ସହର ସମେତ କଳାହାଣ୍ଡି ଗଡ଼ଜାତର ଜମିଦାରୀ ଅଞ୍ଚଳ କର୍ଲାପାଟ, ଥୁଆମୂଳ ରାମପୁର, ମହୁଲପାଟଣା, ମଦନପୁର ରାମପୁର, ଲାଞ୍ଜିଗଡ଼ରେ ମାଣିକେଶ୍ୱରୀଙ୍କ ସହିତ ନବାନ୍ନ ଭକ୍ଷଣ କରିଥାନ୍ତି। ଏହାପରେ ନାଗବଂଶୀ ରାଜପରିବାର ଆଶ୍ୱିନ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ମାଣିକେଶ୍ୱରୀଙ୍କ ଛତର ପ୍ରତ୍ୟାବର୍ତ୍ତନ ପରେ ମହାକାଳ ଭୈରବ ବୁଢ଼ାରଜାଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରି ନୂଆଁ ଖାଇଥାନ୍ତି। ଏହି ପୂର୍ବ ୫ଟି ପର୍ଯ୍ୟାୟରେ ଯେଉଁମାନେ କୌଣସି କାରଣବଶତଃ ନବାନ୍ନ ଭକ୍ଷଣ କରି ପାରି ନଥାନ୍ତି, ସେମାନେ ବିଜୟା ଦଶମୀ ଦିନ ଭକ୍ଷଣ କରନ୍ତି। ଆଉ ଦୁଇଦିନ ଅର୍ଥାତ ୨୮ ତାରିଖରେ ନୂଆଁଖାଇ ପର୍ବ। ଗାଁ ଠାରୁ ସହର ଏବେ ଚଳଚଞ୍ଚଳ। ଘରେ ଘରେ ମହକିବ ପିଠା ଖେଚୁଡ଼ିର ବାସ୍ନା। ନୂଆ କପଡ଼ା ପରିଧାନ କରି ପୂଜା ପାଇଁ ସଜବାଜର ପ୍ରସ୍ତୁତି ଆରମ୍ଭ ହୋଇସାରିଛି। କେବଳ ସେତକ ନୁହେଁ, ନାଚ ଗୀତରେ କମ୍ପି ଉଠିବ କଳାହାଣ୍ଡି। ସେଥିପାଇଁ ବାଜାର ତାଳ ଦେଇ ନୃତ୍ୟ ଅଭ୍ୟାସରେ ମସଗୁଲ ଜିଲ୍ଲାର ନୃତ୍ୟ ଶିଳ୍ପି। ନୂଆଖାଇ ବଜାର ଲାଗି ଗାଁ ଗହଳିରୁ ସହରର ସମସ୍ତେ ଭିଡ଼ ଜମାଉଥିବା ଲକ୍ଷ୍ୟ କରାଯାଇଛି। ପୂଜା ସାମଗ୍ରୀଠାରୁ ନୂଆବସ୍ତ୍ର ନୂଆଖାଇ ପାଇଁ କିଣିବାର ମଜା ନେଉଛନ୍ତି ଅଞ୍ଚଳବାସୀ। ବଜାର ଭିତରେ ନୂଆଧାନ, ନୂଆ ଚୁଡ଼ା, କୁରେଇ ପତ୍ର ଦନା, ନୂଆ ମାଟିପାତ୍ର, ଶୁଦ୍ଧ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ପାଇଁ ପନିପରିବା କିଣାରେ ସମସ୍ତେ ବ୍ୟସ୍ତ

### ନୂଆ ଭାବନା ଓ ନୂଆ ଶସ୍ୟର ପର୍ବ 'ନୂଆଖାଇ'

ଜଣାପଡୁଛନ୍ତି। କଳାହାଣ୍ଡି ଜିଲ୍ଲାର ପୁରପଲ୍ଲୀ ଚଳଚଞ୍ଚଳ କୃଷି ଭିତ୍ତିକ ପର୍ବ ନୂଆଁଖାଇ ପ୍ରକୃତି କୋଳରେ ଯେବେ ପ୍ରଥମ ଥର ପାଇଁ ଧାନ ଅମଳ ହୁଏ ପ୍ରଥମ ଅମଳ ଧାନକୁ ଭଗବାନଙ୍କ ପାଖରେ ଅର୍ପଣ କରିଥାଏ। ପ୍ରସାଦ ସ୍ୱରୂପ ପରିବାର ସାଙ୍ଗରେ ମିଶି ସେହି ନୂଆ ଚାଉଳକୁ ନବାନ୍ନ ଭାବରେ ଭକ୍ଷଣ କରିଥାଏ। ଏହାକୁ ହିଁ ନୂଆଁଖାଇ କୁହାଯାଏ। ନୂଆଁଖାଇ ପାଇଁ ଆସନ୍ତା ୨୮ ତାରିଖ ଭାଦ୍ରବ ଶୁକ୍ଳ ପଞ୍ଚମୀ ଗୁରୁବାର ସକାଳ ୯ଟା ୪୮ ମିନିଟରୁ ୧୦ ଟା ୩ ମଧ୍ୟରେ ବିଶୁଦ୍ଧ ତୁଳା ଲଗନେ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଏହି ସମୟରେ କଳାହାଣ୍ଡିର କିଛି ଅଞ୍ଚଳବାସୀ ନୂଆଁ ଖାଇବେ। ଏହି ପର୍ବ କୃଷି ସହ ଜଡିତ ଥିବାରୁ ଚାଷୀ ମଧ ବେଶ ଉତ୍ସାହିତ। ଚାଷୀ ଏହି ଦିନ ନିଜ ଜମିରେ ପୂଜା କରିବା ପରମ୍ପରା ରହିଛି। ଗୁରୁଜନଙ୍କୁ ଭକ୍ତିଭରା ସ୍ନେହରେ ଯୋଡ ହସ୍ତରେ ଜୁହାର କରି ମୁଣ୍ଡିଆ ମାରିବା ସହିତ ଘରେ ଥିବା ଗାଈ, ବଳଦଙ୍କ ମଧ ଖିଆଲ ରଖାଯାଇଥାଏ। ବର୍ଷକୁ ଥରେ କଳାହାଣ୍ଡିବାସୀ ଏହି ଦିନକୁ ଅନାଇ ବସିଥାନ୍ତି। ଯିଏ ଯେଉଁଠି ବି ଥାଆନ୍ତି ଏହି ଦିନରେ ଆସି ପରିବାର ସହ ବସି ଏକାଠି ନୂଆଁ ଖାଇଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ, ସମ୍ପର୍କର ପର୍ବ ଏବଂ ପ୍ରକୃତିର ପର୍ବ ମଧ କୁହାଯାଏ। ସେପ୍ଟେମ୍ବର ୨ ତାରିଖ ମଙ୍ଗଳବାର ଦିନ ଜିଲ୍ଲାର ଭବାନୀପାଟଣା ସମେତ ଗଡ଼ଜାତ ଅଞ୍ଚଳର ଜନସାଧାରଣ ନବାନ୍ନ ଭକ୍ଷଣ କରିବେ। ନୂଆ ଅନ୍ନ ଇଷ୍ଟଦେବୀ ଏବଂ ପୂର୍ବପୁରୁଷଙ୍କୁ ଅର୍ପଣ କରାଯିବା ସହ ଆଉ କେତେକ ସ୍ଥାନରେ ମା'ଲକ୍ଷ୍ମୀଙ୍କୁ ମଧ ଅର୍ପଣ କରାଯାଇଥାଏ। ଏହି ପୂଜାବିଧି ଶେଷ ହେବାପରେ ଘରର ମୁଖ୍ୟ ଅନ୍ୟ ସମସ୍ତଙ୍କୁ ନବାନ୍ନ ବଣ୍ଟନ କରନ୍ତି। ଭକ୍ତି ଭାବନା ପର୍ବର ମୂଳ ଆଧାର। ତେଣୁ ଏହି ଦିନ ଘରର କନିଷ୍ଠମାନେ ଜ୍ୟେଷ୍ଠମାନଙ୍କୁ ଜୁହାର କରନ୍ତି, ବଦଳରେ ଜ୍ୟେଷ୍ଠମାନେ ସମସ୍ତଙ୍କୁ ଆଶିର୍ବାଦ କରିଥାନ୍ତି। ନୂଆଖାଇ ପାଇଁ ୧୫ ଦିନ ପୂର୍ବରୁ ନୂଆଖାଇ ଭେଟ୍‌ଘାଟରେ ବିଭୋର ହୋଇଉଠନ୍ତି ସମସ୍ତେ। କେଉଁଠି ବଜାସାଲ, ଶିଙ୍ଗାରି ଓ ଘୁମୁରାର ତାଳେ ତାଳେ ନାଚିବା ତ କେଉଁଠି କବିତା ଆବୃତ୍ତିର ପର୍ବରେ ଅନେକଙ୍କୁ ବାନ୍ଧି ରଖିଥାଏ। ଆସନ୍ତା ୨୮ ତାରିଖ ଓ ସେପ୍ଟେମ୍ବର ୨ତାରିଖରେ କଳାହାଣ୍ଡିର ନୂଆଖାଇ ପର୍ବ ପାଇଁ ଏବେ ଅପେକ୍ଷାଟିଏ ରହିଛି। ଇଷ୍ଟଦେବୀ ମାଁ ମାଣିକେଶ୍ୱରୀ ଆଶୀର୍ବାଦରୁ ଚାରିଆଡେ ଚଳଚଞ୍ଚଳ। ନୂଆଖାଇର ପ୍ରସ୍ତୁତିରେ ସମସ୍ତଙ୍କ ମନରେ ଫୁଟିଉଠୁଛି ଅଫୁରନ୍ତ ଆନନ୍ଦ।

## ● ସଟ୍ ସର୍କିଟରୁ ଘରେ ଲାଗିଲା ନିଆଁ

# ଜଳିଗଲେ ଦମ୍ପତି, ଅଳ୍ପକେ ବର୍ତ୍ତିଗଲା ୭ ମାସର ଶିଶୁ

ନୂଆପଡା/ଖଡ଼ିଆଳ,୨୫।୮ (ସମିସ):ନୂଆପଡା ଜିଲ୍ଲା ଖଡ଼ିଆଳ ଥାନ ତୁକୁଲା ଗାଁରେ ଏକ ଅଘଟଣ ଘଟିଛି। ଘରେ ସଟ୍‌ସର୍କିଟରୁ ନିଆଁ ଲାଗିବା ଫଳରେ ଦମ୍ପତି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଜଣେ ୭ମାସର ଶିଶୁ ଅଳ୍ପକେ ବର୍ତ୍ତି ଯାଇଛି। ଘରେ ନିଆଁ ଲାଗିବାର ଦୀର୍ଘ ସମୟ ପରେ ମଧ ଦମକଳବାହିନୀ କି ଆମ୍ବୁଲାନ୍ସ ଗାଡି ନଆସିବାରୁ ଲୋକେ ଘରକୁ ଭାଙ୍ଗି ଦୁହିଁଙ୍କୁ ଉଦ୍ଧାର କରି ଏକ ବେସରକାରୀ ଗାଡ଼ିରେ ଦମ୍ପତିଙ୍କୁ ଖଡ଼ିଆଳ ସରକାରୀ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦମ୍ପତି ରାଜେଶ ପଟେଲ (୨୯) ଏବଂ ରୀମା ପଟେଲ (୨୮)। ପ୍ରକାଶ ଯେ ସୋମବାର ରାତି ପ୍ରାୟ ସାଢେ ୯ଟାବେଳେ ରାଜେଶ ସ୍ତ୍ରୀ, ଛୁଆ ସହ ବସି ଗପୁଥିବା ସମୟରେ ହଠାତ ବିଦ୍ୟୁତ୍ ସଟ ସର୍କିଟ ହୋଇ ଘରେ ନିଆଁ ଲାଗିଗଲା। ହୁତୁ ହୁତୁ ହୋଇ ଜଳିବା ପରେ ଛୁଆଙ୍କୁ ତାଙ୍କର ଅଜା ଉଦ୍ଧାର କରି ଛାତ ଉପରକୁ ନେଇଗଲେ। ଏପଟେ ଦମ୍ପତିଙ୍କୁ କେହି ଉଦ୍ଧାର କରି ପାରିଲେ ନାହିଁ। ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ ବିଳମ୍ବରେ ଆସିବାବେଳକୁ ସବୁ ଶେଷ ହୋଇଯାଇଥିଲା। ସ୍ଥାନୀୟ ଲୋକେ କାନ୍ଥକୁ ଭାଙ୍ଗି ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ମଧ ଠିକଣା ସମୟରେ ନଆସିବାରୁ ଏକ ବେସରକାରୀ ଗାଡ଼ିରେ ବୋହି ହସ୍ପିଟାଲକୁ ନେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବଚସାରୁ ସାଙ୍ଗକୁ ହତ୍ୟା

କଣ୍ଟାବାଞ୍ଜି,୨୫।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ମୁଡ଼କାନୀ ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ଯୁବକ ତାଙ୍କ ସାଙ୍ଗକୁ ହତ୍ୟା କରିବା ଭଳି ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ସେହି ଗାଁ କିଶୋର ପରାଭୁଏ ଏବଂ ତାଙ୍କ ଅନ୍ୟ ଜଣେ ସାଙ୍ଗ ଶ୍ରୀଧର ଶବର ଗାଁ ପହରି ମଣ୍ଡପରେ ବସି କଥା ହେଉଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଶ୍ରୀଧର ରାଗିଯାଇ କିଶୋରକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ତୁରେକେଲା ପୁଲିସ ପହଞ୍ଚି ଶବ ଜବତକରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।

## ଚଟିଆଗୁଡ଼ାଛକରୁ ବାଘଛାଲ ଜବତ



ସିନାପାଲି,୨୫।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ଅଫିସ ନିକଟରୁ ୧୦୦ ମିଟର ଦୂରରେ ବାଘ ଛାଲ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ମାରିଥିବା ବନ ବିଭାଗ ପ୍ରକାଶ କରିଛି। ଚଢାଉରେ ଖଡିଆଳ ଏସିଏଫ୍ ମହମ୍ମଦ ସାଲିହା ଓ ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡି ସହିତ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଜବତ ବାଘ ଛଲକୁ ଗଣମାଧ୍ୟମ ଆଗରେ ଦେଖାଇବାକୁ ମନା କରିଥିବା ବେଳେ ତଦନ୍ତ ଚାଲିଛି। ଘଟଣାସ୍ଥଳରେ ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି।ସୀମାନ୍ତ ସିନାପାଲି ଅଞ୍ଚଳରେ ପୂର୍ବରୁ ଅନେକ ବାଘ ଛାଲ ଜବତ କରାଯାଇଥିବା ବେଳେ ବନ ବିଭାଗ ପାଇଁ ଚାଲେଞ୍ଜ ହୋଇପଡ଼ିଛି। ବାଘଛାଲ ଚାଲାଣରେ ଜଣେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ବେଳେ ଗାଡ଼ି ଛାଡ଼ି ଫେରାର ହୋଇଥିବା ଅନୁମାନ କରାଯାଉଛି।

## କାର୍ଯ୍ୟରେ ଅବହେଳା; ଦୁଇ ଶିକ୍ଷକ ନିଲମ୍ବିତ

ସଇଁତଳା, ୨୫।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକରେ କାର୍ଯ୍ୟରେ ଅବହେଳା ନେଇ ଗୋଟିଏ ଦିନରେ ଦୁଇ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସଇଁତଳା ବ୍ଲକ କଦଳୀ ମୁଣ୍ଡାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ମଲ୍ଲିକ କାର୍ଯ୍ୟରେ ଅବହେଳା ନେଇ ନିଲମ୍ବିତ କରାଯାଇଥିବା ବେଳେ ସେହିପରି ଗୁଡ୍ରାମୁଣ୍ଡା ଗାଁ ରେ ଥିବା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ନନ୍ଦ ତୃତୀୟ ଶ୍ରେଣୀ ଛାତ୍ରକୁ ମାଡ଼ ମାରି କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଠିକ ସେହିପରି ଗତ ୧୪ ତାରିଖ ଦିନ ଟିକ୍ରାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରକୁ ମାଡ଼ ମାରି ନିଲମ୍ବିତ ହୋଇଥିଲେ। ତେବେ ଗୋଟିଏ ମାସ ଭିତରେ ପ୍ରଧାନ ଶିକ୍ଷୟତ୍ରୀ ସମେତ ଦୁଇ ଶିକ୍ଷକଙ୍କୁ ନିଲମ୍ବିତ କରିଛି ଶିକ୍ଷା ବିଭାଗ।

## ଲୋଇସିଂହାର ଯୁଗ୍ମ ଅଭିଯୋଗ ଶୁଣାଣି

ଲୋଇସିଂହା, ୨୫।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ପରିସରର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଭାତ କୁମାର ବେହେରା, ଅତିରିକ୍ତ ଏସ୍‌ପି ଜି.ଏନ ମଲ୍ଲିକ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପଳ ଆଲୋକ ପଟେଲ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ବିଡିଓ ଅକ୍ଷପାଣି ଉଦ୍ଧ, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ ସମେତ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ମୋଟ ୩୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୫ ଟି ସାମୂହିକ, ୫ଟି ପ୍ରଧାନମନ୍ତ୍ରୀ ଗ୍ରାମିଣ, ବାକି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବୁଢ଼ୀପଦରେ ପ୍ରାଥମିକ କୃଷି ସମବାୟ ସମିତି ଖୋଲିବା ପାଇଁ ପଞ୍ଚାୟତବାସୀ ଦାବି ଜଣାଇଥିଲେ।

## ଗୋଇମୁଣ୍ଡରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ମୁରିବାହାଲ, ୨୫।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମର ଦୂର୍ଗାମଣ୍ଡପ ପ୍ରାଙ୍ଗଣରେ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ୪୯ ତମ ସାର୍ବଜନୀନ ଦୂର୍ଗାପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଶୋକ ନାରାୟଣ ଭୋଇ ସଭା ସଂଯୋଜନା କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ସାହୁ ଗତବର୍ଷର ଆୟବ୍ୟୟ ବିବରଣୀ ପଠନ କରିଥିଲେ। ଚଳିତବର୍ଷ ଦୁର୍ଗାପୂଜା ମହା ଆଡମ୍ବରରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା।

କମିଟିର ସଭାପତି ଭାବେ ଅକ୍ଷୟ କୁମାର ସାହୁ, ସମ୍ପାଦକ ଭକ୍ତବନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ମିନିକେତନ ସାହୁ, ଉପସଭାପତି ଧନସିଂ ବାଗ, ସହ ସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧକ୍ଷ ଗୋରେଖ ଭୋଇ ଏବଂ କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ରୋହିତ ଭୋଇ, ସୋମନାଥ ସାହୁ, କମ୍ପୁ ସାହୁ, ଅମିତ ରଣା, ଇନ୍ଦ୍ରମଣି ମାଝୀ, ବାଲ୍ମିକୀ ଭୋଇ, ସୁଦାମ ସାହୁ, ସନ୍ତୋଷ କୁମାର ସାହୁ, ଛିନୁ ଭୋଇ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୁବୋଦୟରେ ଚାରାରୋପଣ

ବଲାଙ୍ଗିର, ୨୫।୮ (ସମିସ): ବଲାଙ୍ଗିର ସ୍ଥିତ ସକମା ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜି (ୱାଇସିଏଟି)ରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ୱାଇସିଏଟିର ବିସିଏ ଓ ବିବିଏ ଛାତ୍ରଛାତ୍ରୀଙ୍କ ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ କାର୍ବନ ଫୁଟପ୍ରିଣ୍ଟ, ଗ୍ଲୋବାଲ ୱାର୍ମି ଓ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶ ସମସ୍ୟା ବିଷୟରେ ମହାବିଦ୍ୟାଳୟର ଅଧକ୍ଷ ସଚେତନ କରାଇଥିଲା। ମୋଟ୍ ୧୦୦ରୁ ଅଧିକ ଗଛଚାରା ରୋପଣ କରାଯାଇଥିଲା, ଯେଉଁଥିରୁ କିଛି ଯୁବୋଦୟ କ୍ୟାମ୍ପସ ଭିତରେ ଓ ଅନ୍ୟମାନେ ନିକଟସ୍ଥ ସକମା ଗାଁ ଅଞ୍ଚଳରେ ରୋପିତ ହୋଇଥିଲା। ଯୁବୋଦୟରେ ପ୍ରତିବର୍ଷ ଚାରାରୋପଣକୁ ଏକ ଉତ୍ସବ ଭାବେ ପାଳନ କରାଯାଏ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଅମ୍ବରିଶ ଦାସ କହିଥିଲେ ଯେ, ଏଭଳି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିବାରେ ସାହାଯ୍ୟ କରେ ଓ ସେମାନଙ୍କୁ ଦେଶର ପରିବେଶ ପ୍ରତି ଦାୟିତ୍ୱଶୀଳ ନାଗରିକ ହେବାକୁ ଉତ୍ସାହିତ କରେ।

## ଜମିବାଡ଼ି ବିବାଦରୁ ବୃଦ୍ଧଙ୍କୁ ହତ୍ୟା ଘଟଣା; ୨ ଗିରଫ



ବେଲପଡ଼ା, ୨୫।୮ (ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅଧୀନ ପଲ୍ଲିମାଲ ଗ୍ରାମରେ ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ପୂର୍ବରୁ ବାସୁଦେବ ଭାଟିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଅଭିଯୁକ୍ତ ଫେରାର୍ ଥିଲେ। ଫେରାର୍ ଥିବା ପର୍ଶୁରାମ ଭାଟି ଓ ହୃଦ ଭାଟିଙ୍କୁ ଗିରଫ କରି ଆଜି ବେଲପଡ଼ା ପୁଲିସ କୋର୍ଟଚାଲାଣ କରିଥିବା ଥାନାଧିକାରୀ ଅନନ୍ତ ପଧାନଙ୍କ ଠାରୁ ପ୍ରକାଶ। ସୂଚନାଯୋଗ୍ୟ ଗତ ୨ ତାରିଖ ଗାଁର ଶୋଭାକର ଭାଟିଙ୍କୁ ତାଙ୍କ ସମ୍ପର୍କୀୟ ପର୍ଶୁରାମ ଭାଟି, ବାସୁଦେବ ଭାଟି ଓ ହୃଦ ଭାଟି ଠେଙ୍ଗା ଓ ଟଙ୍ଗିଆରେ ଆକ୍ରମଣ କରିଥିଲେ। ଖବର ପାଇ ବୃଦ୍ଧଙ୍କ ପୁଅ ନିଳମଣି ଘଟଣା ସ୍ଥଳରେ ପହଞ୍ଚି ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକତା ଚିକିତ୍ସା ପରେ ବଲାଙ୍ଗୀର ଟ୍ରାନ୍ସଫର କରାଯାଇଥିଲା। ସେ ସଂକଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା।

## ୪ ଦିନ ହେଲା ଶିଶୁପୁତ୍ର ସହ ମହିଳା ନିଖୋଜ



ଲାଞ୍ଜିଗଡ଼, ୨୫।୮ (ସମିସ): ଶୁକ୍ରବାର ବଡିଭୋରରୁ ଉଠି ଦେଖିଲାବେଳକୁ ସ୍ତ୍ରୀ ଓ ୪ ବର୍ଷ ବୟସର କୁନିପୁଅ ନାହାନ୍ତି। ଚାରିଆଡେ ଖୋଜାଖୋଜି କଲାବେଳେ ଘରର ଆଲମିରା ବି ଖୋଲା ପଡ଼ିଛି। ଆଉ ସେଇଠୁ ଗାଏବ ହୋଇଯାଇଛି ସୁନା ଓ ଲକ୍ଷାଧିକ ଟଙ୍କା। ଏସବୁ ଦେଖି ସାଧାରଣ ଗାଡ଼ି ଗ୍ୟାରେଜ କରି ଗୁଜୁରାଣ ମେଣ୍ଟାଉଥିବା ହରିବନ୍ଧୁଙ୍କ ମୁଣ୍ଡ ଚକ୍କର ଖାଇଯାଇଥିଲା। ବାହାରକୁ ବାହାରିଲା ବେଳେ ସେ ରଖୁଥିବା ଜାଗାରୁ ବାଇକ୍ ମଧ ନଥିବା ଦେଖିବାକୁ ପାଇଥିଲେ। ଆଉ ଫାଟକ ବାହାରପଟୁ ଝୁଲୁଛି ତାଲା। ଖୋଜାଖୋଜି, ପରିବାର, ବନ୍ଧୁବାନ୍ଧବଙ୍କୁ ଫୋନଫାନ କଲାପରେ ବି କିଛି ସୁଫଳ ମିଳିଲାନି। ଶେଷରେ ନିଜର ବଡଭାଇ ସହିତ ଆଖପାଖ ଖୋଜାଖୋଜି, ବୁଝାବୁଝି କଲାବେଳକୁ ୨୫ କିମି ଦୂର ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ରେଳ ଷ୍ଟେସନରୁ ଘରୁ ହଜିଥିବା ବାଇକ୍ ମିଳିଥିଲା। କିନ୍ତୁ କୁନିପୁଅ ଓ ତାର ମାଆର ପତ୍ତା ମିଳି ନାହିଁ। ଶେଷରେ ଥାନାର ଦ୍ୱାରସ୍ତ ହୋଇଛନ୍ତି ସ୍ୱାମୀ। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନାଞ୍ଚଳରେ ଘଟିଛି। ବିଶ୍ୱନାଥପୁରର ହରିବନ୍ଧୁ ବାଗଙ୍କ ସ୍ତ୍ରୀ ପଦ୍ମିନୀ ଶୁକ୍ରବାର ବଡ଼ିଭୋରରୁ ହଠାତ ନିଖୋଜ ହୋଇଯାଇଛନ୍ତି। ଖାଇପିଇ ରାତିରେ ଘରେ ଶୋଇଥିଲେ ହରିବନ୍ଧୁ, ପଦ୍ମିନୀ ଓ ତାଙ୍କର ଦୁଇପୁଅ। କିନ୍ତୁ ସକାଳୁ ଛୋଟପୁଅ ସହିତ ସ୍ତ୍ରୀ ନଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ପରେ ନପାଇବାରୁ ସେ ବିଶ୍ୱନାଥପୁର ଥାନାର ଦ୍ୱାରସ୍ତ ହୋଇଛନ୍ତି। କୁନିପୁଅ ଓ ତାଙ୍କ ସ୍ତ୍ରୀକୁ ଖୋଜି ଆଣିଦେବାକୁ ନେହୁରା ହୋଇଛନ୍ତି। ଏନେଇ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ ସହିତ ପଦ୍ମିନୀ ଓ ତାଙ୍କ କୁନିପୁଅକୁ ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ଦାବି ହେଉଛି।

## ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ବଲାଙ୍ଗିର, ୨୫।୮ (ସମିସ): ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ମା'ନାମରେ ଗଛଟିଏ ୨.୦ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବିଶ୍ୱ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଧିକାରୀ, ସହାୟକ ପ୍ରଫେସର ଦିପ୍ତିମୟୀ ନାଏକ ପରିଚାଳନା କରିଥିଲେ। ଏହି ଅବସରରେ କୁଳପତି ଦାୟିତ୍ୱରେ ଥିବା ଅଧକ୍ଷ ପ୍ରଫେସର ଡ. ରାଜ କିଶୋର ପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ, ଛାତ୍ର ମଙ୍ଗଳ ଉନ୍ନୟନ ଅଧିକାରୀ ତଥା ଉପକୂଳ ସଚିବ ବିଶ୍ୱଜିତ ବେହେରା, ବରିଷ୍ଠ କାର୍ଯ୍ୟାଳୟ ସହଯୋଗୀ ନରେଶ କୁମାର ବେହେରା ଏବଂ ହିନ୍ଦୀ ବିଭାଗର ଲେକ୍‌ଚର ଦେବଦାଶ ଖଟାଇ ମଧ ଉପସ୍ଥିତ ଥିଲେ।




## ବିହନ ବଣ୍ଟନରେ ଅନିୟମିତତା

ଗୋଲାମୁଣ୍ଡା, ୨୫।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରୀ ପଞ୍ଚାୟତରେ ଚଳିତ ଖରିଫ ଋତୁରେ ଆସିଥିବା ବିରି ଓ ହରଡ଼ ବିହନରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ବିହନ ବୁଣିବା ସମୟ ଅତିବାହିତ ହେବାକୁ ଥିବାବେଳେ ମାନଝରୀ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ବିହନ ନପାଇ ପାରିବା ଦୁର୍ଭାଗ୍ୟ ଜନକ କଥା ବୋଲି ଚାଷୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମାନଝରୀ ଭିଏଡବ୍ଲୁ ଅସେଶ୍ୱର ଦୁର୍ଗା ମନମୁତାବକ ଫିଲ୍ଡ ପରିଦର୍ଶନ ନକରି ଅଯୋଗ୍ୟ ହିତାଧୀକାରୀଙ୍କୁ ବିହନ ବଣ୍ଟନ କରିଥିବା ଅଭିଯୋଗ ହୋଇଛି।ଏନେଇ ମାନଝରୀ ଭିଏଡବ୍ଲୁ ଶ୍ରୀଦୁର୍ଗାଙ୍କୁ ଫୋନ୍ ଯୋଗେ ପଚାରିବାରୁ ୪ କେଜିଆ ୭୧ ଟି ବିରି ପ୍ୟାକେଟ ଓ ୩୫ ଟି ହରଡ଼ ପ୍ୟାକେଟ ଆସିଛି ଏବଂ ସେଥିମଧ୍ୟରୁ ୩୫ଟି ବିରି ପ୍ୟାକେଟ ବଣ୍ଟନ କରାଯାଇଛି ବୋଲି କହିଛନ୍ତି। ଭିଏଡ଼ବ୍ଲ୍ୟୁଙ୍କ ମନମାନିକ ଖାମଖିଆଲ ଏବଂ ବାଟମାରଣା ନୀତି ଯୋଗୁଁ ଯୋଗ୍ୟ ହିତାଧିକାରି ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଉତ୍ତମ ବ୍ୟକ୍ତିତ୍ୱ ପାଇଁ ଉପଯୁକ୍ତ ଶୈଶବ ଜରୁରୀ

ବଲାଙ୍ଗିର, ୨୫।୮ (ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗିର ତରଫରୁ ଆଜି ସ୍ଥାନୀୟ ଜେଆଇଟିଏମ୍ କଲେଜରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ନିମିତ୍ତ ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜେଆଇଟିଏମ୍ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କର୍ମଶାଳାରେ କଲେଜ ଅଧକ୍ଷ ତମାଳ ଚକ୍ରବର୍ତ୍ତୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ, ହରିବନ୍ଧୁ ରାଉତ, ଶିଶୁ ସହାୟତା କେନ୍ଦ୍ରର ବସନ୍ତ ହରପାଲ, ଶୁଭମ୍ ଜେନା, ଜିଲ୍ଲା ପରାମର୍ଶଦାତ୍ରୀ ଆଲିଶା ଶର୍ମା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସାମାଜିକ କର୍ମୀ ଅରୁଣ ଖୁଆସ କିଶୋର ନ୍ୟାୟ ଆଇନ ୨୦୧୫, ମିଶନ ବାତ୍ସଲ୍ୟ ଯୋଜନା ସହ ମାତୃଗର୍ଭରୁ ଆରମ୍ଭ କରି ଶିଶୁ ୧୮ ବର୍ଷ ପୂରଣ ପୂର୍ବଦିନ ପର୍ଯ୍ୟନ୍ତ ପାଉଥିବା ଆଇନ ଗତ ଅଧିକାର, ବିଭିନ୍ନ ଆଇନଗତ ପ୍ରାବଧାନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଆଲିଶା ଶର୍ମା ଛାତ୍ର ଛାତ୍ରୀମାନେ କିପରି ସାଇବର କ୍ରାଇମରୁ ନିଜକୁ ରକ୍ଷା କରିବେ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଶୁଭମ୍ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## କର୍ଲାମୁଣ୍ଡା ଫାଣ୍ଡିର ପୂର୍ବତନ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା, ୨୫।୮ (ସମିସ): ସ୍ଥାନୀୟ ଦେଓଗାଁ ଗ୍ରାମର, ମଦନପୁର ରାମପୁର ଥାନା ଅଧିନସ୍ଥ ମଣ୍ଟୁ ସାହୁ ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ ଓ ଗ୍ରାମରକ୍ଷୀ ଗୌରାଙ୍ଗ ବାଗ ଉଭୟଙ୍କ ନାମରେ ୫୦୦୦ ଟଙ୍କା ଲାଞ୍ଚ ମାମଲାକୁ ନେଇ କୋରାପୁଟ ଭିଜିଲାନ୍ସ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି କୋରାପୁଟ ଭିଜିଲାନ୍ସ କେସ ନମ୍ବର ୩୮/୨୦୨୫ ରୁଜୁ କରାଯାଇଥିଲା। ଅଭିଯୋଗ ଫର୍ଦ୍ଦ ଦାଖଲ ହେଲା ପରେ ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ପାଖରେ ୧୦ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଉକ୍ତ ସାକ୍ଷ୍ୟମାନଙ୍କର ବୟାନକୁ ଭିତ୍ତି କରି ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଭବାନୀପାଟଣା ଶ୍ରୀମାନ ବଦ୍ରି ନାରାୟଣ ନନ୍ଦ ଆଜି ଉକ୍ତ ଦୁଇଜଣ ଏଏସ୍‌ଆଇ ଓ ଗ୍ରାମରକ୍ଷୀଙ୍କୁ ଖଲାସ କରିଛନ୍ତି। ପ୍ରକାଶ ଥାଉକି, ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ସା ପରିଚାଳନା କରୁଥିଲେ।

# ୟୁରିଆ ସାର ପାଇଁ ରାସ୍ତାରୋକ

ଟିଟିଲାଗଡ଼, ୨୫।୮ (ସମିସ)



ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ ବର୍ତ୍ତମାନ ଖରିଫ ଋତୁରେ ୟୁରିଆ ସାର ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନ ଗୁଡିକରୁ ଉଭାନ ହୋଇଯାଇଛି। ଗ୍ରାମାଞ୍ଚଳରେ କଳାବଜାରରେ ୨୬୫ ଟଙ୍କାର ୟୁରିଆ ବସ୍ତା ୧୦୦୦ ଟଙ୍କାରେ ଚୋରାରେ ବିକ୍ରୟ ହେଉଛି। ତେବେ ଟିଟିଲାଗଡ଼ ହିନ୍ଦୁସ୍ତାନ ସିଡ଼ସ ସାର ଦୋକାନକୁ ସାର ଟ୍ରକ ଆସିଥିବା ଖବର ପାଇ ଆଜି ଭୋର ୩ଟାରୁ ପ୍ରାୟ ୩ ହଜାର ଚାଷୀଙ୍କ ଭିଡ଼ ଟ୍ରାଫିକ ଜାମ କରିଥିଲା। ଦୋକାନୀ ମାତ୍ର ୪୦୦ ବସ୍ତା ସାର ତାଙ୍କ ପାଖରେ ମହଜୁଦ ଥିବା କହିଥିଲେ। ତେବେ ସାର ବସ୍ତାଟିଏ ପାଇବା ପାଇଁ ଧାଁଦୌଡ ଠେଲାପେଲାରେ ଅନେକ ଲୋକ ତଳେପଡ଼ି ଆହତ ହୋଇଛନ୍ତି। ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଅନେକ ଚାଷୀ ସାର ପାଇନଥିବା ନେଇ ସନ୍ଧ୍ୟା ୬.୩୦ରୁ ହିନ୍ଦୁସ୍ତାନ ସିଡସ୍ ଦୋକାନ ସମ୍ମୁଖରେ କଂଗ୍ରେସ ନେତା ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଟିଟିଲାଗଡ଼ ସହରର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

# ପଦ୍ମଶ୍ରୀ ବିନୋଦ ପଶାୟତ ଓ ଗାନ୍ଧୀ ସ୍ମୃତି ପାଠାଗାର ସଦସ୍ୟ ରାଜେନ୍ଦ୍ର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ବରଗଡ଼,୨୫।୮ (ସମିସ): ସମ୍ବଲପୁରୀ ସାହିତ୍ୟ ସ୍ରଷ୍ଟା ପଦ୍ମଶ୍ରୀ ବିନୋଦ ପଶାୟତ ଓ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ପୂର୍ବତନ ସଦସ୍ୟ ତଥା ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ସ୍ମୃତିରେ ଆଜି ଗାନ୍ଧୀ ଭବନ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପାଠାଗାରର ଉପସଭାପତି ମନୋରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ସଦସ୍ୟମାନେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସମ୍ବଲପୁରୀ ସାରସ୍ୱତ ସାଧକ ବିନୋଦ ପଶାୟତଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା। ତାଙ୍କର ଅମର କୃତି ନାଟକ 'ଉଖି', 'ମୁଇଁ ନାଇ ମରେଁ', 'ଲିତା', 'ଚିହ୍ନା' ଏବଂ ସମ୍ବଲପୁରୀ ଗୀତ 'ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର ଜୀବନ .....', 'ଏ ନୁନି ସୁଲୋଚନା, ତୋର ଚେହେରା ଟା ସୁଲହ ଅନା....' ଆଦି ନାଟକ ଓ ଗୀତ ରଚନା କରି ସେ ନିଜକୁ ବେଶ ପରିଚିତ କରି ପାରିଥିଲେ। ତାଙ୍କର ଏପରି ଅନେକ ସମ୍ବଲପୁରୀ ସାହିତ୍ୟ କୃତୀ ପାଇଁ ତାଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ସେହିପରି ସ୍ୱର୍ଗତ ରାଜେନ୍ଦ୍ର ସାହୁଙ୍କ ସ୍ମୃତିଚାରଣ କରି କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପତିତପାବନ ପ୍ରଧାନ, ଜୟ ପ୍ରକାଶ ଶତପଥୀ, ଗୌରୀ ଶଙ୍କର ପଣ୍ଡା, ଅମିୟ ଭୂଷଣ ସାହୁ, ଡ.ରବି ନାରାୟଣ ସାହୁ, ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ଅନୁପ ଦର୍ଜି, କୋଷାଧ୍ୟକ୍ଷ ହୃଷୀକେଶ ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ବୃକ୍ଷରୋପଣ କରି ଜନ୍ମଦିନ ପାଳିଲେ ସପ୍ତମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ମହାପାତ୍ର

## ବିଶ୍ୱ ବନ୍ଧୁତା ଦିବସ ଅବସରରେ ରକ୍ତଦାନ ଶିବିର

ପଦ୍ମପୁର,୨୫।୮ (ସମିସ): ବିଶ୍ୱ ବନ୍ଧୁତା ଦିବସ ଅବସରରେ ବ୍ରହ୍ମ କୁମାରୀ ଓ ସମ୍ବାଦ ଆମ ଓଡ଼ିଶା ତରଫରୁ ରକ୍ତଦାନ ଶିବିର ମେହେର ପଡା ସ୍ଥିତ ବ୍ରହ୍ମ କୁମାରୀ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ.ରଜତ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରୋଜ ଦୋରା, ସାମ୍ବାଦିକ ପ୍ରଦୀପ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଭଉଣୀ ସୁଜାତା, ଭଉଣୀ ଶ୍ରୀୟାଙ୍କ ତତ୍ତ୍ୱାବଧାନରେ ଶିବିରରେ ୨୬ ଜଣ ରକ୍ତଦାନ କରିଥିଲେ। ଅତିଥି ଓ ରକ୍ତଦାତା ମାନଙ୍କୁ ବ୍ରହ୍ମ କୁମାରୀ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହାନ୍ତ, ଶ୍ୟାମସୁନ୍ଦର ସାହୁ, ମାନସ ବୁଡେକ, ଭାରତୀ ସାହୁ, ଜିତେନ୍ଦ୍ର ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ସୁନିଲ ସିହ୍ନା, ଇଶ୍ୱର ସାନବର୍ଷା, ବିମଳ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରସନ୍ନ ସାହୁ, ଭରତ ପଟେଲ, ସୁମିତ ସାହୁ, ଜୟନ୍ତୀ ମେହେର ପ୍ରମୁଖ ତୁଲାଇଥିଲେ। ଶେଷରେ ରତ୍ନମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଡ୍ରାଇଭର୍ ମୃତ

ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗୁଆଲାପଡା ଠାରେ ଏକ ଟାଟା ଏସ ଗାଡିରେ ଯାଉଥିବା ବେଳେ ବିଦ୍ୟୁତ୍ ଲାଗି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ସୁନ୍ଦରଗଡ଼ ଜିଲ୍ଲା ବଡଗାଁ ଆଲୁଡେଗାର ଜନ୍ ଖେସ(୩୫) ବୋଲି ଜଣାପଡିଛି। ଜନ୍ ଗାଡିରେ ଯାଉଥିବା ବେଳେ ରାସ୍ତାରେ ପଡିଥିବା ଏକ ଓଦା ବାଉଁଶକୁ ସାଇଡ କରୁଥିଲେ। ଏହି ସମୟରେ ବାଉଁଶଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଲାଗି ଜନ୍ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ମଣ୍ଡଲିଆ ସ୍ଥିତ କେନ୍ଦ୍ରୀୟ ହସ୍ପିଟାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରଜରାଜନଗର ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଜନ୍‌ଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନୂଆଁଖାଇ ଭେଟ୍ ଅବସରରେ ପ୍ରତିଯୋଗିତା

ଝାରବନ୍ଧ,୨୫।୮ (ସମିସ): ଝାରବନ୍ଧ ବ୍ଲକ୍‌ର ଜଗଦଳପୁର ଅଞ୍ଚଳ ନୂଆଁଖାଇ ଭେଟ୍‌ଘାଟ କମିଟି ତରଫରୁ ଆସନ୍ତା ୩୦ ତାରିଖ ହେବାକୁ ଥିବା ଚତୁର୍ଥ ବର୍ଷ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କମିଟିର ସଭାପତି କୃଷ୍ଣଚନ୍ଦ୍ର ପଟେଲ ଏହାର ଉଦ୍‌ଘାଟନ କରିଥିଲେ। ନୂଆଁଖାଇ ପର୍ବ ଉପରେ ଆଧାରିତ ପ୍ରବନ୍ଧ ଲିଖନ, ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ, ବକ୍ତୃତା ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଗଦଳପୁର ପଞ୍ଚାୟତ ତଥା ପଡୋଶୀ ପଞ୍ଚାୟତ ବିଦ୍ୟାଳୟରୁ ହାରାହାରି ୧୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ହରିଶ ଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ ଗୋଲକ ପ୍ରାସାଦ ପ୍ରଧାନ, ସାଧୁ ଚରଣ ବରିହା, ସୁବାଷ ପଟେଲ, ମନୋହର ସାହୁ, ସୁବାଷ ସାହୁ, ରାଜେଶ ବେହେରା, କୃଷ୍ଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲରେ ବନ୍ଧୁକ ଓ ଟାଙ୍ଗିଆ ଧରି ବୁଲୁଥିବା ୨ ଶିକାରୀଙ୍କୁ କୋର୍ଟଚାଲାଣ

ଝାରସୁଗୁଡ଼ା,୨୫।୮ (ସମିସ):

ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଧୀନ ଆମଦରହ ଜଙ୍ଗଲରେ ଶିକାରୀ ବନ୍ଧୁକ ଟାଙ୍ଗିଆ ଧରି ବୁଲୁଥିବା ବେଳେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଶନିବାର ରାତିରେ ୨ ଜଣ ବ୍ୟକ୍ତି ଶିକାର ଉଦ୍ଦେଶ୍ୟରେ ଆମଦରହ ଜଙ୍ଗଲ ରାସ୍ତାରେ ଶିକାରୀ ବନ୍ଧୁକ, ଧାରୁଆ ଟାଙ୍ଗିଆ ଧରିଥିବା ବେଳେ ବନ ବିଭାଗ କର୍ମଚାରୀ ପେଟ୍ରୋଲିଂ ସମୟରେ ଦେଖିବାକୁ ପାଇଥିଲେ। ବନ







ବିଭାଗ କର୍ମଚାରୀଙ୍କୁ ଦେଖି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଉଭୟଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ଠାରୁ ଶିକାରୀ ବନ୍ଧୁକ, ବାରୁଦ ଓ ଏକ ଟାଙ୍ଗିଆ ଜବତ ହୋଇଥିଲା। ସକାଳେ ଗାନ୍ଧୀ ଛକ ଫାଣ୍ଡି ପୁଲିସକୁ ବନ ବିଭାଗ ପକ୍ଷରୁ ଅଭିଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଦ୍ୱୟ ବ୍ରଜରାଜନଗର ଥାନା ଆମଦରହ ଗାଁର ଶ୍ରୀମିତ ଖଡିଆ(୩୬) ଓ ମହନ ଖଡିଆ (୫୬) ବୋଲି ଜଣାପଡ଼ିଛି। ତେବେ ଅଭିଯୋଗକୁ ଭିତ୍ତିକରି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଉଭୟଙ୍କୁ ରବିବାର ଗିରଫ କରାଯାଇଥିଲା। ଆର୍ମସ ଆକ୍ଟରେ ମାମଲା ରୁଜୁ କରିବା ସହିତ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।

## ଲାଞ୍ଚ ନେଇ ଧରା ପଡ଼ିଲେ ବିଜେପୁର ଥାନା ଏସ୍‌ଆଇ ଜଗା ବରିହା

ବିଜେପୁର,୨୫।୮ (ସମିସ): ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୁଲିସ ଏସ୍‌ଆଇ ଜଗା ବରିହା ସୋମବାର ଭିଜିଲାନ୍ସ ଜାଲରେ ଧରା ପଡିଛନ୍ତି। ସେ ଜଣେ ବ୍ୟବସାୟୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ତାଙ୍କ ପାଖରୁ ଲାଞ୍ଚରେ ବ୍ୟବହୃତ ୭ ହଜାର



ଟଙ୍କା ଜବତ ହୋଇଛି। ସୋମବାର ଦିନବ୍ୟାପୀ ଭିଜିଲାନ୍ସ ବରିହାଙ୍କ ବିଭିନ୍ନ ବାସଭବନରେ ଚଢ଼ଉ ଜାରି ରଖିଥିଲା। ଏ ନେଇ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଅଭିଯୁକ୍ତ ବରିହା ଉକ୍ତ ବ୍ୟବସାୟୀଙ୍କ ବ୍ୟବସାୟକୁ ଆଳ କରି ପ୍ରଥମେ ୧୦ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ସେ ୧୦ ହଜାର ଦେବାକୁ ଅସମର୍ଥ ବୋଲି କହିବାରୁ ୭ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭୟ ଦେଖାଇଥିଲେ। ଫଳରେ ଅନୋନ୍ୟପାୟ ହୋଇ ବ୍ୟବସାୟୀ ଜଣକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ।

## ବେଲପାହାଡ଼ରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ




ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ସ୍ଥିତ ଆରୋଗ୍ୟମ୍ କେୟାରିଂ ଲାଇଫ୍ ତତ୍ତ୍ୱାବଧାନରେ ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ବବନ ସିଂହଙ୍କ ନେତୃତ୍ୱରେ ପ୍ରାଥମିକ ଚିକିତ୍ସାକୁ ନେଇ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତାଲିମ ଶିବିର ଜୁଲାଇ ୨୭ ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ବେଲପାହାଡ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ମୋଟ ୫୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ତାମିଲପ୍ରାପ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ସମାଜରେ ଘଟୁଥିବା ଆକସ୍ମିକ ଦୁର୍ଘଟଣାକୁ ରୋକିବା, ସେଥିରେ ଆହତ ମାନଙ୍କର ମୂଲ୍ୟବାନ ଜୀବନ ରକ୍ଷା କରିବା ଏବଂ ସାମାଜିକ କାର୍ଯ୍ୟକ୍ରମରେ ସେବା ପ୍ରଦାନ କରିବା ପାଇଁ କୌଶଳ ଶିକ୍ଷା ଦିଆଯାଇଥିଲା। ଦୁର୍ଘଟଣା ପରିଚାଳନା, ମୂର୍ଚ୍ଛା ହୋଇଯିବା, ଶ୍ୱାସରୁଦ୍ଧ ହେବା, ସିପିଆର ସେବା, ପାଣିରେ ବୁଡିଯିବା, ସାପ କାମୁଡା, ପୋଡିଯିବା, ଦୁର୍ଘଟଣାରେ ହାଡ ଭାଙ୍ଗିଯିବା ଆଦିରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇ କିଭଳି ଜୀବନ ରକ୍ଷା କରାଯାଇପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ବବନ ସିଂହ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ଖଣି କ୍ଷେତ୍ରର ଜିଏମ୍ ଅବଧ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅମିର ସାହୁ, ସିନେମା ନିର୍ମାତା ତଥା ସାମ୍ବାଦିକ ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବବନ ସିଂ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାନନ ପାଣିଗ୍ରାହୀ, ମାଳତୀ ଭଇଁଶାଳ, ବୀଣାପାଣି ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ରକ୍ତଦାନ ଶିବିର

ବନ୍ଧବାହାଲ/ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ବ୍ରହ୍ମ ଈଶ୍ୱରୀୟ



ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଅଭିଭାବକ, ଏମ୍‌ସିଏଲ୍ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି। ବିଦ୍ୟାଳୟ ତରଫରୁ ଇଂରାଜୀ ବିଭାଗର ଶିକ୍ଷକ ସୁବ୍ରତ ମିଶ୍ର ପରିଚାଳନା କରିଥିବା ବେଳେ ଏନ୍‌ସିସି ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳା ରକ୍ଷା ତଥା ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ।

## ଲଖନପୁର ଡୁଙ୍ଗରି ରାସ୍ତାରେ ସୁଇଚ୍ ସେତୁର ଭିତ୍ତିପ୍ରସ୍ତର

ଭଟଲ,୨୫।୮ (ସମିସ): ବହୁ ପ୍ରତିକ୍ଷିତ ସମରଧରା ଲଖନପୁର ଡୁଙ୍ଗରି ରାସ୍ତାରେ ୯୨୮ ମିଟର ସମରଧରା ନାଳା ଉପରେ ୬୧୧.୩୪ ଲକ୍ଷ ବ୍ୟୟ ଅଟକଳ ମୂଲ୍ୟର ସୁଇଚ ସେତୁର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଦ୍ୱାରା ହୋଇଛି। କାର୍ଯ୍ୟକ୍ରମରେ ଗୁନାରୁ ପଧାନ, ତାରାଚନ୍ଦ ପଟେଲ, ଫିରୋଜ ସାହୁ, ଅକ୍ଷୟ ନାୟକ, ଅଚ୍ୟୁତ ବୁଢ଼ିଆ, ଗୋଲଡି ପଧାନ, ମନୋଜ ସେଠ, କାର୍ତ୍ତିକ ଦେହେରି ସହ ଅନ୍ୟାନ ପ୍ରମୁଖ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ। ଶେଷରେ ସଂକ୍ରାଜିତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫।୮ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକ୍ ଅଧୀନ ଲୋଇସିଂ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଗଣା ଆଇନ୍ ପରାମର୍ଶ, ଓକିଲ ଯୋଗାଇଦେବା, ମଧ୍ୟସ୍ଥତା, ଲୋକ ଅଦାଲତରେ ମାମଲାର ସମାଧାନ ଇତ୍ୟାଦି ବିଷୟ ଗୁଡିକ ଉପରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିଡିପିଓ କର୍ପୂର ପଟେଲ, ଆଇଏସ ଝାରସୁଗୁଡ଼ା ବରୁଣୀ ଶା, ଡିସିପିୟୁ ଅଫିସରୁ କେସ ୱାର୍କର ନିଶାମଣି ପୌଲ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ସ୍ଥାନୀୟ ସରପଞ୍ଚ ସନାତନ ରୋହିଦାସ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ ସହାୟକ ସସ୍ମିତା ଭୋଇ ଓ ଆଦିତ୍ୟ ବାଦି ଯୋଗ ଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଇଥିଲେ।

## ଇବ୍ ନଦୀରେ ଭାସି ରେଲୱେ କର୍ମଚାରୀ ନିଖୋଜ

ଝାରସୁଗୁଡ଼ା,୨୫।୮ (ସମିସ): ସାଙ୍ଗ ମାନଙ୍କ ସହ ସହ ବନ୍ୟା ପାଣି ଦେଖିବାକୁ ଯିବା କାଳ ହେଲା। ନଦୀର ପ୍ରଖର ସ୍ରୋତରେ ଭାସିଗଲେ ଜଣେ ରେଳବାଇ କର୍ମଚାରୀ। ଇବ୍ ନଦୀର ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓପିଏମ



ଘାଟରେ ଏପରି ଅଘଟଣ ଘଟିଛି। ଭାସି ଯାଇଥିବା ରେଳବାଇ କର୍ମଚାରୀ ଜଣକ ବିହାରର ମୋଙ୍ଗେରେ ଜିଲ୍ଲାର ମନୀଷ ବୋଲି ଜଣାପଡିଛି। ସେ ବ୍ରଜରାଜନଗରରେ ରେଳବାଇରେ ଜଣେ ଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ମନୀଷ ନିଜ ୨ ଜଣ ସାଙ୍ଗଙ୍କ ସହ ନଦୀ କୂଳକୁ ବନ୍ୟା ଜଳ ଦେଖିବା ପାଇଁ ଯାଇଥିଲେ। ତେବେ ଅସବଧାନତା କାରଣରୁ ମନୀଷ ଏବଂ ତାଙ୍କ ଆଉ ଜଣେ ସାଙ୍ଗ ନଦୀ ଭିତରକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ମନୀଷଙ୍କ ସାଙ୍ଗକୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ହେଁ ନଦୀ ସ୍ରୋତରେ ମନୀଷଙ୍କୁ ରକ୍ଷା କରିବା ସମ୍ଭବ ହୋଇ ନଥିଲା। ବ୍ରଜରାଜନଗର ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି।

# ସୋହେଲା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋହେଲା,୨୫।୮ (ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ପାଇଁ ଗୌରୀ କଲ୍ୟାଣ ମଣ୍ଡପରେ ପୂଜା କମିଟିର ସାଧାରଣ ପରିଷଦ ବୈଠକ ସହିତ ନୂତନ ପୂଜା କମିଟି ଗଠନ ହୋଇଯାଇଛି। ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟିର ଦିବଙ୍ଗତ ସଦସ୍ୟ ମହମ୍ମଦ ରଫିକ, ଟଙ୍କଧର ଝାଙ୍କର, କେଶବ ଅଗ୍ରୱାଲ, ବିଜୟ କାଣ୍ଡ, ଦୀପକଲାଲ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସହସମ୍ପାଦକ ମୁକେଶ ଅଗ୍ରୱାଲ ଗତବର୍ଷ କମିଟିର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ଶାରଦୀୟ ନବରାତ୍ର ଦୁର୍ଗାପୂଜାକୁ ଆଡମ୍ବର ଓ ଶାନ୍ତି ଶୃଙ୍ଖଳା ସହିତ ଆୟୋଜନ ପାଇଁ ବ୍ୟାପକ ଆଲୋଚନା କରାଯାଇ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା। ନୂତନ କମିଟିରେ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, ବଲବୀର ସିଂ ଠାକୁର ଏବଂ ଗିରଜେଶ ଖାଡେଙ୍ଗା ଉପସଭାପତି, ପ୍ରମୋଦ ଚନ୍ଦ୍ର ଦେବତା ସାଧାରଣ ସମ୍ପାଦକ, ଲଳିତ ଅଗ୍ରୱାଲ କୋଷାଧ୍ୟକ୍ଷ, ଚନ୍ଦ୍ରମଣୀ ଭଞ୍ଜ, ମୁକେଶ ଅଗ୍ରୱାଲ, ସଂଜୀବ ଝାଙ୍କର ସହସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ୫୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସମଗ୍ର ପଶ୍ଚିମ ଓଡ଼ିଶାରେ ଖ୍ୟାତିଲାଭ କରିଥିବା ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜାକୁ ଆକାର୍ଷଣୀୟ ଏବଂ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ବ୍ୟାପକ ଆଲୋଚନା କରାଯିବା ସହିତ ମନୋରଞ୍ଜନ, ସାଂସ୍କୃତିକ, ରାମଲୀଳା, ରାବଣ ପୋଡି, ପାର୍ବଣ, କ୍ରୀଡା ପ୍ରତିଯୋଗିତା, ଭସାଣି, ଅତିଥି ସ୍ୱାଗତ, ପୂଜା କାର୍ଯ୍ୟ, ପ୍ରଚାର ପ୍ରସାର ପାଇଁ କମିଟି ଗଠନ କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଶେଷରେ ଉପ ସଭାପତି ଗିରଜେଶ ଖାଡେଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ମନ ମାଝୀ, ଦିଲୀପ ଖମାରୀ, ବାବୁଲୁ ଦେବତା, ଅନିଲ ପଧାନ, ସୁଶାନ୍ତ ମିଶ୍ର, ରମାକାନ୍ତ ସାହୁ, ରାମ ନିବାସ ଅଗ୍ରୱାଲ, ଗୋପାଳ ନାୟକ, ଦୈତାରୀ ଭୋଇ, ପ୍ରମୋଦ ସାହୁ, ମୋହନ ବେହେରା, ବୁଲୁ ପରୁଆଙ୍କ ସମେତ ପୂଜା କମିଟି, ଗୋରୀ ଦେବୀ ଟ୍ରଷ୍ଟ, ବିଭିନ୍ନ ସଂଗଠନ ତଥା ବହୁ ଗାଁବାସୀ ଉପସ୍ଥିତ ଥିଲେ।

## ଫୁଟବଲ୍ ଖେଳାଳି ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଶୋକ, ୪ ଲକ୍ଷ ସହାୟତା ଘୋଷଣା

ଦେବଗଡ଼,୨୫।୮ (ସମିସ):

ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତାରେ ଫୁଟବଲ ଖେଳୁଥିବା ବେଳେ ରବିବାର ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ଆଜି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।




### ଫୁଟବଲ ଖେଳାଳିଙ୍କ ବିୟୋଗରେ ଶୋକସଭା

ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ବିୟୋଗରେ ସୋମବାର ଗୁରୁସାହି ଛକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ର, ସମ୍ପାଦକ ଧିରେନ୍ଦ୍ର ନାୟକ, କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ, ଯତିନ ନାଏକ, ପୂର୍ବ କାଉନସିଲର ପାର୍ବତୀ ମହାପାତ୍ର, ଶଙ୍କର୍ଷଣ ମହାପାତ୍ର, ଚନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମୃତ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ପ୍ରତିଯୋଗିତାକୁ ସ୍ଥଗିତ ଘୋଷଣା କଲେ ଆୟୋଜକ

ଦେବଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତେବେ ଖେଳ ଖେଳୁଥିବା ବେଳେ ଖେଳାଳିଙ୍କ ମୃତ୍ୟୁ ପରେ ପ୍ରତିଯୋଗିତାକୁ ଆୟୋଜକଙ୍କ ପକ୍ଷରୁ ବାତିଲ କରାଯାଇଥିବା ପୌର ଅଧ୍ୟକ୍ଷ ପ୍ରଜିତ ଭୋଜ ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି



ଦେବଗଡ଼,୨୫।୮ (ସମିସ): ଦେବଗଡ ଜିଲ୍ଲା ତିଲେଇବଣି ବ୍ଲକ୍ ଟାଇଁସର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୨୭ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ମରାମତି, ବିଦ୍ୟାଳୟର ରୋଷେଇ ଘର ମରାମତି, ବିଦ୍ୟୁତ୍ ସମସ୍ୟା, ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଏଜଲିନ୍ ବାରା ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୫୮ ● ପାଉଣ୍ଡ ୧୧୮.୦୫
- ୟୁରୋ ୧୦୨.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୩,୦୫୦ (ଭୁବନେଶ୍ୱର)
- ରୁପା : ୧,୨୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୬୩୫.୦୦
- ନିଫ୍ଟି ୨୪,୯୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅଧିକ ଟିକସ, ସୁବିଧା କମ୍

### ହେନ୍‌ଲେ ଏଣ୍ଡ ପାର୍ଟନର୍ସ ରିପୋର୍ଟରେ ଖୁଲାସା

# ଦେଶ ଛାଡୁଛନ୍ତି ଅରବପତି

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)

ଦେଶ ଛାଡୁଛନ୍ତି ଅତି ଧନୀ ବା ଅରବପତି। ଏହି ଅରବପତିମାନେ ଭାରତ ଛାଡି ଅନ୍ୟ ଦେଶରେ ବସବାସ କରୁଛନ୍ତି। ଏଥିପାଇଁ ବର୍ଷ ୨୦୨୪ରେ ହିଁ ୨.୦୬ ଲକ୍ଷରୁ ଅଧିକ ଭାରତୀୟ ଅରବପତି ସେମାନଙ୍କର ନାଗରିକତା ତ୍ୟାଗ କରିଛନ୍ତି। ଏପରି ଦେଶ ଛାଡି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ହେନ୍‌ଲେ ଆଣ୍ଡ ପାର୍ଟନର୍ସର ଏକ ରିପୋର୍ଟ ଅନୁଯାୟୀ ୨୦୨୫ ମସିହାରେ ପ୍ରାୟ ୩୫୦୦ ଅତିଧନୀ ଦେଶ ଛାଡିପାରନ୍ତି। ସେମାନଙ୍କର ମୋଟ ସମ୍ପତ୍ତି ୨୬.୨ ବିଲିୟନ ଡଲାର। ଗତ ବର୍ଷ ମଧ୍ୟ ୪୩୦୦ କୋଟିପତି ଦେଶ ଛାଡିଛନ୍ତି। ୨୦୧୧ ମସିହାଠାରୁ ୧୭.୫ ଲକ୍ଷ ଭାରତୀୟ ସେମାନଙ୍କର ପାସପୋର୍ଟ ପରିତ୍ୟାଗ କରିଛନ୍ତି।

ତେବେ ରିପୋର୍ଟ ଅନୁଯାୟୀ, ଦେଶରେ ଅତ୍ୟଧିକ ଟିକସ ଏବଂ ସୁବିଧା କମ୍ ରହିଥିବାରୁ ଅରବପତିମାନେ ଦେଶ ଛାଡି ଚାଲିଯାଉଛନ୍ତି।



ବିଭିନ୍ନ ରିପୋର୍ଟ ଦର୍ଶାଉଛି ଯେ ୨୦୧୮ରୁ ୨୦୨୩ ମଧ୍ୟରେ ୩.୨ ଲକ୍ଷରୁ ଅଧିକ ଭାରତୀୟ ଆମେରିକାରେ, ୧.୬ ଲକ୍ଷ କାନାଡାରେ ଏବଂ ୧.୩ ଲକ୍ଷ ଅଷ୍ଟ୍ରେଲିଆରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁବାଇ, ସିଙ୍ଗାପୁର, ପର୍ତ୍ତୁଗାଲ ଏବଂ ମାଲ୍‌ଟା ଭଳି ଦେଶ ମଧ୍ୟ ଧନୀ ଭାରତୀୟଙ୍କୁ ଆକର୍ଷିତ କରୁଛନ୍ତି। ଏହି ଦେଶଗୁଡ଼ିକ ନିବେଶ ଉପରେ ବାସସ୍ଥାନ କିମ୍ବା ନାଗରିକତା ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ ଚଳାଇଛନ୍ତି। ହେନ୍‌ଲେ ଆଣ୍ଡ ପାର୍ଟନର୍ସ ରିପୋର୍ଟରେ କୁହାଯାଇଛି ଯେ, ଏହି ଅତି ଧନୀ ଲୋକମାନେ ଉନ୍ନତ ଜୀବନ, ଭଲ ସ୍ୱାସ୍ଥ୍ୟ ସେବା, କାମ ଏବଂ ବ୍ୟବସାୟ ସୁଯୋଗ, କମ୍ ଟିକସ ଏବଂ ସୁରକ୍ଷା ଭଳି କାରଣ ପାଇଁ ଅନ୍ୟ ଦେଶକୁ ଯାଉଛନ୍ତି। ଆମେରିକା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆରେ ବିଶ୍ୱର ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ ରହିଛି। ଏହି ଦେଶଗୁଡ଼ିକର ନାଗରିକତା ଥିଲେ ସେଠାରେ ପିଲାମାନଙ୍କ ପାଠ ପଢ଼ିବା ଏବଂ କାମ କରିବା ସହଜ ହେଉଛି। ଅନ୍ୟପକ୍ଷରେ ଭାରତରେ ଟିକସ ନିୟମ ବହୁତ ଜଟିଳ ଏବଂ ଅନେକ ପ୍ରକାରର ସମସ୍ୟା ରହିଛି। ସେଥିପାଇଁ କମ୍ ଟିକସ ଏବଂ ଅଧିକ ସୁବିଧା ଥିବା ଦୁବାଇ ଏବଂ ସିଙ୍ଗାପୁର ଭଳି ଦେଶ ଏବେ ଅରବପତିମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଭାରତୀୟ ପାସପୋର୍ଟ

- ୨୦୨୪ରେ ନାଗରିକତା ଛାଡିଛନ୍ତି ୨ ଲକ୍ଷରୁ ଅଧିକ ଭାରତୀୟ
- ୪୩୦୦ କୋଟିପତି ଦେଶ ଛାଡିଦେଲେ
- ୨୦୧୧ରୁ ୧୭.୫ ଲକ୍ଷ ଭାରତୀୟ ପାସପୋର୍ଟ ପରିତ୍ୟାଗ କରିଛନ୍ତି

ଅନେକ ଧନୀ ଭାରତୀୟଙ୍କ ପାଇଁ ଏକ ବନ୍ଧ ପରି। ହେନଲି ପାସପୋର୍ଟ ସୂଚକାଙ୍କରେ ଭାରତୀୟ ପାସପୋର୍ଟ ୭୬ ନମ୍ବରରେ ଅଛି। ଏହାସହିତ ଜଣେ କେବଳ ୫୮ଟି ଦେଶକୁ ଭିସା ବିନା ଯାତ୍ରା କରିପାରିବେ। ଅନ୍ୟପକ୍ଷରେ, ଆମେରିକୀୟ ପାସପୋର୍ଟ ସହିତ, ଜଣେ ବ୍ୟକ୍ତି ୧୯୩ଟି ଦେଶକୁ, କାନାଡାର ପାସପୋର୍ଟ ସହିତ ୧୮୬ଟି ଦେଶକୁ ଏବଂ ସିଙ୍ଗାପୁର ପାସପୋର୍ଟ ସହିତ ୧୯୨ଟି ଦେଶକୁ ବିନା ଭିସାରେ ଯାତ୍ରା କରିପାରିବେ।

ୱିଜଡମ୍ ହାଚ୍‌ର ପ୍ରତିଷ୍ଠାତା ଅକ୍ଷତ ଶ୍ରୀବାସ୍ତବ କୁହନ୍ତି ୟୁଏଇ ଭଳି ଦେଶରେ ବ୍ୟକ୍ତିଗତ ଆୟକର ଶୂନ୍। ସେଠାରେ କର୍ପୋରେଟ୍ ଆୟକର ୯%। ଭାରତରେ ଏହା ବିପରୀତ। ଏଠାରେ ବ୍ୟକ୍ତିଗତ ଆୟକର କର୍ପୋରେଟ୍ ଆୟକର ଅପେକ୍ଷା ଅଧିକ। ସେଥିପାଇଁ ଲୋକମାନେ ବିଦେଶରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। ତଥ୍ୟ ଦର୍ଶାଉଛି ଯେ କୋଟିପତିଙ୍କ ଦେଶ ଛାଡିଚାଲିଯିବା ଦୃଷ୍ଟିରୁ ଭାରତ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ସେ ଭାରତୀୟ ବ୍ୟବସ୍ଥାରେ ଦୁର୍ନୀତିକୁ ଏକ ବଡ଼ ସମସ୍ୟା ଭାବରେ ମଧ୍ୟ ବର୍ଣ୍ଣନା କରିଛନ୍ତି, ଯେଉଁଥିଯୋଗୁଁ ଲୋକମାନେ ଧନୀ ହୋଇପାରୁନାହାଁନ୍ତି।

### ରେଖା ଝୁନ୍ ଝୁନ୍‌ୱାଲାଙ୍କ ଉପରେ ଇନ୍‌ସାଇଡର ଟ୍ରେଡିଂ ଅଭିଯୋଗ

## ଗେମିଂ ବିଲ୍ ଆସିବା ପୂର୍ବରୁ ନଜାରାରୁ ସବୁ ଅଂଶଧନ ବିକି ଦେଇଥିଲେ

ମୁମ୍ବଇ,୨୫।୮ (ଏଜେନ୍ସି): ପ୍ରଖ୍ୟାତ ନିବେଶକ ରାକେଶ ଝୁନଝୁନୱାଲାଙ୍କ ପତ୍ନୀ ରେଖା ଝୁନଝୁନୱାଲାଙ୍କ ବିରୋଧରେ ଆସିଛି ଇନସାଇଡର ଟ୍ରେଡିଂ ଅଭିଯୋଗ। ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏହି ଅଭିଯୋଗ ଆଣିଛନ୍ତି। ଅନଲାଇନ୍ ଗେମିଂ ବିଲ୍ ଅନୁମୋଦନ ହେବାର ୨ ମାସ ପୂର୍ବରୁ ରେଖା ଗେମିଂ କମ୍ପାନୀ ନଜରାରେ ତାଙ୍କର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଥିବାରୁ ଏହି ଅଭିଯୋଗ କରାଯାଉଛି। ଅନେକ ଲୋକ ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଉଛନ୍ତି ଯେ ରେଖା ଝୁନଝୁନୱାଲା ପୂର୍ବରୁ ସୂଚନା ପାଇଥିଲେ କି ଗେମିଂ ବିଲ୍ ମଞ୍ଜୁରୀ ଲାଭ




### ମହୁଆ ମୋଇତ୍ର ଉଠାଇଲେ ପ୍ରସଙ୍ଗ

କରିବାକୁ ଯାଉଛି। ୨୦୧୭ରେ ରେଖା ନଜରାରେ ୧୮୦ କୋଟି ଟଙ୍କା ନିବେଶ କରିଥିଲେ। ସେ କମ୍ପାନୀର ଆଇପିଓ ଆସିବା ପୂର୍ବରୁ ୨୦୧୭ରେ ନଜରାରେ ଏହି ନିବେଶ କରିଥିଲେ। ଏହାର ଆଇପିଓ ୨୦୧୨ରେ ଆସିଥିଲା। ୨୦୨୫ ମାର୍ଚ୍ଚ ସୁଦ୍ଧା ରେଖା ଝୁନଝୁନୱାଲାଙ୍କ ପାଖରେ ନଜରାର ୬୧.୮ ଲକ୍ଷ ଅଂଶଧନ ଥିଲା। ଅର୍ଥାତ୍ ତାଙ୍କର ମୋଟ ଅଂଶଧନ ୭.୦୬% ରହିଥିଲା। ଜୁନ୍ ୧୩ସୁଦ୍ଧା ସେ ତାଙ୍କର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଥିଲେ। ସେ ପ୍ରାୟ ୧୨୨୫ ଟଙ୍କା ହାରାହାରି ମୂଲ୍ୟରେ ତାଙ୍କର ଅଂଶଧନ ବିକ୍ରି କରିଛନ୍ତି। ଅର୍ଥାତ୍ ରେଖା ପ୍ରାୟ ୭୦୦ କୋଟି ଟଙ୍କାରେ ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଛନ୍ତି।

ସୂଚନାଯୋଗ୍ୟ ଯେ, ନଜାରା ଟେକ୍ନୋଲୋଜିସ୍ ହେଉଛି ଏକ ଅନଲାଇନ୍ ଗେମିଂ ଏବଂ ଇ-ସ୍ପୋର୍ଟ୍ସ କମ୍ପାନୀ। ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏହାକୁ ଇନସାଇଡର୍ ଟ୍ରେଡିଂର ଏକ ମାମଲା ବୋଲି କହିଥିଲେ। ଯଦି ଏହା ଆମେରିକାରେ ହୋଇଥାନ୍ତା, ତେବେ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ ଏହାର ତଦନ୍ତ କରିଥାନ୍ତେ।

## ରାୟଗଡ଼ାରେ ବେଦାନ୍ତ ଆଲୁମିନିୟମର ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର, ୨୫।୮ (ସମିସ)

ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ




ସହିତ ମିଶି ରାୟଗଡ଼ାର କାଶୀପୁର ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଶିବିରରେ ମୋତିଆବିନ୍ଦୁ ଏବଂ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଉପରେ ଧ୍ୟାନ ଦିଆଯାଇଥିଲା। ଯାହାଦ୍ୱାରା ସମୟୋଚିତ ଚିକିତ୍ସା ସମ୍ଭବ ହୋଇପାରିବ ଏବଂ ଗ୍ରାମାଞ୍ଚଳରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରାଯାଇପାରିବ। କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ, କାଶୀପୁରର ସିଏଚସି ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଏହାକୁ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ। ଚକ୍ଷୁ ଶିବିର ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଅତ୍ୟାବଶ୍ୟକ ଚିକିତ୍ସା ସେବାକୁ ସେହି ସମ୍ପ୍ରଦାୟଗୁଡ଼ିକ ନିକଟକୁ ଆଣିବାକୁ ଚେଷ୍ଟା କରୁଛୁ ଯେଉଁମାନଙ୍କୁ ସେମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି।

### ବୈଶ୍ୱିକ ଉତ୍ତେଜନାରେ ବଢ଼ିଲା ଦର

### ଚଳିତବର୍ଷ ୩୦,୧୧୬ ଟଙ୍କା ମହଙ୍ଗା

## ଲକ୍ଷେ ୨୨ ହଜାର ଟପିଲା ରୁପା

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)

ଘରୋଇ ବଜାରରେ ସୁନା ତୁଳନାରେ ରୁପା ଦର ହୁ ହୁ ହୋଇ ବଢ଼ିଚାଲିଛି। ସୋମବାର ରୁପା ମୂଲ୍ୟ ଏହାର ସବୁ ରେକର୍ଡ ଭାଙ୍ଗିଛି।

### ୨୦୨୫ ଶେଷ ସୁଦ୍ଧା ରୁପା ଦେଢ଼ ଲକ୍ଷ ଛୁଇଁବ

ଆଜି ବଜାରରେ କିଲୋଗ୍ରାମ ପିଛା ରୁପାର ମୂଲ୍ୟ ୨,୨୨୭ ଟଙ୍କା ମହଙ୍ଗା ହୋଇ ସର୍ବକାଳୀନ ରେକର୍ଡ ୧ ଲକ୍ଷ ୨୨ ହଜାର ଟଙ୍କା ଅତିକ୍ରମ କରିଛି। ଚଳିତବର୍ଷ ରୁପା ୩୦,୧୧୬ ଟଙ୍କା ମହଙ୍ଗା ହୋଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୧,୧୩୦ ଟଙ୍କା ବୃଦ୍ଧି ପାଇ ୧,୦୦,୪୮୮ ଟଙ୍କାରେ ପହଞ୍ଚିଛି। ତେବେ ଚଳିତବର୍ଷ ଶେଷ ସୁଦ୍ଧା ୨୦୨୫ ଶେଷ ସୁଦ୍ଧା ରୁପା ମୂଲ୍ୟ କିଲୋ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବ।

ଆଗାମୀ ଦିନରେ ରୁପା ମୂଲ୍ୟରେ ୩୪% ବୃଦ୍ଧି ଦେଖାଦେଇପାରେ, ଯାହା ଏହାର ମୂଲ୍ୟକୁ ପ୍ରତି କିଲୋ ୧,୪୬,୦୦୦ ଟଙ୍କାରେ ପହଞ୍ଚାଇପାରେ। ବଜାର ବିଶେଷଜ୍ଞ କେଡିଆ କମୋଡିଟିଙ୍କ ଅନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଏକ କିଲୋ ରୂପାର ମୂଲ୍ୟ ୧.୩୦ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିପାରେ। ଅପରପକ୍ଷେ ସିଟିଗ୍ରୁପର ରିପୋର୍ଟରେ ଦର୍ଶାଯାଇଛି ଯେ, ରୁପା ମୂଲ୍ୟ କିଲୋପିଛା ୧,୨୦,୦୦୦ରୁ ୧,୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି। ଯାହା ଫଳରେ ଏହି ଅଳଦିଆ ଧାତୁର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ଚଳିତ ବର୍ଷ ସୁନା ପ୍ରତି



୧୦ ଗ୍ରାମ ପିଛା ୧ ଲକ୍ଷ ୪ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ୨୦୨୫ରେ ବର୍ଷ ରୁପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଆଜି ନୂଆଦିଲ୍ଲୀ ବଜାରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧,୦୧,୭୬୦ ଟଙ୍କା ଏବଂ ୨୨ କ୍ୟାରେଟ୍‌ର ମୂଲ୍ୟ ୯୩,୧୪୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୧,୧୯,୦୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧,୦୧,୫୧୦ ଟଙ୍କା ଏବଂ ୨୨ କ୍ୟାରେଟ୍‌ର ମୂଲ୍ୟ ୯୩,୦୫୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୧,୨୨,୦୦୦ ଟଙ୍କାରେ ପହଞ୍ଚିଛି।

## ନୂଆ ଜିଏସ୍‌ଟି ହାର ସେପ୍ଟେମ୍ବର ୨୨ରୁ ଲାଗୁ ହୋଇପାରେ

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): କେନ୍ଦ୍ର ସରକାର ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି)ର ନୂତନ ହାର ଲାଗୁ କରିପାରନ୍ତି। ନବରାତ୍ରି ଏବଂ ପାର୍ବଣ ସମୟରେ ଅନେକ କ୍ଷେତ୍ରରେ ଚାହିଦା ଏବଂ ବିକ୍ରୟକୁ ପ୍ରୋତ୍ସାହିତ କରିବା ସରକାରଙ୍କ ଲକ୍ଷ୍ୟ। ସେହି ସମୟରେ

### ଜିଏସ୍‌ଟି ପରିଷଦ ବୈଠକରେ ହେବ ନିଷ୍ପତ୍ତି

### ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଶସ୍ତା ହେବ




ସରକାର ଜିଏସ୍‌ଟି ପରିଷଦକୁ ତୁରନ୍ତ ପ୍ରଭାବରୁ ହାରରେ ପରିବର୍ତ୍ତନକୁ ଅନୁମୋଦନ କରିବାକୁ ଅନୁରୋଧ କରିଛନ୍ତି। ପ୍ରକୃତରେ, ସରକାର ଅନେକ ପ୍ରମୁଖ କ୍ଷେତ୍ରରେ ବିକ୍ରିହ୍ରାସ ପାଇବାର ସମ୍ଭାବନାକୁ ନେଇ ଚିନ୍ତିତ। ଏଥିପାଇଁ ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତି ସମ୍ବନ୍ଧୀୟ ଚିନ୍ତାକୁ ଦୂର କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ଜିଏସ୍‌ଟି ପରିଷଦର ୫୬ତମ ବୈଠକ ୩ରୁ ୪ ସେପ୍ଟେମ୍ବର ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଯେଉଁଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ହାର ପ୍ରସ୍ତାବ ଉପରେ ଆଲୋଚନା କରାଯିବ। କେନ୍ଦ୍ର ସରକାର ଜିଏସଟିର ବିଦ୍ୟମାନ ଢାଞ୍ଚାକୁ ସରଳ କରିବା ପାଇଁ ୫% ଏବଂ ୧୮% ଦୁଇଟି ସ୍ଲାବ୍ ଲାଗୁ କରିବାକୁ ପ୍ରସ୍ତାବ ଦେଉଛନ୍ତି। ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ୪୦% ପରିସରଭୁକ୍ତ ହେବ। ବର୍ତ୍ତମାନ, ଜିଏସ୍‌ଟିରେ ୪ ଟି ସ୍ଲାବ୍ ଅଛି – ୫%, ୧୨%, ୧୮% ଏବଂ ୨୮%। ରିପୋର୍ଟ ଅନୁଯାୟୀ, ନୂତନ ଟିକସ ହାର ସେପ୍ଟେମ୍ବର ୨୨ ରୁ ଲାଗୁ ହୋଇପାରେ। ଜିଏସ୍‌ଟି ପରିଷଦର ନିଷ୍ପତ୍ତି ପରେ, ୫ ରୁ ୭ ଦିନ ମଧ୍ୟରେ ସରକାରୀ ବିଜ୍ଞପ୍ତି ଜାରି ହେବାର ଆଶା କରାଯାଉଛି।

ଗତ ସପ୍ତାହରେ, ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) କେନ୍ଦ୍ର ସରକାରଙ୍କ ଦୁଇ ସ୍ଲାବ୍ ପ୍ରସ୍ତାବକୁ ଗ୍ରହଣ କରିଥିଲା। ନୂତନ ଜିଏସ୍‌ଟି ହାରରେ ଉପଭୋକ୍ତା ସାମଗ୍ରୀର ମୂଲ୍ୟ ହ୍ରାସ ହେବାର ସମ୍ଭାବନା ଥାଏ। ଯାହା ପର୍ବପର୍ବାଣୀ ସମୟରେ କିଣାବିକାକୁ ବୃଦ୍ଧି କରିପାରିବ। ତଥାପି, ରାଜ୍ୟଗୁଡ଼ିକ ରାଜସ୍ୱ ହ୍ରାସକୁ ନେଇ ଚିନ୍ତିତ, ଯାହାକୁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି।

## କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୫।୮ (ସମିସ) : କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ଓ ଖଲିକୋଟ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଭିପ୍ରେରଣା ବକ୍ତବ୍ୟ ଶୃଙ୍ଖଳର ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଆଲୋଚନାରେ ଡଃ. ମିଶ୍ର ପିଲାମାନଙ୍କୁ ଶୃଙ୍ଖଳିତ ଜୀବନ ତଥା




ଗୁରୁ ଗୁରୁଜନଙ୍କୁ ଭକ୍ତି, ନମ୍ରତା ଓ ସମର୍ପଣ ଭାବ ରହିଲେ ନିଶ୍ଚିତ ଭାବରେ ଜଣେ ଉତ୍ତମ ନାଗରିକ ଭାବେ ଚରିତ୍ରଗଠନ, ଦେଶ ଗଠନ ଓ ଜାତି ଗଠନରେ ସହାୟକ ହେବ ବୋଲି ନିଜର ମତ ରଖିଥିଲେ। ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ଆମେରିକା ଉପରାଷ୍ଟ୍ରପତିଙ୍କ ବୟାନ୍

## ପୁଟିନ୍‌ଙ୍କ ଉପରେ ଚାପ ପାଇଁ ଭାରତ ଉପରେ ଶୁଳ୍କ ମାଡ଼

ୱାଶିଂଟନ୍, ୨୫।୮ (ଏଜେନ୍ସି): ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ ବନ୍ଦ କରିବାକୁ ରୁଷକୁ ବାଧ୍ୟ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଭଳି ଆକ୍ରମଣାତ୍ମକ ଆର୍ଥିକ ଚାପ ବ୍ୟବହାର କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଏହି ପଦକ୍ଷେପ



ରୁଷକୁ ଏହାର ତୈଳ ଅର୍ଥନୀତିରୁ ଧନୀ ହେବା କଷ୍ଟକର କରିଦେବ। ଟ୍ରମ୍ପ ପ୍ରଶାସନ ଭାରତକୁ ରିଆତି ହାରରେ ରୁଷରୁ ଅଶୋଧିତ ତେଲ କିଣିବା ପାଇଁ ସମାଲୋଚନା କରିଆସୁଛି। ଆଶ୍ଚର୍ଯ୍ୟଜନକ ଭାବରେ, ୱାଶିଂଟନ ରୁଷର ଅଶୋଧିତ ତେଲର ସବୁଠାରୁ ବଡ଼ ଆମଦାନୀକାରୀ ଚୀନ୍‌କୁ ଦୋଷ ଦେଉନାହିଁ। ସେହି ସମୟରେ, ଭାରତ କହିଛି ଯେ ରୁଷରୁ ଶକ୍ତି କ୍ରୟ ଜାତୀୟ ସ୍ୱାର୍ଥ ଦ୍ୱାରା ପ୍ରେରିତ।

ଭାନ୍ସ କହିଛନ୍ତି ଯେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପଙ୍କ ସାକ୍ଷାତ ପରେ ଆଶା କରାଯାଉଛି ଯେ ସେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବାରେ ମଧ୍ୟସ୍ଥତା କରିପାରିବେ। ସେ କହିଛନ୍ତି ଯେ ଯଦି ରୁଷ ୟୁକ୍ରେନ୍‌ରେ ଲୋକଙ୍କୁ ହତ୍ୟା କରିବା ବନ୍ଦ କରେ, ତେବେ ଏହାକୁ ବିଶ୍ୱ ଅର୍ଥନୀତିରେ ପୁନଃ ଅନ୍ତର୍ଭୁକ୍ତ କରାଯାଇପାରିବ। ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରି ୫୦ ପ୍ରତିଶତ କରିଛନ୍ତି। ଏଥିରେ ରୁଷ ଅଶୋଧିତ ତେଲ କ୍ରୟ ଯୋଗୁଁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ମଧ୍ୟ ଅନ୍ତର୍ଭୁକ୍ତ।

### କାମ ଦବନି ଟ୍ରମ୍ପଙ୍କ ଟାରିଫ୍ ବୋମା

## ଆଜି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବଡ଼ ବୈଠକ

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମାକୁ ନିଷ୍କ୍ରିୟ କରିବା ପାଇଁ ଭାରତ କରୁଛି ବଡ଼ ଯୋଜନା। ଯୋଜନାନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ହେବ ଉଚ୍ଚ ସ୍ତରୀୟ ବୈଠକ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ବର୍ଦ୍ଧିତ ଶୁଳ୍କ ପ୍ରଭାବର ସମ୍ମୁଖୀନ ହେଉଥିବା ଭାରତୀୟ ରପ୍ତାନିକାରୀଙ୍କ ନିମନ୍ତେ ବୈଠକରେ ସରକାର ଗ୍ରହଣ କରୁଥିବା ପଦକ୍ଷେପର ସମୀକ୍ଷା କରିବା ପାଇଁ ଆସନ୍ତାକାଲି ଏକ ଉଚ୍ଚସ୍ତରୀୟ ବୈଠକ ବସିବ। ଏହି ବୈଠକ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ଆଶା କରାଯାଉଛି। ସୂଚନାନୁଯାୟୀ, ବୁଧବାରଠାରୁ ଆମେରିକା ବଜାରରେ ପ୍ରବେଶ

- ରପ୍ତାନିକାରୀଙ୍କ ପାଇଁ ପଦକ୍ଷେପର ହେବ ସମୀକ୍ଷା
- ବୁଧବାରଠାରୁ ଲାଗୁ ହେବ ୫୦% ଶୁଳ୍କ

କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଶୁଳ୍କ ଲାଗୁ ହେବ। କାରଣ ୱାଶିଂଟନ୍ ଭାରତ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରିଛି, ଯାହା ରପ୍ତାନିକାରୀଙ୍କ ଉପରେ ଚାପ ବୃଦ୍ଧି କରୁଛି।




କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ୨୫% ଶୁଳ୍କର ପ୍ରଭାବ ଅନୁଧ୍ୟାନ କରିବା ପାଇଁ ରପ୍ତାନିକାରୀ ଏବଂ ରପ୍ତାନିକାରୀ ପରିଷଦ ସହିତ ପରାମର୍ଶ କରୁଛି। ରପ୍ତାନିକାରୀମାନେ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ଯୋଜନା (ଇସିଏଲ୍‌ଜିଏସ୍) ପାଇଁ ଅନୁରୋଧ କରିଥିଲେ, ଯାହା ସରକାର-ସମର୍ଥିତସମାନ୍ତରାଳ ପୁଞ୍ଜି ପ୍ରଦାନ କରିପାରିବ। ଅଧିକାରୀମାନଙ୍କର କହିବା ହେଉଛି କ୍ଷେତ୍ରର ହସ୍ତକ୍ଷେପ ଅଧିକ ପ୍ରଭାବଶାଳୀ ହୋଇପାରେ। ଅଧିକାରୀମାନେ କହିଛନ୍ତି ଯେ ରପ୍ତାନି-ମୁଖୀ ୟୁନିଟ୍ ଏବଂ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)କୁ ସୁରକ୍ଷା ଦେବା ସରକାରଙ୍କ ରଣନୀତିର ଏକ କେନ୍ଦ୍ରବିନ୍ଦୁ ରହିଛି କାରଣ ସେମାନେ ବାହ୍ୟ ଆଘାତର ସମ୍ମୁଖୀନ ହେଉଛନ୍ତି। ରପ୍ତାନିକାରୀମାନେ ଶୁଳ୍କ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଥିବାରୁ ମଙ୍ଗଳବାର ବୈଠକରେ ଭାରତ ପକ୍ଷରୁ ରୂପରେଖ ଚୂଡ଼ାନ୍ତ ହେବ ବୋଲି ଆଶା କରାଯାଉଛି।

୫୦% ଆମେରିକା ଶୁଳ୍କ ଭାରତୀୟ ରପ୍ତାନିକାରୀଙ୍କ ଲାଭାଂଶ ଉପରେ ଆହୁରି ଚାପ ପକାଇପାରେ। ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ ଏବଂ ବୟନଶିଳ୍ପ ଏବଂ ଚମଡା ଠାରୁ ଇଞ୍ଜିନିୟରିଂ ସାମଗ୍ରୀ ଏବଂ ସ୍ୱତନ୍ତ୍ର ରାସାୟନିକ ପଦାର୍ଥ ପର୍ଯ୍ୟନ୍ତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରତିଯୋଗିତାକୁ କ୍ଷତି ପହଞ୍ଚାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୩୦୩-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଚିତୋରଗଡ଼ ଦୁର୍ଗ ଦଖଲ କଲେ।
- ୧୯୨୦- ଆମେରିକାରେ ମହିଳାମାନଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୮୨- ନାସା ଟେଲିସେଟ୍ ଏଫ୍‌ର ପ୍ରକ୍ଷେପଣ କଲା।
- ୨୦୧୨- ହିନ୍ଦୀ ଫିଲ୍ମ ଅଭିନେତା ଏ.କେ ହଙ୍ଗଲଙ୍କ ପରଲୋକ।
- ୨୦୧୫- ଆମେରିକାର ଭର୍ଜିନିଆରେ ଦୁଇଜଣ ସାମ୍ବାଦିକଙ୍କୁ ଗୁଳିକରି ହତ୍ୟା।

## ମହିଳା ସମାନତା ଦିବସ



ନାରୀ ସୃଷ୍ଟି ସଂରଚନାର ସ୍ରଷ୍ଟା। ନାରୀ ବିନା ସଂସାରର ପରିକଳ୍ପନା ଅସମ୍ଭବ। ଦୟା, କ୍ଷମା, ପ୍ରେମ ଓ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ ନାରୀ। ମାଟିରୁ ଆକାଶ ସବୁଠି ନାରୀର ଛାପ। ଘରର ଚାରି କାନ୍ଥରୁ ବାହାରି ସମାଜରେ ସେ ତା'ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ଆମ ସମାଜରେ ପୁରୁଷମାନଙ୍କୁ ସବୁବେଳେ ଅଧିକ ପ୍ରାଧାନ୍ୟ ଦିଆଯାଇ ଆସୁଛି। ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଦାବିରେ ପ୍ରତିବର୍ଷ ୨୬ ଅଗଷ୍ଟକୁ 'ମହିଳା ସମାନତା ଦିବସ' ଭାବରେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ମହିଳାଙ୍କ ସ୍ଥିତିକୁ ମଜଭୁତ କରିବା ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ପରି ସେମାନଙ୍କୁ ସମାନ ଅଧିକାର ତଥା ସମ୍ମାନ ପ୍ରଦାନ କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ମହିଳା ସମାନତା ଦିବସ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଅବସରରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଯାଏ। ଏହି ଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ୧୯୨୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଊନବିଂଶତମ ସଂଶୋଧନ କରି ମହିଳାଙ୍କୁ ମତଦାନର ଅଧିକାର ପ୍ରଦାନ କରାଯାଇଥିଲା। ଏଥି ସହିତ ନାରୀ ଅଧିକାର ଓ ଲିଙ୍ଗଗତ ସମାନତାର ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଥିଲା।

ଏହି ଘଟଣାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକାରେ ସମାନତା ସମର୍ଥନରେ ଏକ ଜାତୀୟ ବନ୍ଦ ପାଳନ କରାଯାଇଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ୧୯୭୩ରେ ଆମେରିକାରେ ପ୍ରଥମ ମହିଳା ସମାନତା ଦିବସ ପାଳିତ ହୋଇଥିଲା। ମହିଳାମାନେ କାର୍ଯ୍ୟକ୍ଷେତ୍ର, ଶିକ୍ଷାନୁଷ୍ଠାନ, ରାଜନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଉତ୍ଥାପନ କରିବା ଲାଗି ଏହି ଦିବସ ଏକ ଉତ୍କୃଷ୍ଟ ଅବସର। ଏହି ଦିନ ଆମେରିକା ସମେତ ସମଗ୍ର ବିଶ୍ୱରେ ମହିଳା ଅଧିକାରକୁ ନେଇ ଆଲୋଚନା କରାଯାଏ। ବିଭିନ୍ନ ସ୍ଥାନରେ ସଭା-ସମିତି ଏବଂ ସେମିନାରର ଆୟୋଜନ କରାଯାଏ। ମହିଳା ସଂଗଠନଗୁଡ଼ିକ ଜନସମାଜରେ ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଚଳାନ୍ତି।

## 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ





ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରୁ ଆରମ୍ଭ ହୋଇଛି। ଏହି ଫିଲ୍ମ ୨୦୨୦ରେ ଗଲୱାନ୍ ଘାଟିରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଇତିମଧ୍ୟରେ ସୁଟିଂ ସେଟ୍‌ର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାଇରାଲ ହୋଇଥିବା ଫଟୋରେ ସଲମାନ୍ ନୀଳ ରଙ୍ଗର ସାର୍ଟ ସହ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାର ଦେଖାଯାଇଛନ୍ତି। ଅବଶ୍ୟ ତାଙ୍କ ଚେହେରା ଦେଖାଯାଉ ନାହିଁ। ଏହି ଫଟୋ ସାମ୍ନାକୁ ଆସିବା ପରେ ସଲମାନ୍‌ଙ୍କ ପ୍ରଶଂସକମାନଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ସେପ୍ଟେମ୍ବର ୩ ଯାଏଁ ଲଦାଖରେ ସୁଟିଂ ହେବ ବୋଲି ଜଣାପଡ଼ିଛି। ସଲମାନ୍ ଏଥିରେ କର୍ଣ୍ଣେଲ ବି. ସନ୍ତୋଷ ବାବୁ ଭୂମିକାରେ ଦେଖାଯିବେ। ଅପୂର୍ବ ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସଲମାନ୍‌ଙ୍କ ସହ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ହର୍ଷିଲ ଶାହ ପ୍ରମୁଖ ନଜର ଆସିବେ। ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ନଜର ଆସିଥିଲେ।

## ଗାଡ଼ି ରଙ୍ଗର ପଗଡ଼ି ପିନ୍ଧନ୍ତି


ବ୍ରିଟେନରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରୁବେନ ସିଂହ ୧୫ଟି ରୋଲ୍ସ ରୟସ୍ କାର୍ ସହିତ ଅନେକ ଦାମୀ ସୁପର୍‌କାର୍‌ର ମାଲିକ। ୧୯୭୦ ମସିହାରେ ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍ ଆସିଥିଲେ। ତେବେ ତାଙ୍କର ବିଶେଷତ୍ୱ ହେଉଛି, ସେ ତାଙ୍କ ରୋଲ୍ସ ରୟସ୍ କାର୍‌ର ରଙ୍ଗ ଅନୁସାରେ, ପ୍ରତିଦିନ ପଗଡ଼ି ପିନ୍ଧିଥାନ୍ତି। ସରଳ ଭାଷାରେ କହିଲେ, ଯେଉଁ ରଙ୍ଗର ରୋଲ୍ସ ରୟସ୍ ସେ ଚଲାନ୍ତି, ସେହି ରଙ୍ଗର ପଗଡ଼ି ପିନ୍ଧିଥାନ୍ତି। ରୁବେନ 'ବ୍ରିଟିଶ ବିଲ ଗେଟ୍ସ' ନାମକ କମ୍ପାନିର ପ୍ରତିଷ୍ଠାତା। ସେ ବିଦେଶରେ ନିଜର ବ୍ୟବସାୟିକ ସାମ୍ରାଜ୍ୟକୁ



ଠିଆ କରି ସଫଳ ହୋଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ଫଟୋ ସେୟାର୍ କରିବା ପରେ ଚର୍ଚ୍ଚାକୁ ଆସିଥିଲେ। ଏଥିରେ ସେ ସାତ ଦିନ ଅଲଗା ଅଲଗା ରଙ୍ଗର ପଗଡ଼ି ସହିତ ମ୍ୟାଚିଂ ରୋଲ୍ସ ରୟସ୍‌ର ଫଟୋ ସେୟାର୍ କରିଥିଲେ। ତାଙ୍କର ଏହି ନିଆରା ଷ୍ଟାଇଲ ହିଁ ତାଙ୍କୁ ଚର୍ଚ୍ଚାକୁ ନେଇ ଆସିଥିଲା। ରୁବେନଙ୍କ ପାଇଁ ପଗଡ଼ି ପିନ୍ଧିବା କେବଳ ଏକ ପରମ୍ପରା ନୁହେଁ, ବରଂ ଶକ୍ତି, ଗର୍ବ ଏବଂ ବ୍ୟକ୍ତିତ୍ୱର ପ୍ରତୀକ ବୋଲି ସେ କହନ୍ତି।




## ଛେଳି ମଡ଼କ



**ଆମ ରାଜ୍ୟରେ ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ଆର୍ଥିକ ଦୃଷ୍ଟି କୋଣରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଛେଳି ପାଳନ ଏକ ଭଲ ବ୍ୟବସାୟ। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଚରେଇଲେ ଛେଳିଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ମୃତ୍ୟୁର କାରଣ ପାଲଟିଯାଏ। ନିକଟରେ ଆମ ରାଜ୍ୟର କିଛି ସ୍ଥାନରେ ଅଚାନକ ଏକାଧିକ ଛେଳିଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଏହାକୁ ଛେଳି ମଡ଼କ କୁହାଯାଉଛି। ଏହି ଅଜଣା ରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଚରାବୁଲା କରିବା ଦ୍ୱାରା ଛେଳିମାନଙ୍କ ଶରୀରରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଅନ୍ୟପଟେ ବର୍ଷା ପାଣିରେ ଛେଳି ଲଗାତାର ଓଦା ହେବା ଦ୍ୱାରା ସେମାନଙ୍କୁ ଥଣ୍ଡା ଜ୍ୱର ହୋଇଥାଏ। ହଠାତ୍ ଜ୍ୱର ଆସିଥାଏ। ଛେଳି ଖାଇବା ପିଇବା କମାଇ ଦିଅନ୍ତି। ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଦୁର୍ବଳ ହୋଇଥାନ୍ତି। ଶେଷରେ ଛେଳିଙ୍କର ମୃତ୍ୟୁ ହୁଏ। ପ୍ରାୟତଃ ସବୁ ବୟସର ଛେଳିଙ୍କ କ୍ଷେତ୍ରରେ ଏହା ଘଟିଥାଏ। ତେଣୁ ଏହା ପ୍ରତି ଛେଳିପାଳକଙ୍କୁ ବିଶେଷ ଧ୍ୟାନ ଦେବା ଦରକାର।

ଏହାର ପ୍ରତିକାର ସ୍ୱରୂପ ବର୍ଷା ଦିନ ପୂର୍ବରୁ ଛେଳିଙ୍କୁ କୃମି ଔଷଧ ଓ ଟିକାକରଣ ଜରୁରି। ଭିଟାମିନ୍ ଓ ମିନେରାଲ ଦେଇ ଛେଳିଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ପାରିବେ। ବର୍ଷାଦିନେ କାଦୁଅ , ମାଟି ଲାଗିଥିବା ଘାସ ଜମିକୁ ଛେଳିଙ୍କୁ ଚରିବାକୁ ଛାଡିବା ଅନୁଚିତ। ଏଥିପାଇଁ ଘରେ ଘାସ କିମ୍ବା ଡାଳପତ୍ର କାଟି ଆଣି ଦେଇ ପାରିବେ। ଘରେ ଥିବା ଜିନିଷକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଦାନା ପ୍ରସ୍ତୁତ କରିପାରିବେ। ବିଶେଷ ଯତ୍ନ ନେବା ଦ୍ୱାରା ଛେଳି ମଡ଼କ ଆଶଙ୍କା ହ୍ରାସ ପାଏ।

## ଆର୍ଦ୍ରତା ମାପି ଜଳ ଯୋଗାଇବ ଉପକରଣ

ଫସଲରେ ନିର୍ଦ୍ଦିଷ୍ଟ ସମୟରେ ଉଚିତ ମାତ୍ରା ଜଳ ସିଞ୍ଚନ କରିବା ଆହ୍ୱାନ ପୂର୍ଣ୍ଣ। ଏନେଇ କେରଳ, ଏସଏନ୍‌ଜିଆଇଟିଏସ୍‌ର ବିଟେକ୍ (ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍)ର ବିଦ୍ୟାର୍ଥୀ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଏହା ମାଟିର ଆର୍ଦ୍ରତାସ୍ତରକୁ ମାପି ସଠିକ୍ ସମୟରେ କେଉଁ ଗଛକୁ କେତେ ପାଣି ଦିଆଯିବ ବତାଇବ। ଏହା ଦ୍ୱାରା ଜମିରେ ୩୦% ପାଣି ସଞ୍ଚୟ କରିପାରିବ। ଏହି ପ୍ରୋଜେକ୍ଟର ମେଣ୍ଟର ଏବଂ କଲେଜ୍ ପ୍ରଫେସର ଡା. ସୁଭିତା ଶର୍ମାଙ୍କ କହିବାନୁସାରେ, ବର୍ତ୍ତମାନ ଜଳସଙ୍କଟ ବଢ଼ୁଥିବାବେଳେ ଏହି ଉପକରଣଟି ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ଏହାକୁ ଭାରତୀୟ କୃଷି ପ୍ରଣାଳୀକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏଥିରେ ଲାଗିଥିବା ସେନ୍ସର ଲଗାତାର ମାଟିର ଆର୍ଦ୍ରତାକୁ ମାପିଥାଏ। ମାଟିର ଆର୍ଦ୍ରତା କମ୍ ଥିଲେ କମ୍ପ୍ୟୁଟର କିମ୍ବା ମୋବାଇଲ ଆପ୍‌କୁ ସୂଚନା ପଠାଇଥାଏ। ଉପକରଣ ବନାଇବାରେ ଆଇଓଟି (ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ) କୌଶଳ ବ୍ୟବହାର କରାଯାଇଛି। ଏଥିରେ ମାଇକ୍ରୋକଣ୍ଟ୍ରୋଲର, ସେନ୍ସର, ୱାଇଫାଇ ମଡ୍ୟୁଲ ଏବଂ କୋଡିଂ ସାହାଯ୍ୟରେ ବନାଯାଇଥିବାରୁ ଏହା ସ୍ୱୟଂଚାଳିତ ଭାବେ କାମ କରିଥାଏ। ଏହି ଉପକରଣଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ବ୍ୟବହାର କରିପାରିବେ। ଏହାର ମୂଲ୍ୟ ବହୁତ କମ୍। ଏହାକୁ ସ୍ମାର୍ଟଫୋନ୍‌ରେ ସଂଯୋଗ କରାଯାଇପାରିବ। ତେବେ ସରକାର ଏବଂ କୃଷି ସଂସ୍ଥାନଙ୍କ ସହଯୋଗ ମିଳିଲେ ଦେଶର ବହୁ ଚାଷୀ ଲାଭାନ୍ୱିତ ହୋଇପାରିବେ। ଏହା କେବଳ ଫସଲ ବୃଦ୍ଧି କରିବ ତାହା ନୁହେଁ, ଜଳ ଅପଚୟ ରୋକିବ।




## ଫୁଲର ଗାଁ

**ପୂଜା ପର୍ବ, ବିବାହ ବ୍ରତ ଆଦି ସବୁଠି ଫୁଲର ଆଦର ରହିଛି। ଫୁଲ ଚାଷରେ ଲାଭ ଅଧିକ। ଏହି କ୍ରମରେ ଭାରତରେ ଏମିତି ଏକ ଗାଁ' ରହିଛି ଯେଉଁଠି ୯୦% ଚାଷୀ ଫୁଲ ଚାଷ ଉପରେ ନିର୍ଭରଶୀଳ। ଝାଡ଼ଖଣ୍ଡ, ଦେଓଘର, ମୋହନପୁର ଅନ୍ତର୍ଗତ ମଲହରା ଗାଁ। ଏହି ଗାଁ'ଟି 'ଫୁଲ ଗାଁ' ଭାବେ ପରିଚିତ। ଏଠାରେ ସମସ୍ତେ ଗେଣ୍ଡୁଫୁଲ, ମନ୍ଦାରଫୁଲ, ଟଗର, ଜର୍‌ବେରା ଆଦି ଫୁଲଚାଷରୁ ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**



ଦେଓଘର ଜିଲ୍ଲା ମୁଖ୍ୟାଳୟରୁ ଏହି ଗାଁ'ଟି ମାତ୍ର ୭ କିମି ଦୂରରେ ଅବସ୍ଥିତ। ଗାଁ'ର ଜନସଂଖ୍ୟା ପାଖାପାଖି ୩,୦୦୦। ବାବା ବୈଦନାଥ ଓ ବାସୁକିଧାମ ଧାମର ପୂଜା ପାଇଁ ଫୁଲର ଗୁରୁତ୍ୱ ଅଧିକ ଥାଏ। ତେଣୁ ଏ ଦୃଷ୍ଟିରୁ ଏହି ଗାଁ'ର ପିଢ଼ି ପରେ ପିଢ଼ି ଗେଣ୍ଡୁ, ମନ୍ଦାର ଆଦି ଫୁଲ ଚାଷ କରି ଆସୁଛନ୍ତି। ଚାଷ ପାଇଁ ସ୍ଥାନୀୟ ଚାଷୀ କୋଲକାତାରୁ ଗେଣ୍ଡୁ ମଞ୍ଜି ମଗାନ୍ତି। ଏହାର ଦରଦାମ ଅଧିକ। ଏକ ଏକର ଜମିରେ ଫୁଲ ଚାଷ ପାଇଁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୁଏ। ଉପଯୁକ୍ତ ମାଟି ପରିଚାଳନା କରି ଗଛର ଯତ୍ନ ନେବା ଦ୍ୱାରା ଫୁଲ ପରିମାଣ ଅଧିକ ହୁଏ। ଅମଳ ଫୁଲକୁ ସ୍ଥାନୀୟ ଲୋକ ଦେଓଘର ବଜାର, ମନ୍ଦିର ଏବଂ ବିଶେଷ ରୂପେ ବାବା ମନ୍ଦିର ଏବଂ ବାସୁକିନାଥ ଧାମରେ ବିକ୍ରି କରିଥାନ୍ତି। ବର୍ଷସାରା ଗେଣ୍ଡୁ ଓ ମନ୍ଦାର ଫୁଲର ଚାହିଦା ଥିବାବେଳେ, ବିବାହ ଋତୁରେ ଗ୍ଲାଡିଓଲସ୍ ଓ ଜରବେରାର ଚାହିଦା ଅଧିକ ରୁହେ। ସେହିପରି ଶ୍ରାବଣମାସରେ ଦେଶ ବିଦେଶରୁ ଶ୍ରଦ୍ଧାଳୁ ବାବା ବୈଦନାଥଙ୍କ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। ଏହି ସମୟେ ଫୁଲର ଚାହିଦା ଏତେ ବଢ଼ିଯାଏ ଯେ, ଯୋଗାଇବାକୁ ସମସ୍ୟା ହୁଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଯଦି ସରକାର ମଞ୍ଜି, କୌଶଳ, ବଜାର ପାଇଁ ସୁବିଧା କରାଇବା ସହିତ ଚାଷ ପାଇଁ କିଛି ସହାୟତା କଲେ , ସେମାନେ ଆଗକୁ ବଢ଼ି ପାରିବେ। ଅଧିକ ମାତ୍ରାର ଫୁଲ ଚାଷ କରି ପାରନ୍ତେ ବୋଲି କୁହନ୍ତି।

## ବୋତଲରେ ଟମାଟୋ ଚାଷ



ପ୍ଲାଷ୍ଟିକ୍ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ଏକ ବଡ଼ ସମସ୍ୟା ହୋଇଛି। ତେଣୁ ଦୈନନ୍ଦିନ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲକୁ ଏଣେ ତେଣେ ନ ଫିଙ୍ଗି ଏଥିରେ ଟମାଟୋ ଚାଷ କରିପାରିବେ। ଟମାଟୋ କୁଣ୍ଡ କିମ୍ବା ଗ୍ରୋ ବ୍ୟାଗ୍‌ରେ ସହଜରେ ବଢ଼ିଥାଏ। ହେଲେ ପ୍ଲାଷ୍ଟିକ୍ ବୋତଲକୁ ସମାନ୍ତରାଳରେ କାଟି ଦେଲେ ବୋତଲର ତଳ ପାର୍ଶ୍ୱ କୁଣ୍ଡ ପରି କାମ କରିଥାଏ। ଏଥିପାଇଁ ବୋତଲର ତଳପାର୍ଶ୍ୱକୁ ଛୋଟ ଛୋଟ କଣା କରି ସେଥିରେ ଖତ ମିଶା ମାଟି ଭର୍ତ୍ତି କରି ଦିଅନ୍ତୁ। ସେଥିରେ ଟମାଟୋ ଚାରା ଲଗାଇ ପ୍ରତିଦିନ ହାଲୁକା ପାଣି ସିଞ୍ଚନ ଦ୍ୱାରା ମାଟି ଆର୍ଦ୍ରତା ଠିକ୍ ରୁହେ। ଉକ୍ତ ବୋତଲକୁ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିପାରିବେ। ୧୫ ଦିନ ଅନ୍ତରରେ ତରଳ ଜୈବିକ ସାର ଦେବା ଗଛ ବଢ଼ିଥାଏ। ଗଛକୁ ରଶିରେ ବାନ୍ଧି ସାହାରା ଦେଲେ ଫୁଲ ଓ ଫଳ ଧରିବାରେ ସହଜ ହୋଇଥାଏ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକର ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ।
- ଶସ୍ୟଜାତୀୟ ଫସଲ ମକା, ଚିନାବାଦାମ ଓ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଝୋଟ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ, ଏହା ଫାଇବର ତନ୍ତୁର ଗୁଣ ଉପରେ ପ୍ରଭାବ ପକାଇଥାଏ।
- ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳ ପଚା ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ ୨ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତିଲିଟର ପାଣିରେ ୩ଗ୍ରାମ ସି.ଓ.ସି ମିଶାଇ ସିଞ୍ଚନ କରନ୍ତୁ।
- ଚିଆଁମାନଙ୍କ ପାଇଁ ବ୍ୟବହୃତ ଚଷୁ ବା ନଡ଼ାକୁ ଓଦା ନ କରି ଶୁଖିଲା ରଖନ୍ତୁ। କୁକୁଡ଼ା ଦାନାରେ ଯେମିତି ବର୍ଷା ପାଣି ନ ପଡ଼େ ସେଥିପାଇଁ ଧ୍ୟାନ ଦେବା ଉଚିତ।




# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଛେତ୍ରୀଙ୍କ ବିନା ନେସନ୍ସ କପ୍ ଖେଳିବ ଭାରତ


ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଗାମୀ ସେଣ୍ଟ୍ରାଲ ଏସିଆନ ଫୁଟବଲ୍ ଆସୋସିଏସନ (କାଫା) ନେସନ୍ସ କପ୍ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲ ଘୋଷଣା କରିଥିବା



୨୩ ଜଣିଆ ଜାତୀୟ ସିନିଅର ଫୁଟବଲ୍ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ। ପୂର୍ବରୁ ଜମିଲ ଘୋଷଣା କରିଥିବା ସମ୍ଭାବ୍ୟ ଦଳରେ ମଧ୍ୟ ଛେତ୍ରୀଙ୍କୁ ନିଆଯାଇ ନ ଥିଲା। ଛେତ୍ରୀଙ୍କୁ ବାଦ୍ ଦିଆଯିବାକୁ ନେଇ ଜମିଲ କହିଛନ୍ତି, 'ଆଗାମୀ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ନେସନ୍ସ କପ୍ ଏକ ପ୍ରସ୍ତୁତି ସଦୃଶ ଟୁର୍ଣ୍ଣାମେଣ୍ଟ। ତେଣୁ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଅକ୍ଟୋବର ୯ ଓ ୧୪ରେ ସିଙ୍ଗାପୁର ବିପକ୍ଷରେ ଖେଳାଯିବାକୁ ଥିବା ମୁକାବିଲାରେ ଛେତ୍ରୀଙ୍କୁ ନିଶ୍ଚିତ ଖେଳାଯିବ।' ପ୍ରକାଶଯୋଗ୍ୟ, ଭାରତୀୟ ସିନିଅର ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହେବାପରେ ନେସନ୍ସ କପ୍ ଜମିଲଙ୍କ ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ନେସନ୍ସ କପ୍ ଏଥର ଅଗଷ୍ଟ ୨୯ରୁ ତାଜିକସ୍ତାନ ଓ ଉଜବେକିସ୍ତାନରେ ମିଳିତ ଭାବେ ଆୟୋଜିତ ହେବ। ଭାରତ ଗ୍ରୁପ୍-ବି'ରେ ଆୟୋଜକ ତାଜିକସ୍ତାନ, ଆଫଗାନିସ୍ତାନ ଓ ଇରାନ ସହ ସ୍ଥାନ ପାଇଛି। ଭାରତ ଅଗଷ୍ଟ ୨୯ରେ ତାଜିକସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଫାତିମାଙ୍କୁ ପାକିସ୍ତାନ ବିଶ୍ୱକପ୍ ଦଳର ନେତୃତ୍ୱ

କରାଚି, ୨୫।୮ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଆଗାମୀ ୧୩ତମ ସଂସ୍କରଣ ଲାଗି ସୋମବାର ପାକିସ୍ତାନ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଫାତିମା ସାନାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସାନା ବିଶ୍ୱକପ୍‌ର ଗତ ସଂସ୍କରଣ ଖେଳିଥିବାବେଳେ ଏଥର ନେତୃତ୍ୱ ଭାର ପାଇଛନ୍ତି। ଦଳର ୬ଜଣ ଖେଳାଳି ନାତାଲିଆ ପରଭେଜ, ରମୀନ ଶାମିମ, ସଦାଫ ଶମାସ୍, ସାଦିଆ ଇକବାଲ, ଶୱାଲ ଜୁଲଫିକର ଓ ସଇଦ ଆରୁବ ଶାହଙ୍କ ଏହା ପ୍ରଥମ ବିଶ୍ୱକପ୍ ହେବ। ମହିଳା ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଭାରତରେ ଆୟୋଜିତ ହେବ। ପାକିସ୍ତାନ କିନ୍ତୁ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଯଦି ପାକିସ୍ତାନ ସେମିଫାଇନାଲ ଓ ଫାଇନାଲକୁ ପ୍ରବେଶ କରେ ତେବେ ମଧ୍ୟ ଏହି ମ୍ୟାଚ୍ ଗୁଡ଼ିକ କଲମ୍ବୋରେ ଖେଳାଯିବ।



ୟୁଏସ୍ ଓପନ୍ ଆରମ୍ଭରୁ ବିପର୍ଯ୍ୟୟ


# ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମେଦଭେଦେଭ୍



ନ୍ୟୁୟର୍କ, ୨୫।୮ (ଏଜେନ୍ସି)


ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍‌ଓପନ୍‌ର ୧୪୫ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦୨୧ ଚାମ୍ପିଅନ ରୁଷିଆର ଡାନିଲ ମେଦଭେଦେଭ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ମେଦଭେଦେଭ ୩-୬, ୫-୭, ୭-୬(୫), ୬-୦, ୪-୬ ସେଟ୍‌ରେ ଫ୍ରାନ୍ସର ଅଣସିଡେଡ୍ ଖେଳାଳି ବେଞ୍ଜାମିନ ବୋନଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ତେବେ ଏହି ମ୍ୟାଚ ଅବସରରେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିକୁ ବିରୋଧ କରି ୨୯ ବର୍ଷୀୟ ମେଦଭେଦେଭ ଚେୟାରରେ ବସି କିଛି ସମୟ ପ୍ରତିବାଦ କରିଥିଲେ। ଯାହାକି ପ୍ରଥମ ଦିବସର ସବୁଠୁ ଚର୍ଚ୍ଚିତ ବିଷୟ ଥିଲା। ତୃତୀୟ ସେଟ୍ ମଝିରେ ଜଣେ ଫଟୋଗ୍ରାଫରଙ୍କ ଲାଗି ଖେଳରେ ବାଧା ପହଞ୍ଚିଥିଲା। ଯେଉଁଥି ପାଇଁ ଅମ୍ପାୟର ବେଞ୍ଜାମିନଙ୍କୁ ପୁଣିଥରେ ଆରମ୍ଭରୁ ସର୍ଭ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି ନିଷ୍ପତ୍ତିକୁ ଡାନିଲ ବିରୋଧ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ବେନ୍ ସେଲଟନ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଥିବା ୭ମ ସିଡ୍ ଜୋକୋଭିଚ୍ ୬-୧, ୭-୬ (୭/୩), ୬-୨ ସେଟ୍‌ରେ ଆମେରିକାର ଲର୍ନର ତିଏନଙ୍କୁ ହରାଇଥିଲେ।

## ପରାଜୟ ପରେ ଅବସର ନେଲେ କ୍ୱିଟୋଭା



ଆରିନା ସାବାଲେଙ୍କା

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଆରିନା ସାବାଲେଙ୍କା, ଇଟାଲୀର ଜସ୍ମିନ ପାଓଲିନ, ସୁଇଜରଲାଣ୍ଡର ବେଲିଣ୍ଡା ବେନିକ, ଆମେରିକାର ଜେସିକା ପେଗୁଲା ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସାବାଲେଙ୍କା ୭-୫, ୬-୧ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ରେବେକା ମାସାରୋଭାଙ୍କୁ ହରାଇଥିଲେ।



ସେହିଭଳି ଫିଲିପାଇନ୍ସର ମହିଳା ଖେଳାଳି ଆଲେକ୍ସଜାଣ୍ଡ୍ରା ଇଲା ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଇଲା ୬-୩, ୨-୬, ୭-୬ (୧୩/୧୧) ସେଟ୍‌ରେ ୧୪ତମ ସିଡ୍ ଡେନମାର୍କର କ୍ଲାରା ତୌସନଙ୍କୁ ପରାସ୍ତ କରିଛନ୍ତି। ଏଥିସହ ଓପନ ଏରାରେ ଇଲା ଫିଲିପାଇନ୍ସର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରେ ବିଜୟୀ ହେବାର ରେକର୍ଡ କରିଛନ୍ତି। ତେବେ ଦୁଇଥରର ୱିମ୍ବଲଡନ ଚାମ୍ପିଅନ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ପ୍ରଥମ ରାଉଣ୍ଡରେ ପରାଜୟ ପରେ ଭାଙ୍ଗିପଡ଼ି ଟେନିସରୁ ଅବସର ନେଇଛନ୍ତି। ୩୫ ବର୍ଷୀୟା କ୍ୱିଟୋଭା ତାଙ୍କ କ୍ୟାରିୟରରେ ୩୧ ଡବ୍ଲ୍ୟୁଟିଏ ଟାଇଟଲ୍ ବିଜୟୀ ହୋଇଛନ୍ତି।

## ଡ୍ରିମ୍ସ ୧୧ ସହ ଜର୍ସି ଚୁକ୍ତି ବାତିଲ କଲା ବିସିସିଆଇ

ମୁମ୍ବଇ,୨୫।୮ (ଏଜେନ୍ସି): କେନ୍ଦ୍ରସରକାର ଆଣିଥିବା ଅନ୍‌ଲାଇନ୍ ଗେମିଂ ବିଲ-୨୦୨୫ର ପ୍ରଭାବ ପଡ଼ିଛି ଦେଶର ସର୍ବୋଚ୍ଚ ବିତ୍ତଶାଳୀ ସଂଗଠନ ବିସିସିଆଇ ଉପରେ। ସରକାର ଅନ୍‌ଲାଇନ୍ ଗେମ୍‌କୁ ନିଷିଦ୍ଧ

**୩ ବର୍ଷ ପାଇଁ ୩୫୮ କୋଟି ଟଙ୍କାର ରାଜିନାମା**



କରିବା ପରେ ଡ୍ରିମ୍ ୧୧ ସହ ହୋଇଥିବା ୩୫୮ କୋଟି ଟଙ୍କାର ଜର୍ସି ପ୍ରାୟୋଜକ ଚୁକ୍ତିକୁ ବାତିଲ କରିଛି ବିସିସିଆଇ। ଡ୍ରିମ୍ ୧୧ ଅନ୍‌ଲାଇନ୍ ଗେମ୍‌ରେ ଦେଶରେ ଖୁବ୍ ଲୋକପ୍ରିୟ ଥିଲା। ଏହା ବାତିଲ ହୋଇ ନ ଥିଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଏହି ରାଜିନାମା ବେଆଇନ୍ ଘୋଷିତ ହୋଇଥାନ୍ତା। ଡ୍ରିମ୍-୧୧ ସହ ଚୁକ୍ତି ବାତିଲ କରିବା ପରେ ଏଭଳି ସଂଗଠନ ସହ ଭବିଷ୍ୟତରେ ବିସିସିଆଇ କୌଣସି ସମ୍ପର୍କ ରଖିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି। କିନ୍ତୁ ଡ୍ରିମ୍-୧୧ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ୨୦୨୩ରେ ଡ୍ରିମ୍‌୧୧ ୩ ବର୍ଷ ଲାଗି ଜର୍ସି ପ୍ରାୟୋଜକ ଚୁକ୍ତିରେ ସ୍ୱାକ୍ଷର କରିଥିଲା। କିନ୍ତୁ ନୂଆ ଆଇନ୍ ବଳରେ ଡ୍ରିମ୍‌୧୧କୁ ବିଦା କରିବା ଛଡ଼ା ବିସିସିଆଇ ନିକଟରେ ଆଉ କୌଣସି ଉପାୟ ନ ଥିଲା। ସେପ୍ଟେମ୍ବର ୯ରୁ ଦୁବାଇ ଓ ଆବୁଧାବିରେ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତକୁ ନୂଆ ଜର୍ସି ପ୍ରାୟୋଜକ ଖୋଜିବାକୁ ପଡ଼ିବ। ଡ୍ରିମ୍‌୧୧ର ଅବଧି ଶେଷ ହୋଇଆସୁଥିବାରୁ ଏହି ଚୁକ୍ତି ବାତିଲ ହେବା ଫଳରେ ବିସିସିଆଇର ବିଶେଷ କ୍ଷତି ହେବ ନାହିଁ ବୋଲି ଆଶା କରାଯାଉଛି।

## ୫୦୦ ୱିକେଟ୍ କ୍ଲବ୍‌ରେ ଶାକିବ



ଆଣ୍ଟିଗୁଆ, ୨୫।୮ (ଏଜେନ୍ସି): ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୫ମ ବୋଲର ଭାବେ ଶାକିବ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୫୦୦ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଚଳିତ କାରିବୀୟାନ ପ୍ରିମିଅର ଲିଗ୍ (ସିପିଏଲ୍)ରେ ଆଣ୍ଟିଗୁଆ ଫାଲ୍‌କନ ପକ୍ଷରୁ ଖେଳୁଥିବା ଶାକିବ ସେଣ୍ଟ୍ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ଦଳର ମହମ୍ମଦ ରିଜୱାନଙ୍କୁ ଆଉଟ୍ କରି ୫୦୦ତମ ୱିକେଟ୍ ପୂରଣ କରିଥିଲେ। ଶାକିବ ବର୍ତ୍ତମାନ ଓଭରଅଲ୍ ଟି-୨୦ରେ ୪୫୭ଟି ମ୍ୟାଚ୍ ଖେଳି ୬.୭୮ ଇକୋନୋମୀରେ ୫୦୨ଟି ୱିକେଟ୍ ନେଇଛନ୍ତି। ସେ ମୋଟ୍ ୯,୫୦୭ଟି ବଲ୍ ବୋଲିଂ କରିଛନ୍ତି। ଶାକିବଙ୍କ ପୂର୍ବରୁ ରଶିଦ ଖାନ (୬୬୦ ୱିକେଟ), ଡ୍ୱେନ ବ୍ରାଭୋ (୬୩୧), ସୁନିଲ ନାରାୟଣ (୫୯୦) ଓ ଇମ୍ରାନ ତାହିର (୫୫୪) ଏହି କ୍ଲବରେ ସାମିଲ ହୋଇସାରିଛନ୍ତି। ଶାକିବ ଆଇପିଏଲ୍ ସମେତ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଆଦିରେ ହେଉଥିବା ଲିଗ୍‌ରେ ବିଭିନ୍ନ ଦଳରୁ ଅଂଶଗ୍ରହଣ କରିଛନ୍ତି।

## ଜାତୀୟ ଅସିଚାଳନା ଲାଗି ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,ବଲାଙ୍ଗିର,୨୫।୮ (ସମିସ): ଉତ୍ତରାଖଣ୍ଡର ହଲଦ୍ୱାନିଠାରେ ୨୦ତମ ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାରୁ ୩୦ଜଣ ଅସିଚାଳକ ମନୋନୀତ ହୋଇଛନ୍ତି। ବଲାଙ୍ଗୀର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜିଠାରୁ ୧୦ ଦିନ ଧରି ହେବାକୁ ଥିବା ଏହି ଶିବିର ଶେଷରେ ବାଳକ ଓ ବାଳିକା ବିଭାଗରେ ୧୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୂଡାନ୍ତ ଚୟନ କରାଯିବ ବୋଲି ଓଡ଼ିଶା ଅସିଚାଳନ ମହାସଂଘର ଯୁଗ୍ମ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

ଏସିଆନ ସୁଟିଂରେ ମାନୁ ଚତୁର୍ଥ

## ନୀରୁ ଧାଣ୍ଡାଙ୍କୁ ଡବଲ ସ୍ୱର୍ଣ୍ଣ



ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତିଥିବା ମାନୁ ଭାକର କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଭାରତକୁ ନିରାଶ କରିଛନ୍ତି। ଆଜି ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମାନୁ ଚତୁର୍ଥ ଓ ତାଙ୍କ ସାଥି ଇଶା ସିଂ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ମାନୁ ଓ ଇଶା ବିଫଳ ହୋଇଥିଲେ ମଧ୍ୟ ଭାରତକୁ ଆଜି ଅନୁଷ୍ଠିତ ଇଭେଣ୍ଟରେ ଏକାଧିକ ପଦକ ମିଳିଛି। ଜାତୀୟ ଚାମ୍ପିଅନ ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ସ୍ୱର୍ଣ୍ଣ ବିଜୟୀ କରାଇଛନ୍ତି। ଏହି ଇଭେଣ୍ଟରେ ଆଉ ଜଣେ ଭାରତୀୟ ଅସୀମା ଆଲୱତ କାଂସ୍ୟ ପଦକ ହାସଲ କରିଛନ୍ତି। ନୀରୁ ୪୩ ଓ ଅସୀମା ୨୯ ପଏଣ୍ଟ ପାଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଚୀନ୍ ଓ କୁଏତକୁ ପଛରେ ପକାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି। ମହିଳା ଟ୍ରାପ୍‌ରେ ନୀରୁ, ଅସୀମା ଓ ପ୍ରୀତି ରଜାକ୍ ୩୧୯ ପଏଣ୍ଟ ସ୍କୋର କରି ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତକୁ ତୃତୀୟ ପଦକ ମିଳିଛି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ। ବ୍ୟକ୍ତିଗତ ବିଭାଗରେ ଭାରତ କୌଣସି ପଦକ ଜିତି ନ ଥିଲେ ମଧ୍ୟ ଦଳଗତ ବିଭାଗରେ ମାନୁ, ଇଶା ଓ ସିମରନପ୍ରୀତ୍ କୌର ବ୍ରାର କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

■ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ପ୍ରଥମରୁ ହାରିଲେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା

ପ୍ୟାରିସ, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିଁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ତାରକା ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଲକ୍ଷ୍ୟ ୧୭-୨୧, ୧୯-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ସି ୟୁକ୍ୱିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଦୁଇ ଓଡ଼ିଆ ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ପ୍ରଥମ ରାଉଣ୍ଡରେ ହାରିଯାଇଛନ୍ତି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ୧୨-୨୧, ୧୧-୨୧ ଗେମ୍‌ରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲା ଓ ଷ୍ଟିଫାନି ଷ୍ଟୋଏଭାଙ୍କ ନିକଟରୁ ପରାସ୍ତ ହୋଇଥିଲେ।

### ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ପ୍ରୀତିସ୍ମିତାଙ୍କ ରେକର୍ଡ




ଭୁବନେଶ୍ୱର,୨୫।୮ (ସମିସ)

ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ ୩ଟି ରେକର୍ଡ ସହ ଅହମ୍ମଦାବାଦରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତିଯୋଗିତାର ପ୍ରଥମ ଦିନରେ ରାଜ୍ୟକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ଢେଙ୍କାନାଳ ସବ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରୀତିସ୍ମିତା ୪୪ କିଲୋଗ୍ରାମ୍ କାଟାଗୋରୀରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୬୩ କିଲୋଗ୍ରାମ୍, କ୍ଲିନ୍ ଆଣ୍ଡ ଜର୍କରେ ୮୭ କିଲୋଗ୍ରାମ୍ ଓ ମୋଟରେ ୧୫୦ କିଲୋଗ୍ରାମ୍ ଓଜନ ଉଠାଇ ସମସ୍ତ ବିଭାଗରେ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଛନ୍ତି। ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶାର ଏହି ତାରକା ଭାରୋତ୍ତୋଳକ ଢେଙ୍କାନାଳରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ଏବେ ଉତ୍ତରପ୍ରଦେଶର ମୋଦି ନଗରରେ ଥିବା କୋର୍ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସାନଭଉଣୀ ବିଦୁସ୍ମିତା ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

## ସ୍ୱର୍ଣ୍ଣ ସହ ଫେରିଲେ ମୀରାବାଇ ଚାନୁ



**ଅହମ୍ମଦାବାଦ୍** : ଷ୍ଟାର ଭାରୋତ୍ତୋଳକ ମୀରାବାଇ ଚାନୁ ମହିଳା ୪୮ କିଲୋଗ୍ରାମ୍ ଶ୍ରେଣୀରେ ୩ଟି ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୯ ଓ ମୋଟରେ ୧୯୩ କେଜି ଓଜନ ଉଠାଇ ୩ଟି ରେକର୍ଡ କରିଥିଲେ। ଆଘାତ ସମସ୍ୟା ଯୋଗୁ ସେ ଦୀର୍ଘ ୧ ବର୍ଷ ହେଲା କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ।

### ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

## ସେମିରେ ଓଡିଏମ୍, ଡିଏଭି ପୋଖରୀପୁଟ

ଭୁବନେଶ୍ୱର,୨୫।୮ (ସମିସ): ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ୪-୧ ପେନାଲ୍ଟି ଗୋଲରେ ୟୁନିଟ୍-୧ ସରକାରୀ ହାଇସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପୋଖରୀପୁଟର ଅପ୍ରମିତ ପ୍ରଧାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଗୌରୀ ପ୍ରହରାଜ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ମଧୁସୂଦନ ରେଡ୍ଡୀ ଓଡ଼ିଏମ୍‌ର ଶ୍ରୀଜଲ କିସ୍କୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ କିସ ବନାମ ବିଜେଇଏମ୍‌ଓ ଦ୍ୱିତୀୟ ମ୍ୟାଚ୍‌ରେ ମଦର୍ସ ପବ୍ଲିକ୍ ସ୍କୁଲ ସହ ବିକାଶ ରେସିଡେନ୍‌ସିଆଲ ସ୍କୁଲର ମୁକାବିଲା ହେବ।




ଶ୍ରୀଜଲ କିସ୍କୁ




ଅପ୍ରମିତ ପ୍ରଧାନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS